

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-252 ◆BHUBANESWAR ◆SUNDAY ◆9 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୫୨ ◆ଭୁବନେଶ୍ୱର ◆ରବିବାର ◆୯ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)



ବିଭାଜନ ମନ୍ତବ୍ୟ ଦେଇ ବିବାଦରେ ବିଜେପି ବିଧାୟକ ଜୟନାରାୟଣ

ଭିତର ପୃଷ୍ଠାରେ

କର୍ଣ୍ଣାଟକରେ ବିଦେଶୀ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ, ଓଡ଼ିଆ ଯୁବକଙ୍କ ହତ୍ୟା


## ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ୍ ଆଜି

■ ଦୁବାଇ,୮।୩ (ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ନବମ ଆଇସିସି ଚାମ୍ପିଅନ୍ସ ଟ୍ରଫିର ଗ୍ରାଣ୍ଡ ଫାଇନାଲ୍ ଆସନ୍ତାକାଲି ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭାରତ ଓ ଦକ୍ଷିଣ ଆଫ୍ରିକାକୁ ନ୍ୟୁଜିଲାଣ୍ଡ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଦଳରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ମହମ୍ମଦ୍ ସାମିଙ୍କ ଲାଗି ଏହା ଶେଷ ଚାମ୍ପିଅନ୍ସ ଟ୍ରଫି ହୋଇପାରେ। ଏଣୁ ଏମାନେ ଭାରତକୁ ଟାଇଟଲ ଜିତାଇବା ଲାଗି ସମସ୍ତ ପ୍ରକାର ଉଦ୍ୟମ କରିବେ। ତେବେ ନ୍ୟୁଜିଲାଣ୍ଡର ବାମହାତୀ କ୍ୱାଲିଟି



ସ୍ପିନର ଅଧିନାୟକ ମିଚେଲ ସାଣ୍ଟନର, କେନ୍ ୱିଲିୟମ୍‌ସନ୍ ଓ ରାଚିନ ରବୀନ୍ଦ୍ର ଭାରତ ପାଇଁ ଘାତକ ସାଜିପାରନ୍ତି। ଦୁବାଇର ଏହି ଧିମା ପିଚ୍‌ରେ ସ୍ପିନର୍‌ମାନେ ହିଁ ନିର୍ଣ୍ଣାୟକ ଭୂମିକା ନେବେ ବୋଲି କ୍ରିକେଟ ବିଶାରଦମାନେ ଆକଳନ କରୁଛନ୍ତି।

ବିଶଦ ବିବରଣୀ ଖେଳ ପୃଷ୍ଠାରେ...






## ସରକାରଙ୍କ ରାଜନୈତିକ ଅଭିସନ୍ଧିକୁ ନବୀନଙ୍କ ଭର୍ତ୍ସନା

# ପ୍ରଚାରରେ କୋଟିକୋଟି; ମା'ଙ୍କୁ କାଣିଚାଏ

### ଦିନକୁ ୨୭ ଟଙ୍କାରେ କ୍ଷୀର ପ୍ୟାକେଟଟିଏ ବି କିଣିହେବନି



**ବିଜୁବାବୁଙ୍କୁ ଅପମାନିତ କରିଛି ଡବଲ ଇଞ୍ଜିନ୍**

**ସ୍ୱାଭିମାନୀ ମା'ମାନଙ୍କୁ ବିଭ୍ରାନ୍ତ କରିବାକୁ ସରକାର ଉଦ୍ୟମ କରୁଛନ୍ତି**

**ମିଶନ ଶକ୍ତି ଭଳି ଲୋକପ୍ରିୟ କାର୍ଯ୍ୟକ୍ରମକୁ ବନ୍ଦ ପାଇଁ ଚାଲିଛି ଷଡ଼ଯନ୍ତ୍ର**

■ ଭୁବନେଶ୍ୱର, ୮।୩ (ସମିସ): ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ବାବୁ ଅଭୁଲା ଛାପ ଛାଡ଼ିଯାଇଛନ୍ତି। ତାଙ୍କ ଆଦର୍ଶରେ ବିଜୁ ଜନତା ଦଳ ସରକାର ମା'ମାନଙ୍କ ହାତମୁଠାକୁ ଟାଣ କରିଛନ୍ତି; କିନ୍ତୁ ଡବଲ ଇଞ୍ଜିନ୍ ସରକାର ବିଜୁ ବାବୁଙ୍କୁ ଅପମାନିତ କରିଛନ୍ତି। ମା' ମାନଙ୍କୁ ଆତ୍ମନିର୍ଭରଶୀଳ କରୁଥିବା ଲୋକପ୍ରିୟ କାର୍ଯ୍ୟକ୍ରମ ସବୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର ସହ ସ୍ୱାଭିମାନୀ ମା' ମାନଙ୍କୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରାଯାଉଛି ବୋଲି ବିଜେପି ସରକାରଙ୍କ ରାଜନୈତିକ ଅଭିସନ୍ଧିକୁ କଟୁସ୍ୱରରେ ଭର୍ତ୍ସନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

ଶଙ୍ଖ ଭବନରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସରେ ବକ୍ତବ୍ୟ ରଖି ନବୀନ ପଟ୍ଟନାୟକ କହିଛନ୍ତି ଯେ ପ୍ରଚାର ପ୍ରସାର ପାଇଁ ଡବଲ ଇଞ୍ଜିନ୍ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ମା' ମାନଙ୍କୁ ଦିନକୁ ମାତ୍ର ୨୭ ଟଙ୍କା ଦେଇ ବାହାଦୂରୀ ନେବାର ସୁଯୋଗ ହାତଛଡ଼ା କରୁନାହାନ୍ତି। ୨୭ ଟଙ୍କାରେ ମା'ମାନେ ନିଜ ପରିବାର ପାଇଁ ଏକ ▶ପୃଷ୍ଠା-୭







## ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇଲେ କେବଳ ମହିଳା

**ମହିଳା ଦିବସରେ ନାରୀଶକ୍ତିକୁ ଶ୍ରେୟ**

ମୁମ୍ବଇ,୮।୩(ଏଜେନ୍ସି): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାଙ୍କୁ ସମ୍ମାନ ଏବଂ ଶ୍ରେୟ ଦେବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଥିଲା। ମୁମ୍ବଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍‌ରୁ ସିରିଡ଼ି ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସର ସମସ୍ତ ଦାୟିତ୍ୱ ମହିଳା



କ୍ରୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସେହି ଅନୁସାରେ ଲୋକୋ ପାଇଲଟ୍‌ଙ୍କ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଦାୟିତ୍ୱ ମହିଳାମାନେ ପରିଚାଳନା କରିଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ ନଂ ୨୨୨୨୩ ମହିଳା ଲୋକୋ-ପାଇଲଟ, ସହକାରୀ ଲୋକୋ-ପାଇଲଟ, ମ୍ୟାନେଜର ଏବଂ ଅନ୍ୟ ମହିଳା କର୍ମଚାରୀଙ୍କ ସହ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍‌ରୁ ସିରିଡ଼ି ଅଭିମୁଖେ ଯାତ୍ରା କରିଥିଲା।

## କଠୁଆରୁ ମିଳିଲା ୩ ନିଖୋଜ ବ୍ୟକ୍ତିଙ୍କ ଶବ



ନୂଆଦିଲ୍ଲୀ,୮।୩(ଏଜେନ୍ସି): ଜମ୍ମୁ କଶ୍ମୀରର ଆତଙ୍କବାଦୀ ପ୍ରଭାବିତ କଠୁଆ ଜିଲ୍ଲାରେ ତିନି ତଳେ ନିଖୋଜ ହୋଇଯାଇଥିବା ଲୋକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ସକାଳେ ଜମ୍ମୁ କଶ୍ମୀର ପୁଲିସ ଏକ ୧୪ ବର୍ଷର ନାବାଳକ ସହିତ ତିନି ଜଣଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର କରିଛି। ମୃତକମାନେ ଯୋଗେଶ ସିଂ, ଦର୍ଶନ ସିଂ ଏବଂ ନାବାଳକ ବରୁଣ ସିଂ ବୋଲି ଚିହ୍ନଟ କରାଯାଇଛି। ଏହି ଲୋକମାନେ ଜଙ୍ଗଲ ରାସ୍ତା ଦେଇ ଆସୁଥିଲା ବେଳେ ବାଟବଣା ହୋଇ ନିଖୋଜ ହୋଇଯାଇଥିଲେ ବୋଲି ମୃତକଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଥିଲା। ଏପହାରେ ଜମ୍ମୁ କଶ୍ମୀର ପୁଲିସ ପକ୍ଷରୁ ସେମାନଙ୍କୁ ଠାବ କରିବାକୁ ଅପରେସନ ଆରମ୍ଭ କରାଯାଇଥିଲା। ତେବେ ଶନିବାର ଡ୍ରୋନ ଚିତ୍ରକୁ ଆଧାର କରି ପୁଲିସ ସମସ୍ତଙ୍କ ମୃତଦେହ ଉଦ୍ଧାର କରିଛି। ସେମାନଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ପଠାଇ ଦିଆଯାଇଥିଲା ବେଳେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ନିଆଁ ଓ ମଲମ

ଗତକିଛି ଦିନ ଧରି ମୋଗଲ ସମ୍ରାଟ ଔରଙ୍ଗଜେବଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ବିତର୍କ ଚାଲିଛି। କିଛି ଐତିହାସିକ ମୁଗଲ ସମ୍ରାଟଙ୍କ ସପକ୍ଷରେ ଯୁକ୍ତି ବାଢ଼ି କହୁଛନ୍ତି ଯେ ତାଙ୍କୁ ନେଇ ଇତିହାସକୁ କଦର୍ଥ କରାଯାଇଛି। ଅନ୍ୟ କେତେକ ଐତିହାସିକ ଔରଙ୍ଗଜେବ ଜଣେ ନିଷ୍ଠୁର ଶାସକ ଓ ତାଙ୍କ ଶାସନ କାଳରେ ଅତ୍ୟାଚାର ସବୁ ସୀମା ଟପିଯାଇଥିଲା ବୋଲି କହୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏମିତି ଟ୍ରେଣ୍ଡ ଚାଲିଥିବା ବେଳେ ମହାରାଷ୍ଟ୍ରରେ ସମାଜବାଦୀ ପାର୍ଟି ବିଧାୟକ ଅବୁ



**ହଟ୍ ସ୍ପଟ୍**

ଆଜମୀ ମୁଗଲ ସମ୍ରାଟଙ୍କ ସପକ୍ଷରେ ମନ୍ତବ୍ୟ ଦେଇ ରାଜ୍ୟ ରାଜନୀତିରେ ନିଆଁ ଲଗାଇଦେଇଛନ୍ତି। ଜାଣତରେ ହେଉ କି ଅଜାଣତରେ ହେଉ, ତାଙ୍କର ଏଭଳି ମନ୍ତବ୍ୟ ଯେ ମହାରାଷ୍ଟ୍ର ରାଜନୀତିକୁ ଏମିତି ସରଗରମ କରି ।।ଦେବ, ତାହା କେହି କେବେ କଳ୍ପନା କରିନଥିଲେ। ଏଭଳି ମନ୍ତବ୍ୟ ଦେଇ ସେ ଚଳିତ ବିଧାନସଭାର ଅବଶିଷ୍ଟ ଦିନ ପାଇଁ ନିଲମ୍ବିତ ହେଲେ। କିନ୍ତୁ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଏହି ପ୍ରସଙ୍ଗକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ସେମାନଙ୍କ ମତରେ ଅବୁ ଆଜମୀଙ୍କ ମନ୍ତବ୍ୟ ବିଜେପି ଏବଂ ଶିବ ସେନାକୁ ପୁଣି ନିକଟତର କରିଛି। କାରଣ କିଛି ଦିନ ହେଲା ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ଫଡ୍‌ନାଭିସ ଏବଂ ଶିବ ସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧ୍ୟରେ ମତଭେଦ ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦୂରତା ବଢ଼ି ବଢ଼ି ଯାଉଥିଲା। କେହି ପରସ୍ପରକୁ ଚାହୁଁନଥିଲେ। ଉଭୟ ସରକାର ଏବଂ ଏନଡିଏରେ ସିନ୍ଦେ ଏକ ପ୍ରକାର କୋଣଠେସା ହୋଇଯାଇଥିଲେ। କିନ୍ତୁ ଅବୁ ଆଜମୀଙ୍କ ଔରଙ୍ଗଜେବ ମନ୍ତବ୍ୟ ଫଡ୍‌ନାଭିସ ଏବଂ ସିନ୍ଦେଙ୍କୁ ଗୋଟିଏ ମଞ୍ଚକୁ ନେଇ ଆସିଲା। ସିନ୍ଦେ ଆଜମୀଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ବିରୋଧ କରିବା ସହିତ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ଦାବି କରିଥିଲେ। ଆଜମୀ-ବିରୋଧୀ ଅଭିଯାନରେ ସିନ୍ଦେ ଯେଉଁଭଳି ଭୂମିକା ନେଲେ ତାହା ତାଙ୍କୁ ଫଡ଼ନାଭିସଙ୍କ ନିକଟତର ହେବାକୁ ସହାୟକ ହୋଇଛି ବୋଲି କୁହାଯାଉଛି। କାରଣ ତାଙ୍କୁ ସମର୍ଥନ କରି ଫଡ୍‌ନାଭିସ କହିଛନ୍ତି ଯେ ଆଜମୀ ନିଶ୍ଚିତ ଭାବେ ଜେଲ ଯିବେ। ଅନ୍ୟପକ୍ଷରେ ଉଦ୍ଧବ ଠାକରେଙ୍କ ଶିବ ସେନା ଏହି ପ୍ରସଙ୍ଗକୁ ଭିନ୍ନ ଢଙ୍ଗରେ ଦେଖୁଛି। ଦଳର ନେତା ଅରବିନ୍ଦ ସାୱନ୍ତ ଆଜମୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି ସତ, କିନ୍ତୁ ଏହା ପଛରେ ବିଜେପିର ହାତ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଜଣେ ସରପଞ୍ଚ ହତ୍ୟା ମାମଲାରେ ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ ଇସ୍ତଫା ଦେଇଥିଲେ। ତାଙ୍କୁ ନେଇ ରାଜନୀତି ସରଗରମ ଥିଲା ଏବଂ ବିଧାନସଭାରେ ଏହି ପ୍ରସଙ୍ଗ ଆସିବାର ଥିଲା। ଏଥିରୁ ଲୋକମାନଙ୍କର ଦୃଷ୍ଟି ହଟାଇବା ଲାଗି ଆଜମୀଙ୍କୁ ଅସ୍ତ୍ର କରିଛନ୍ତି ବିଜେପି ନେତା। କିନ୍ତୁ କଥା ଯାହା ହେଉପଛେ ଏହି ଘଟଣା ଫଡ୍‌ନାଭିସ ଏବଂ ସିନ୍ଦେଙ୍କ ମଧ୍ୟରେ ରହିଥିବା ତିକ୍ତତାକୁ ଦୂର କରିବାରେ ସହାୟକ ହୋଇଛି।

ମହାରାଷ୍ଟ୍ରରେ ଏନ୍‌ଡିଏ ଅଂଶୀଦାରଙ୍କୁ ଏକାଠି କରିବାରେ ସହାୟକ ହୋଇଥିବା ଏହି ପ୍ରସଙ୍ଗ ଏବେ ମହାରାଷ୍ଟ୍ର ସୀମା ଅତିକ୍ରମ କରି ବିହାରରେ ଯାଇ ବିଭାଜନ ସୃଷ୍ଟି କଲାଣି। ବିହାରରେ ଏନଡିଏ ସରକାର ରହିଛି। ନୀତୀଶଙ୍କ ନେତୃତ୍ୱାଧୀନ ଏହି ସରକାରରେ ଜେଡିୟୁ ଏବଂ ବିଜେପି ଅଂଶୀଦାର ଅଛନ୍ତି। ଔରେଙ୍ଗଜବ ପ୍ରସଙ୍ଗରେ ଜେଡିୟୁର ଜଣେ ନେତା ଅବୁ ଆଜମୀଙ୍କୁ ସମର୍ଥନ କରିବା ପରେ ବିଜେପି ନେତାମାନେ ବିରକ୍ତି ପ୍ରକାଶ କରିଛନ୍ତି। ସଂପୃକ୍ତ ଜେଡିୟୁ ବିଧାୟକ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ପ୍ରସଙ୍ଗ ଶାସକ ମଣ୍ଟ ପାଇଁ ସମ୍ବେଦନଶୀଳ ହୋଇପଡ଼ିଛି। ବିଜେପି ଓ ଜେଡିୟୁର କିଛି ନେତା ତାଳିପକା ଉଦ୍ୟମ କରିବାକୁ ଯାଇ ଇତିହାସ ବଦଳରେ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାସତ୍ତ୍ୱେ ମେଣ୍ଟରେ ବିବାଦ ଥମୁନି। ଉଭୟ ଦଳର ନେତା ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାର ନିରବ ରହିଛନ୍ତି।

# ରାହୁଲଙ୍କ ବିସ୍ଫୋରକ ବୟାନ

## ଗୁଜରାଟ କଂଗ୍ରେସର ଅଧାରୁ ଅଧିକ ନେତା ବିଜେପି ସହ ରହିଛନ୍ତି

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଗୁଜରାଟ କଂଗ୍ରେସକୁ ନେଇ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ବଡ଼ ଅଭିଯୋଗ ଆଣିଛନ୍ତି। ଏଠାକାର ଦଳୀୟ ନେତାଙ୍କ ମଧ୍ୟରୁ ଅଧାରୁ ଅଧିକ ନେତା ଗୁପ୍ତରେ ବିଜେପି ସହ କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ ଦଳରୁ ବିଦା କରାଯିବ ବୋଲି ରାହୁଲ କହିଛନ୍ତି। ଏଭଳି କିଛି ନେତାଙ୍କ ବାଦ୍ ଦେଇ ବିଜେପି ପାଇଁ କାର୍ଯ୍ୟ କରୁଛନ୍ତି। ଦଳରେ ନିଷ୍ଠାବାନ ନେତାଙ୍କ ଅଭାବ ନାହିଁ। କିନ୍ତୁ ଯେଉଁମାନଙ୍କ ଗୋଡ ଶିକୁଳିରେ ବନ୍ଧା ହୋଇଛି ସେମାନେ ଦଳୀୟ କାର୍ଯ୍ୟକ୍ରମକୁ ଆଗକୁ ନେଇପାରୁ ନାହାନ୍ତି। ଗୁଜରାଟବାସୀ ପରିବର୍ତ୍ତନ ଚାହୁଁଥିଲେ ମଧ୍ୟ ଏଭଳି ନେତାମାନଙ୍କୁ ନେଇ ଦଳୀୟ କାର୍ଯ୍ୟକ୍ରମ ଆଗକୁ ଯାଇପାରୁ ନାହିଁ ଏବଂ ଲୋକଙ୍କୁ ସେବା ମିଳିପାରୁ ନାହିଁ ବୋଲି ରାହୁଲ

**୪୦ ନେତାଙ୍କୁ ବାହାର କରିବାକୁ ଦଳ ପ୍ରସ୍ତୁତ**

ପାଇଁ ଗୁଜରାଟରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କଂଗ୍ରେସକୁ ସଫଳତା ମିଳିପାରୁ ନାହିଁ ବୋଲି ରାହୁଲ କହିଛନ୍ତି। ବର୍ତ୍ତମାନ ରାହୁଲ ଗୁଜରାଟ ଗସ୍ତରେ ରହିଥିଲା ବେଳେ ଶନିବାର ଅହମ୍ମଦାବାଦରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ, ଗୁଜରାଟରେ ଯେଉଁ ନେତାମାନେ ଦଳର ନେତୃତ୍ୱ ନେଉଛନ୍ତି ସେମାନେ ଦୁଇ ଗୋଷ୍ଠୀର। ଗୋଟିଏ ଗୋଷ୍ଠୀ ଲୋକମାନଙ୍କ ସହ ରହି ଦଳୀୟ ବିଚାରଧାରା ଅନୁସାରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଆଉ ଏକ ଗୋଷ୍ଠୀ ଲୋକମାନଙ୍କ ଠାରୁ ଦୂରେଇ ଯିବା ସହିତ କଂଗ୍ରେସ ବିଚାରଧାରାକୁ କହିଛନ୍ତି। ଦଳରେ ରହିଥିବା ଏଭଳି ନେତା ଯଦି ଲୋକସମ୍ପର୍କ ବଢାଇ ନ ପାରିବେ ତେବେ ଦଳ କିଭଳି ଆଗକୁ ବଢ଼ିବ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ଦଳରେ ରହିଥିବା ଏହି ନେତାମାନଙ୍କ ପାଇଁ ଗୁଜରାଟ କଂଗ୍ରେସର ଆଭ୍ୟନ୍ତରୀଣ ସ୍ଥିତି ମଧ୍ୟ ଦୁର୍ବଳ ହେବା ସହିତ ବହୁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ସେଭଳି ନେତାମାନଙ୍କୁ ଚିହ୍ନଟ କରି ତୁରନ୍ତ ଦଳରୁ ବିଦା କରାଯିବା ଉଚିତ ବୋଲି ରାହୁଲ କହିଛନ୍ତି। ଯେଉଁମାନେ ବିଜେପି ପାଇଁ କାର୍ଯ୍ୟ କରିବାକୁ ଆଗ୍ରହୀ ସେମାନେ ଲୁଚିଛପି କାହିଁକି କରିବେ, ସେମାନଙ୍କୁ ମୁକ୍ତ କରାଯିବା ଉଚିତ ବୋଲି



ସେ କହିଛନ୍ତି। ଯେଉଁ ପର୍ଯ୍ୟନ୍ତ ଗୁଜରାଟବାସୀ କଂଗ୍ରେସ ଦଳକୁ ବିଶ୍ୱାସକୁ ନ ନେଇଛନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସକୁ ଭୋଟ ଦେବେ ନାହିଁ। କିନ୍ତୁ ଦଳରେ ଏଭଳି ନେତା ରହିଲେ କଂଗ୍ରେସ ପ୍ରତି ଲୋକମାନଙ୍କ ବିଶ୍ୱାସ କିଭଳି ଆସିବ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

### ବିଜେପିର କଟାକ୍ଷ: ରାହୁଲ ଆମ ପାଇଁ 'ବରଦାନ'



ଗୁଜୁରାଟ କଂଗ୍ରେସକୁ ନେଇ ରାହୁଲ ଗାନ୍ଧୀ ଦେଇଥିବା ବୟାନ ପରେ ରାଜନୀତି ଉଷ୍ମ ହୋଇଛି। ନିଜ ଦଳର ନେତାଙ୍କୁ ନେଇ ରାହୁଲ ଏଭଳି ଟିପ୍ପଣୀ କରିବା ପରେ କଂଗ୍ରେସକୁ ଘେରିଛି ବିଜେପି। ରାହୁଲ ନିଜ ସହିତ ଦଳକୁ ଟ୍ରୋଲ କରି ନିଜକୁ ନିଜେ ଆଇନା ଦେଖାଇଛନ୍ତି। ଗୁଜରାଟରେ କଂଗ୍ରେସ ଲଗାତର ପରାଜିତ ହେବା ଏବଂ ବିଜୟ ପାଇଁ ଦଳକୁ ନେତୃତ୍ୱ ଦେବାକୁ ସେ ଅକ୍ଷମ ହେବା ପ୍ରକାଶ କରିବା ତାଙ୍କର ମହାନ ଉଦାରତାର ପରିଚୟ ଦେଇଛି। ଏଭଳି ଉଦାରତା ପାଇଁ ରାହୁଲ ବିଜେପିର ସବୁଠୁ ବଡ଼ ସମ୍ପତ୍ତି (ବରଦାନ) ପାଲଟିଛନ୍ତି ବୋଲି ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଶେହଜାଦ ପୁନାୱାଲା କଟାକ୍ଷ କରି କହିଛନ୍ତି। ସେହିପରି ରାହୁଲ ଏବେ ନିଜ ଲୋକଙ୍କୁ ମଧ୍ୟ ଦୋଷ ଦେବା ଆରମ୍ଭ କରିଛନ୍ତି ବୋଲି ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କହିଛନ୍ତି। ସେ କହିଛନ୍ତି ଯେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ହିଁ ନିଜ ଦଳର ସଦସ୍ୟଙ୍କୁ ସାର୍ବଜନୀନ ଭାବରେ ଅପମାନିତ କରିପାରିବେ। ଗଣମାଧ୍ୟମ ଉପରେ ଦୋଷ ଲଦିବା ପରେ ରାହୁଲ ଏବେ ନିଜ ଦଳର ନେତାଙ୍କୁ ଅପମାନିତ କରିବା ଆରମ୍ଭ କରିଦେଇଛନ୍ତି। ଏହା ତାଙ୍କ ମାନସିକ ଅବସ୍ଥା ଖରାପ ହେବାର ପରିଣାମ ବୋଲି ସୁଧାଂଶୁ କହିଛନ୍ତି।

## ମଣିପୁରରେ ପୁଣି ହିଂସା, ଜଣେ ମୃତ; ୧୬ ଆହତ

ଇମ୍ଫାଲ,୮।୩(ଏଜେନ୍ସି): ମଣିପୁରରେ ପ୍ରାୟ ଦୁଇ ବର୍ଷ ପରେ କୁକି ଏବଂ ମେଇତି ବହୁଳ ଇଲାକାରେ ପୁଣି ହିଂସା ଘଟିଛି। ରାଜ୍ୟରେ ବର୍ତ୍ତମାନ ରାଷ୍ଟ୍ରପତି ଶାସନ ଜାରି ରହିଥିଲା ବେଳେ ମାର୍ଚ୍ଚ ୮ରୁ ମୁକ୍ତ ଚଳାଚଳ ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଏହାକୁ କୁକି ସମାଜ ପକ୍ଷରୁ ବିରୋଧ କରାଯାଇ ବିକ୍ଷୋଭ କରାଯିବା ସହିତ ରାସ୍ତା ବନ୍ଦ କରାଯିବାରୁ ସ୍ଥିତି ମୁକାବିଲା କରିବାକୁ ସୁରକ୍ଷାବଳ ପଦକ୍ଷେପ ନେଇଥିଲା। ଏହି ପରିପ୍ରେକ୍ଷୀରେ କୁକି ଏବଂ ସୁରକ୍ଷାବଳ ମୁହାଁମୁହିଁ ହେବାରୁ ଜଣଙ୍କ ମୃତ୍ୟୁ ହେବା ସହିତ ୧୬ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସେପଟେ ମେଇତି ସମାଜ ପକ୍ଷରୁ ବାହାରିଥିବା ଶାନ୍ତି ଶୋଭାଯାତ୍ରାକୁ ନେଇ ମଧ୍ୟ ପରିସ୍ଥିତି ଭିନ୍ନ ରୂପ ନେଇଛି।

ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୮ ତାରିଖରୁ ମଣିପୁରରେ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିବା ସହିତ ରାଜ୍ୟର ସମସ୍ତ ଭାଗରେ ଲୋକମାନେ ଯେଭଳି ମୁକ୍ତ ଚଳାଚଳ କରିବେ ତାହା ଆରମ୍ଭ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଣିପୁର ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏଥିରେ କେହି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଶନିବାର ଇମ୍ଫାଲ, ଚୁରାଚାନ୍ଦପୁର, କାଙ୍ଗପୋକପି, ବିଷ୍ଣୁପୁର ଏବଂ ସେନାପତିକୁ ସଂଯୁକ୍ତ କରୁଥିବା କୁକି ଏବଂ ମେଇତି ସଂପ୍ରଦାୟ ବହୁଳ ବିଭିନ୍ନ ରୁଟ୍‌ରେ ଯାନବାହନ ଚଳାଚଳ ଆରମ୍ଭ ହୋଇଥିଲା। କିନ୍ତୁ ଏହାକୁ

**ମୁକ୍ତ ଯାନବାହନ ଚଳାଚଳକୁ କୁକି ସଂପ୍ରଦାୟର ବିରୋଧ**

ବିରୋଧ କରି ପ୍ରଥମେ କୁକି ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବିକ୍ଷୋଭକାରୀମାନେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ନାରାବାଜି କରିଥିଲେ। ସେମାନେ ବିଭିନ୍ନ ରୁଟ୍‌ରେ ରାସ୍ତାରେ ଗଛ ପକାଇ ଯାନବାହନ ଚଳାଚଳ ଅବରୋଧ କରିବା ସହିତ କାହାରିକୁ ଯିବାକୁ ଦେଇ ନଥିଲେ। ଏପରିକି କିଛି ସରକାରୀ ଏବଂ ଘରୋଇ ଗାଡିରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଜାଳି ଦେଇଥିଲେ। ଏଭଳି ସ୍ଥିତିକୁ ନେଇ ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ।



କିନ୍ତୁ ବିକ୍ଷୋଭକାରୀମାନେ ସୁରକ୍ଷାବଳ ଉପରକୁ ଟେକା ପଥର ମାଡ଼ କରିଥିଲେ। ସ୍ଥିତି ଅଧିକ ଜଟିଳ ହେବାରୁ ସୁରକ୍ଷାବଳ ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରେ ଲାଠି ମାଡ଼ କରାଯାଇଥିଲା। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହିତ ୧୬ ଜଣ ଆହତ ହୋଇଥିବା କୁହାଯାଇଛି। ଟେକା ପଥର ମାଡ଼ରେ କିଛି ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ସେପଟେ ମେଇତି ସଂପ୍ରଦାୟ ପକ୍ଷରୁ ବାହାରି ଥିବା ଶାନ୍ତି ଶୋଭାଯାତ୍ରାକୁ ନେଇ ମଧ୍ୟ ପରିସ୍ଥିତି ଜଟିଳ ହୋଇପଡ଼ିଛି।

## ୟୁନୁସ୍ ସରକାରକୁ ସତର୍କ କଲା ଭାରତ: ହିନ୍ଦୁଙ୍କ ସୁରକ୍ଷା ନିଶ୍ଚିତ କର

ନୂଆଦିଲ୍ଲୀ,୮।୩(ଏଜେନ୍ସି): ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଚାଲିଥିବା କ୍ରମାଗତ ଆକ୍ରମଣ ଓ ନିର୍ଯାତନା ନେଇ ଭାରତ ସରକାରଙ୍କ ପକ୍ଷରୁ ବାଂଲାଦେଶର ଅନ୍ତରୀଣ ୟୁନୁସ୍ ସରକାରଙ୍କୁ ସତର୍କ କରାଇ ଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବାଂଲାଦେଶକୁ ସତର୍କ କରାଯିବା ସହ ହିନ୍ଦୁମାନଙ୍କ ସୁରକ୍ଷା କରିବା ସେଠାକାର ସରକାରଙ୍କ ଦାୟିତ୍ୱ ବୋଲି କୁହାଯାଇଛି। ଭାରତ ବାଂଲାଦେଶରେ ଏକ ସ୍ଥିର ଓ ସମାବେଶୀ ସରକାରକୁ ସମର୍ଥନ କରୁଛି ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। କିନ୍ତୁ ବାଂଲାଦେଶରେ ଇସ୍‌ଲାମିକ କଠୋରବାଦୀ ସଂଗଠନଗୁଡିକ ପକ୍ଷରୁ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇ ଯେଭଳି ହିଂସା କରାଯାଉଛି ତାହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ହିନ୍ଦୁଙ୍କ ସମ୍ପତ୍ତି ଓ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ନିଶାଣ କରାଯାଉଥିଲା ବେଳେ ହିଂସାରେ ଅନେକ ହିନ୍ଦୁଙ୍କ ଜୀବନ ଯାଇଛି। ଏଭଳି ସ୍ଥିତିରେ ସଂଖ୍ୟାଲଘୁ ହିନ୍ଦୁସମାଜକୁ ସୁରକ୍ଷା ଦେବା ବାଂଲାଦେଶର ଦାୟିତ୍ୱ ବୋଲି ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କଠୋରବାଦୀ ସଂଗଠନଗୁଡିକର କାର୍ଯ୍ୟକଳାପ ଦ୍ୱାରା ବାଂଲାଦେଶର ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ସ୍ଥିତି ଧାରଣ କରିଥିବାରୁ ଏହାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି। ବାଂଲାଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଭାରତ ଗୁରୁତ୍ୱାରୋପ କରିଛି।

## ନୀତୀଶ କୁମାର ରବିଶଙ୍କର ପ୍ରସାଦଙ୍କ ପାଦ ଛୁଇଁବାକୁ ନେଇ ଚର୍ଚ୍ଚା

ପାଟନା,୮।୩(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତିଶ କୁମାର ପାଟନା ସାହିବ ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ପାଦ ଛୁଇଁବାକୁ ଉଦ୍ୟମ କରିବା ବିଷୟ ଏବେ ରାଜନୈତିକ ମହଲରେ ବେଶ ଚର୍ଚ୍ଚା ପାଲଟିଛି। ଶନିବାର ରବିଶଙ୍କର ପ୍ରସାଦଙ୍କ ବାସଭବନରେ ହୋଲି ମିଳନ ଉତ୍ସବ ଆୟୋଜନ ହୋଇଥିଲା ବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏଥିରେ ଯୋଗ ଦେଇଥିଲେ। ତେବେ ମିଳନ କାର୍ଯ୍ୟକ୍ରମ ଶେଷ ହେବା ପରେ ନୀତିଶ ନିଜ ଗାଡି ଆଡକୁ ଯିବା ପୂର୍ବରୁ ରବିଶଙ୍କର ପ୍ରସାଦଙ୍କ ନିକଟକୁ ଯାଇ ତାଙ୍କ ପାଦ ଛୁଇଁବାକୁ ଉଦ୍ୟମ କରିଥିଲେ। ଏହାକୁ ରବିଶଙ୍କର ନିଜେ ରୋକିବାକୁ ଉଦ୍ୟମ କରିଥିଲା ବେଳେ ସେଠାରେ ଉପସ୍ଥିତ ଥିବା ଆଉ ଜଣେ ସାଂସଦ ମଧ୍ୟ ଏହାକୁ ବାରଣ କରିଥିଲେ। କିନ୍ତୁ ପରେ ପରେ ଉଭୟ ନେତା ପରସ୍ପରକୁ ଆଲିଙ୍ଗନ କରିଥିବା ଦେଖାଯାଇଥିଲା। ରବିଶଙ୍କର ନୀତିଶଙ୍କ ହାତକୁ ଟାଣି ଆଣି ତାଙ୍କୁ ଆଲିଙ୍ଗନ କରିଥିଲେ। ଏହାପୂର୍ବରୁ ଗତ ନଭେମ୍ବରରେ ମଧ୍ୟ ଦରଭଙ୍ଗାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ନୀତିଶ କୁମାରଙ୍କୁ ଏଭଳି ଦେଖିବାକୁ ମିଳିଥିଲା। ସେତେବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଦ ଛୁଇଁ ପ୍ରଣାମ କରିବାକୁ ଉଦ୍ୟମ କରିଥିଲା ବେଳେ ମୋଦୀ ତାଙ୍କୁ ରୋକି ଦେଇଥିଲେ। ତେବେ ଶନିବାର ଘଟଣାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷକରି ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଜେଡିୟୁ ଏବଂ ବିଜେପି ମେଣ୍ଟକୁ ନେଇ ନାନା ଆଲୋଚନା ଆରମ୍ଭ ହୋଇଛି।

## ଆମେରିକା ସହ ବୁଝାମଣା କରିବାକୁ ମନାକଲା ଇରାନ

ତେହରାନ,୮।୩(ଏଜେନ୍ସି): ଆମେରିକା ସହ କୌଣସି ବୁଝାମଣା କରାଯିବ ନାହିଁ ବୋଲି ଇରାନର ସର୍ବୋଚ୍ଚ ନେତା ଆୟୋତେଲ୍ଲା ଅଲ୍ଲି ଖାମନେଇ ଶନିବାର ଦୃଢୋକ୍ତି କରିଛନ୍ତି। ଇରାନ ସହ ବୁଝାମଣା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାମନେଇଙ୍କ ନିକଟକୁ ଏକ ପତ୍ର ଲେଖିଥିବା ଗତକାଲି କହିଥିଲେ। କିନ୍ତୁ ଏହାର ଦିନକ ପରେ ଇରାନ ଟ୍ରମ୍ପଙ୍କ ପ୍ରତି ଏହି



ଜବାବ ରଖିଛି। ଉଲ୍ଲେଖଯୋଗ୍ୟ ଯେ, ରାଷ୍ଟ୍ରପତି ଟ୍ରମ୍ପ ଇରାନ ପ୍ରସଙ୍ଗରେ ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାର ଦେଇଥିଲା ବେଳେ ଇରାନକୁ ଦୁଇଟି ଉପାୟରେ ନିୟନ୍ତ୍ରଣ କରିହେବ ବୋଲି କହିଥିଲେ। ଇରାନ ବିରୋଧରେ ସେନା ମୁତୟନ କରି କିମ୍ବା ସେଠାକୁ ପରମାଣୁ ଅସ୍ତ୍ରଶସ୍ତ୍ର ବନ୍ଦ କରିବା ନେଇ କୌଣସି ବୁଝାମଣା କରାଯାଇ ପାରିଲେ ଇରାନକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ବୟାନକୁ ନେଇ ଇରାନର ସର୍ବୋଚ୍ଚ ନେତା ଖାମନେଇ ଶନିବାର ନିଜର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ଜରୁରୀ ବୈଠକ କରି ଟ୍ରମ୍ପଙ୍କ ଆଭିମୁଖ୍ୟକୁ କଡ଼ା ନିନ୍ଦା କରିଥିଲେ। ଆମେରିକା ଇରାନ ଉପରେ ନିଜର ଇଚ୍ଛାକୁ ଜାହିର କରିବାକୁ ଉଦ୍ୟମ କରୁଥିବାରୁ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା ସମ୍ଭବ ନୁହେଁ ବୋଲି ଖାମନେଇ କହିଥିଲେ।

### ୟୁକ୍ରେନ ଉପରେ ୧୪୮ ଡ୍ରୋନ ଆକ୍ରମଣ

## ରାତିକରେ ୧୪ ଜଣଙ୍କ ମୃତ୍ୟୁ

କିଭ୍,୮।୩(ଏଜେନ୍ସି): ରୁଷିଆ ପକ୍ଷରୁ ପୂର୍ବ ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ରାତିରେ ଜୋରଦାର ଆକ୍ରମଣ ହୋଇଛି। ରୁଷ ସେନା ୧୪୮ ଡ୍ରୋନ ସହିତ ଦୋନେସ୍କ ଅଞ୍ଚଳରେ ୪ କ୍ଷେପଣାସ୍ତ୍ର ମାଡ଼ କରିବାରୁ ୧୪



ଜଣଙ୍କ ମୃତ୍ୟୁ ହେବା ସହିତ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଯୁଦ୍ଧ ବନ୍ଦ ନେଇ ବିଭିନ୍ନ ସ୍ତରରେ ଆଲୋଚନା ସତ୍ତ୍ୱେ ରୁଷିଆର ଏହି ଆକ୍ରମଣକୁ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି କଡ଼ା ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧକୁ ନେଇ ଆମେରିକା ଗୁଇନ୍ଦା ସୂଚନା ପ୍ରଦାନ ବନ୍ଦ କରିବା ପରେ ୟୁକ୍ରେନ ପାଇଁ ବଡ଼ ସମସ୍ୟା ଉପୁଜିଛି। ଏହାଦ୍ୱାରା ରୁଷ ଆକ୍ରମଣର ପୂର୍ବାନୁମାନ କରିବା ୟୁକ୍ରେନ ପାଇଁ କଠିନ ହୋଇପଡ଼ିଛି। ୟୁକ୍ରେନ ସହ ସାଟେଲାଇଟ୍ ଫଟୋ ସେୟାର କରିବା ବନ୍ଦ କରିବାକୁ ଆମେରିକା ନିଷ୍ପତ୍ତି ନେବା ପରେ ରୁଷିଆ ଏହାର ସୁଯୋଗ ନେଇ ଗତକାଲି ଏକାଧିକ ଏୟାରଷ୍ଟ୍ରାଇକ୍ କରିଛି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଦୋନେସ୍କ ଅଞ୍ଚଳର ଏକ ସହର ଉପରେ ରୁଷ୍ ଶୁକ୍ରବାର ବିଳମ୍ବିତ ରାତିରେ ଆକ୍ରମଣ କରିଥିଲା। ଯେଉଁଥିରେ ଡୋବ୍ରୋପିଲିଆ ସହରବ୍ୟାପକ କ୍ଷତିଗ୍ରସ୍ତ ହେବା ସହିତ ଏଠାକାର ୮ଟି ଆପାର୍ଟମେଣ୍ଟ ବ୍ଲକ୍ ନଷ୍ଟ ହୋଇଯାଇଥିବା କୁହାଯାଇଛି। ବର୍ତ୍ତମାନ ଅନେକ କୋଠାରେ ନିଆଁ ଲାଗି ରହିଥିବାରୁ ଅଗ୍ନିଶମ ଟିମ୍ ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ୟୁକ୍ରେନର ଜରୁରୀକାଳୀନ ସେବା ଏଜେନ୍ସି ପକ୍ଷରୁ କୁହାଯାଇଛି।

## ଦିଲ୍ଲୀରେ ମହିଳାଙ୍କୁ ମିଳିବ ମାସିକ ୨୫୦୦

ନୂଆଦିଲ୍ଲୀ,୮।୩(ଏଜେନ୍ସି): ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିବା ସ୍ୱରୂପ ଦିଲ୍ଲୀର ବିଜେପି ସରକାର ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦେବା ଲାଗି ଆଉ ପାଦେ ଆଗାଇଛି। ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ କ୍ୟାବିନେଟ୍ ଯୋଗ୍ୟ ମହିଳାମାନଙ୍କୁ ମାସିକ ୨୫୦୦ ଟଙ୍କା ଦେବା ଲାଗି ଉଦ୍ଦିଷ୍ଟ ମହିଳା ସମୃଦ୍ଧି ଯୋଜନାକୁ ଅନୁମୋଦନ ଦେଇଛି। ଏହି ଯୋଜନାରେ ଏଣିକି ଯୋଗ୍ୟ ମହିଳାମାନଙ୍କୁ ମାସକୁ ୨୫୦୦ ଟଙ୍କା ମିଳିବ। ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ୫୧୦୦ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଏହି ଯୋଜନା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା ବେଳେ ଖୁବଶୀଘ୍ର ଏକ ପୋର୍ଟାଲ କାର୍ଯ୍ୟକାରୀ କରାଯାଇ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।



## ପଦାର୍ପଣରେ ଆହାନାଙ୍କୁ ଆଇଟିଏଫ୍ ଟାଇଟଲ୍

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-252 ♦BHUBANESWAR ♦SUNDAY ♦9 MARCH 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୫୨ ♦ଭୁବନେଶ୍ୱର ♦ରବିବାର ♦୯ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦ (ସିନ୍ଦୁରା ସହ)


# କେନ୍ଦ୍ରାପଡ଼ାରେ ଇସ୍ପାତ ପ୍ରକଳ୍ପ ଭାଗ୍ୟ ଅନିଶ୍ଚିତ

## ଆନ୍ଧ୍ରରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କରିବ ବୃହତ୍ ପ୍ରକଳ୍ପ

■ **ଭୁବନେଶ୍ୱର, ୮।୩ (ସମିସ):** ଆନ୍ଧ୍ର ପ୍ରଦେଶରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ପକ୍ଷରୁ ପ୍ରାୟ ୧.୪୨ ଲକ୍ଷ କୋଟି ଟଙ୍କା ବିନିମୟରେ ୧୭.୮୦ ଏମଟିପିଏ କ୍ଷମତା ବିଶିଷ୍ଟ ଏକ କାରଖାନା ସ୍ଥାପନ କରିବ। ଏଥିପାଇଁ କମ୍ପାନୀ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ଆଲୋଚନା ଶେଷ ହୋଇଛି ବୋଲି ସୂଚନା ଦେଇଛନ୍ତି ଆନ୍ଧ୍ର ଶିଳ୍ପମନ୍ତ୍ରୀ ଟି.ଜି.ଭରତ। ମାତ୍ର ଆନ୍ଧ୍ରରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲର ପ୍ରସ୍ତାବିତ କାରଖାନା ନିଷ୍ପତ୍ତି ଓଡ଼ିଶାରେ ଇସ୍ପାତ କାରଖାନା ସ୍ଥାପନ ଆଶାକୁ ମଉଳାଇ ଦେଇଛି। ନିକଟ ଅତୀତରେ କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ସ୍ଥାପନକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ସେତେବେଳେ କମ୍ପାନୀ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ମନ୍ତବ୍ୟ ଦିଆଯାଇ ନ ଥିଲା । ମାତ୍ର ଏବେ ଆନ୍ଧ୍ର ଶିଳ୍ପ ମନ୍ତ୍ରୀଙ୍କ ଉପରୋକ୍ତ ସୂଚନା ପରେ କେନ୍ଦ୍ରାପଡା ମହାକାଳପଡ଼ାରେ ହେବାକୁ ଥିବା ପ୍ରକଳ୍ପକୁ ନେଇ ବିଭିନ୍ନ ମହଲରେ ଆଶଙ୍କା ସୃଷ୍ଟି ହୋଇଛି।

**୧.୪୨ ଲକ୍ଷ କୋଟିରେ ହେବ ୧୭.୮ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କାରଖାନା**

**କାରଖାନା ନେଇ ବିସ୍ତୃତ ତଥ୍ୟ ଦେଲେ ଆନ୍ଧ୍ର ଶିଳ୍ପମନ୍ତ୍ରୀ ଟି.ଜି.ଭରତ**

ଆନ୍ଧ୍ର ଶିଳ୍ପ ମନ୍ତ୍ରୀଙ୍କ ଅନୁଯାୟୀ ଆନ୍ଧ୍ରର ଅନାକାପାଲ୍ଲୀ ଜିଲ୍ଲାରେ ମୋଟ ୨ଟି ପର୍ଯ୍ୟାୟରେ ଏହି ପ୍ରକଳ୍ପ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୭.୩୦ ନିୟୁତଟନ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ୬୧୭୮୦ କୋଟି ନିବେଶ ହେବ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦.୫ ନିୟୁତ ଟନ୍ କ୍ଷମତାବିଶିଷ୍ଟ ପ୍ରକଳ୍ପ ନିମନ୍ତେ ୮୫୩୮୨ କୋଟି ଟଙ୍କା ନିବେଶ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପରେ କମ୍ପାନୀର ଉତ୍ପାଦନ କ୍ଷମତାରେ ଅତିରିକ୍ତ ୧୦.୫୦ ଏମଟିପିଏ ଯୋଡ଼ି ହେବାକୁ ଥିବାବେଳେ ମୋଟ କ୍ଷମତା ୧୭.୮୦ ଏମଟିପିଏରେ ପହଞ୍ଚିବ।

ଆନ୍ଧ୍ର ଶିଳ୍ପମନ୍ତ୍ରୀଙ୍କ ଏହି ଘୋଷଣା ପରେ ଓଡ଼ିଶାରେ ପ୍ରସ୍ତାବିତ ଇସ୍ପାତ ଶିଳ୍ପର ଭବିଷ୍ୟତକୁ ନେଇ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛିମାସ ପୂର୍ବରୁ ନିବେଶକମାନଙ୍କର ପ୍ରଥମ ପସନ୍ଦ ଥିଲା ଓଡିଶା। ଉତ୍କୃଷ୍ଟ ଶିଳ୍ପ ନୀତି, ଶିଳ୍ପ ଅନୁକୂଳ ଆଭିମୁଖ୍ୟ ଏବଂ ସ୍ଥିର ସରକାର ପାଇଁ ଓଡିଶାକୁ ରେକର୍ଡ ପରିମାଣର ନିବେଶ ଆସୁଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜାପାନ ଯାଇ ନିପ୍ପନ ଷ୍ଟିଲ ମୁଖ୍ୟ ଇଜି ହାସିମାତୋଙ୍କ ସହ କେନ୍ଦ୍ରାପଡ଼ାର ଏହି ପ୍ରସ୍ତାବିତ ପ୍ରକଳ୍ପ ବାବଦରେ ଆଲୋଚନା କରିଥିଲେ। ଏହାପରେ କମ୍ପାନୀ କେନ୍ଦ୍ରାପଡାରେ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନିବେଶରେ ୨୪ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଥିଲା। ପ୍ରକଳ୍ପ ସ୍ଥାପନ ହେବା ସହ ଏହା ଦେଶର ସର୍ବବୃହତ୍ ଷ୍ଟିଲ ଉତ୍ପାଦନ କାରଖାନାର ମାନ୍ୟତା ପାଇଥାନ୍ତା। ଏହାଦ୍ୱାରା ଓଡ଼ିଶାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିଥାନ୍ତା। ▶ପୃଷ୍ଠା-୭

## ସରକାରୀ କାର୍ଯ୍ୟକ୍ରମରେ ଜୟନାରାୟଣଙ୍କ ବିଦ୍ୱେଷ ଓ ବିଭେଦର ବକ୍ତବ୍ୟ

# ଓଡ଼ିଶାରେ ସମ୍ବଲପୁର ମିଶିବା ଐତିହାସିକ ଭୁଲ୍

## ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଆସନରୁ ଉଠିଲେ ନାହିଁ



■ **ସମ୍ବଲପୁର, ୮।୩ (ସମିସ):** ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟର ଜାତୀୟ ସଙ୍ଗୀତକୁ ପୁଣି ଅପମାନିତ କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ଆଜି ସମ୍ବଲପୁରରେ 'ସୁଭଦ୍ରା' ସହାୟତା ବଣ୍ଟନ ନିମନ୍ତେ ଆୟୋଜିତ ସମାବେଶରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଉପସ୍ଥିତିରେ ଶ୍ରୀ ମିଶ୍ର ଓଡ଼ିଶା ପ୍ରଦେଶରେ ସମ୍ବଲପୁର ମିଶିବା ଏକ ଐତିହାସିକ ଭୁଲ ବୋଲି କହିଛନ୍ତି। କେବଳ ଏତିକି ନୁହେଁ ଏହି ସମାବେଶରେ ରାଜ୍ୟ ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସମୟରେ ନିଜ ଆସନରେ ବସି ରହିବା ଓ ଭାଷଣ ପ୍ରସଙ୍ଗରେ ଏହି ସଙ୍ଗୀତ ରାଜ୍ୟ ସଙ୍ଗୀତ ନୁହେଁ ବୋଲି ମନ୍ତବ୍ୟ ଦେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ବିଜେପିର ବରିଷ୍ଠ ନେତାଙ୍କ ଏହି ଆଚରଣ ଓ ଉଚ୍ଚାରଣ ଓଡ଼ିଆ ଅସ୍ମିତାକୁ ପ୍ରଚଣ୍ଡ ଧକ୍କା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସମଗ୍ର ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଜୟନାରାୟଣଙ୍କ ଟିପ୍ପଣୀକୁ ସବୁ ବର୍ଗର ଲୋକମାନେ ବିରୋଧ କରିଛନ୍ତି। ଏଥିପାଇଁ ଜୟନାରାୟଣ ମିଶ୍ର କ୍ଷମା ମାଗନ୍ତୁ ଓ ବିଜେପି ଏ ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

**ଉତ୍କଳ କହିଲେ କେବଳ କଟକ, ପୁରୀ, ବାଲେଶ୍ୱରକୁ ବୁଝାଏ**

**ଜୟନାରାୟଣଙ୍କ ମନ୍ତବ୍ୟ ଓ ଆଭିମୁଖ୍ୟକୁ ରାଜ୍ୟବ୍ୟାପୀ ବିରୋଧ**

ଘଟଣାଟି ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଘଟିଛି। ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ ନିମନ୍ତେ ଏଠାରେ ଆୟୋଜିତ ସମାବେଶ ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ସମୟରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ସମସ୍ତ ଅତିଥି ଓ ଅନ୍ୟମାନେ ଠିଆ ହୋଇ ସମ୍ମାନ ଜଣାଇଥିଲେ। ମାତ୍ର ଜୟନାରାୟଣ ନିଜ ଆସନରୁ ନ ଉଠି ବସି ରହିଥିଲେ। ଏହାପରେ ଅଭିଭାଷଣ ପ୍ରଦାନ ସମୟରେ ସେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନକୁ କଟାକ୍ଷ କରିଥିଲେ। ସେ କହିଥିଲେ ଯେ ବନ୍ଦେ ଉତ୍କଳ ଜନନୀ ଗୀତ ରାଜ୍ୟ ସଂଗୀତ ନୁହେଁ। ଏହା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏହି ଗୀତକୁ ରାଜ୍ୟ ସଂଗୀତ କହି ବାରମ୍ବାର ବଜାଉଛି। ଉତ୍କଳ କହିଲେ ▶ପୃଷ୍ଠା-୭

## ତୁରନ୍ତ କ୍ଷମା ମାଗନ୍ତୁ ଜୟନାରାୟଣ: ବିଜେଡି

■ **ଭୁବନେଶ୍ୱର, ୮।୩ (ସମିସ):** ବିକଶିତ ଓଡିଶାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ବିଖଣ୍ଡିତ ଓଡିଶାର ଭାଷା କହୁଛନ୍ତି। ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର ଯେଉଁ ଭଳି ଭାବେ ବିଦ୍ୱେଷ ସୃଷ୍ଟିକାରୀ ବକ୍ତବ୍ୟ ଦେଇଛନ୍ତି, ତାହା ବିଜେପି ଦଳର ଅସଲ ସ୍ୱରୂପର ପରିପ୍ରକାଶ ବୋଲି କହିଛନ୍ତି ବିଜେଡି ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି। ସେ କହିଛନ୍ତି ଯେ ଭାଷା ଭିତ୍ତିକ ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ବିଜେପିର ଏଭଳି ଆଭିମୁଖ୍ୟ ଓଡିଶାର ଏକତାକୁ କୁଠାରଘାତ କରୁଛି। ସମ୍ବଲପୁରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଦେଇଥିବା ଏହି ବକ୍ତବ୍ୟ ତାଙ୍କ ଅସୂୟା ମନୋଭାବ ଏବଂ ମନ୍ତ୍ରୀ ନ ହୋଇପାରିବାର ହତାଶା ଭାବର ପରିପ୍ରକାଶ। ଭାରତୀୟ ଜନତା ପାର୍ଟି ଏଥିପାଇଁ ରାଜ୍ୟବାସୀଙ୍କ ନିକଟରେ ସ୍ପଷ୍ଟ ମତ ରଖିବା ଆବଶ୍ୟକ। ଏଥିସହ ଶ୍ରୀ ମିଶ୍ର ତାଙ୍କ ବିବାଦୀୟ ବକ୍ତବ୍ୟ ▶ପୃଷ୍ଠା-୭

**ବିଖଣ୍ଡିତ ଓଡିଶାର ଭାଷା କହୁଛନ୍ତି ସରକାର**

**ସ୍ପଷ୍ଟୀକରଣ ଦିଅନ୍ତୁ ମୁଖ୍ୟମନ୍ତ୍ରୀ**

# ବିଦେଶିନୀଙ୍କୁ ଗଣଦୁଷ୍କର୍ମ, ଓଡ଼ିଆ ଯୁବକଙ୍କୁ ହତ୍ୟା



■ **ଭୁବନେଶ୍ୱର/ବେଙ୍ଗାଲୁରୁ,୮।୩(ଏଜେନ୍ସି):** କର୍ଣ୍ଣାଟକରେ ଦୁର୍ବୃତ୍ତମାନେ ଘଟାଇଛନ୍ତି ଜଘନ୍ୟ କାଣ୍ଡ। ଇସ୍ରାଏଲର ଜଣେ ମହିଳା ପର୍ଯ୍ୟଟକଙ୍କୁ ସେମାନେ ଗଣଦୁଷ୍କର୍ମ କରିଛନ୍ତି। ଏହାର ବିରୋଧ କରିବାରୁ ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣା ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଛି।

**କର୍ଣ୍ଣାଟକରେ ଲଜ୍ଜା**

ମିଳିଥିବା ସୂଚନା ଅନୁସାରେ ୨୭ ବର୍ଷୀୟା ଜଣେ ଇସ୍ରାଏଲୀ ପର୍ଯ୍ୟଟକ, ତାଙ୍କ ହୋମଷ୍ଟେ ମାଲିକାଣୀଙ୍କ ସମେତ ଜଣେ ଆମେରିକୀୟ ପର୍ଯ୍ୟଟକ, ମହାରାଷ୍ଟ୍ର ଏବଂ ଓଡ଼ିଶାର ଅନ୍ୟ ଦୁଇ ପର୍ଯ୍ୟଟକଙ୍କ ସହିତ ସାନାପୁର ହ୍ରଦ ତଟକୁ ବୁଲିବାକୁ ଯାଇଥିଲେ। ସେମାନେ ଗୁରୁବାର ରାତି ୧୧ଟା ବେଳେ ହ୍ରଦ ନିକଟରେ ବୁଲାବୁଲି କରୁଥିଲା ବେଳେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ବାଇକ୍‌ରେ ପହଞ୍ଚି ଏଠାରେ ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ। କିଛି ବାଟ ପରେ ପେଟ୍ରୋଲ ମିଳିବ ବୋଲି ହୋମଷ୍ଟେ ମାଲିକାଣୀ ଜଣକ କହିବା ପରେ ଉକ୍ତ ଯୁବକମାନେ ତାଙ୍କୁ ୧୦୦ ଟଙ୍କା ମାଗିଥିଲେ। କିନ୍ତୁ ସଂପୃକ୍ତ ମହିଳା ଜଣକ ଟଙ୍କା ଦେବାକୁ ମନା କରିଦେବାରୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ କନ୍ନଡ଼ ଏବଂ ତେଲୁଗୁ ଭାଷାରେ ଗାଳି ଗୁଲଜ କରିବା ସହିତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ମହିଳା ପର୍ଯ୍ୟଟକଙ୍କୁ ଦୁଷ୍କର୍ମ ଉଦ୍ୟମ କରିବାରୁ ଏହାର ବିରୋଧ କରିଥିଲେ ତିନି ପୁରୁଷ ପର୍ଯ୍ୟଟକ। ଦୁର୍ବୃତ୍ତମାନେ ସେମାନଙ୍କୁ ମାଡ଼ ମାରି ହ୍ରଦ ମଧ୍ୟକୁ ଠେଲି ଦେଇଥିଲେ। ଏହାପରେ ଦୁଇ ମହିଳା ପର୍ଯ୍ୟଟକଙ୍କୁ ଗଣ ଦୁଷ୍କର୍ମ କରି ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଥିଲେ। ଇତିମଧ୍ୟରେ ▶ପୃଷ୍ଠା-୭

## ଦୁଷ୍କର୍ମର ବିରୋଧ କରି ଜୀବନ ହରାଇଲେ



■ **ଫୁଲବାଣୀ/ଦାରିଙ୍ଗବାଡି, ୮।୩ (ସମିସ):** କର୍ଣ୍ଣାଟକରେ କନ୍ଧମାଳ ଜିଲ୍ଲାର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ଦାରିଙ୍ଗବାଡି ଥାନା ଅନ୍ତର୍ଗତ ତେରାବାଡ଼ି ଗ୍ରାମର ବିଭାସ ନାୟକ। ବିଭାସଙ୍କ ବାପା ବିଜୟ ନାୟକ ପୂର୍ବରୁ ଫୁଲବାଣୀରେ ବିଶପ ଥିଲେ । ପ୍ରାୟ ଏକ ବର୍ଷ ତଳେ ତାଙ୍କର ଉତ୍ତର ଭାରତ ମଣ୍ଡଳୀର ଆଗ୍ରାର ବିଶପ ତଥା ଦିଲ୍ଲୀ ସିନଦର ମଡରେଟର ଭାବେ ବଦଳି ହୋଇଥିଲା। ସେ ଏବେ ଆଗ୍ରାରେ ସପରିବାର ରହୁଛନ୍ତି। ବିଭାସ ଜଣେ ବିଶ୍ୱ ଭ୍ରମଣକାରୀ ହିସାବରେ, ଇଟାଲୀ, ଜାପାନ ଇସ୍ରାଏଲ, ଜର୍ମାନ ଓ ନେପାଳ ଆଦି ଦେଶ ପରିଭ୍ରମଣ କରିଛନ୍ତି। ସେ କିଛି ଦିନ ପୂର୍ବରୁ ଇସ୍ରାଏଲରୁ ଫେରି ବିଦେଶୀ ସାଙ୍ଗଙ୍କ ସହ କର୍ଣାଟକ ବୁଲିବାକୁ ▶ପୃଷ୍ଠା-୭

# 'ସୁଭଦ୍ରା' ଦ୍ୱିତୀୟ କିସ୍ତି ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

## ବିପ୍ଳବରେ ପରିଣତ ହୋଇଛି ଯୋଜନା: ମୋହନ



■ **ବ୍ରହ୍ମପୁର/ଭୁବନେଶ୍ୱର, ୮।୩ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ଯୋଜନା ଆଜି ଏକ ବିପ୍ଳବରେ ପରିଣତ ହୋଇଛି। ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି। ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଛି। ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ।

ସେ ପୁଣି କହିଛନ୍ତି ଯେ ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବା ନିଷ୍ପତ୍ତି ଆମେ ନେଇଛୁ। ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ। ମହ ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ, ଏହିପରି ଅପରାଧୀଙ୍କ ସ୍ଥାନ ଜେଲର ଚାରିକାନ୍ଥ ମଧ୍ୟରେ। ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏହାକୁ କଡାକଡି ଭାବେ ▶ପୃଷ୍ଠା-୭




# ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍କେପ୍ ସୁରକ୍ଷା ପାଚେରି ପ୍ରକଳ୍ପର ଶୁଭାରମ୍ଭ

ଦୋବଲ, ୮ ।୩(ସମିସ)



ଧାମନଗରକୁ ବନ୍ୟା ଦାଉରୁ ରକ୍ଷା କରିବା ଲାଗି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୨ଟି ବଡ଼ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ ଓ ଆନନ୍ଦପୁର ପଞ୍ଚାୟତର ଉତେଇପୁରଠାରେ ଥିବା ମଲ୍ଲିମାହାରା ଏସକେପର ସୁରକ୍ଷା ପ୍ରାଚୀର ନିର୍ମାଣ ଓ ସୁଦୃଢ଼ୀକରଣ ପାଇଁ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗୌରାଙ୍ଗପୁରରେ ଥିବା ପ୍ରାୟ ୯୧ ମିଟରର ଏସକେପର ପଶ୍ଚିମ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ ପାଇଁ ୨ କୋଟି ୮ ଲକ୍ଷ ୧୫ ହଜାର ୭୧୧ ଟଙ୍କା ଓ ମଲ୍ଲିମାହାରାରେ ଥିବା ୯୨ ମିଟର ଲମ୍ବର ଏସକେପ ପଶ୍ଚିମ ପଟେ ପ୍ରାଚୀର ପାଇଁ ୨ କୋଟି ୧୧ ଲକ୍ଷ ୯୨ ହଜାର ୫୭୨ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨ଟି ଯାକ ଏସକେପ ବୈତରଣୀ ନଦୀବନ୍ଧରେ ଥିବାରୁ ପ୍ରତିବର୍ଷ ବନ୍ୟା ଆସିଲେ ଲକ୍ଷ ଲକ୍ଷ କ୍ୟୁସେକ ପାଣି ଧାମନଗର ଅଞ୍ଚଳକୁ ପଶିଥାଏ। ଫଳରେ ଚାଷ ଜମି ନଷ୍ଟ ହେବା ସହ ଜନବସତିରେ ପାଣି ପଶିଯାଏ। ଉଚ୍ଚଶିକ୍ଷା ମନ୍ତ୍ରୀ ୨୦୨୨ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବାବେଳେ ଏ କଥାକୁ ଗୁରୁତ୍ୱ ଦେଇଥିଲେ। ୨୦୨୩ ମାର୍ଚ୍ଚ ବଜେଟ୍ ଅଧିବେଶନରେ ଜଳସଂପଦ ବିଭାଗର ଖର୍ଚ୍ଚ ପ୍ରସଂଗରେ ଏ କଥା ଉଠାଇଥିଲେ। ଏହି ୨ଟି ଏସକେପ ଉପରେ ଫୁଟ ଓଭରବ୍ରିଜ ନିର୍ମାଣ ବର୍ତ୍ତମାନ ନିର୍ମାଣାଧୀନ ରହିଛି। ଦୁଇ ଏସକେପରେ ବନ୍ୟା ଜଳ ଯେତେ କମ ନିଷ୍କାସନ ହେବ ଓ ଧାମନଗରକୁ ବନ୍ୟା ଦାଉରୁ ରକ୍ଷା କରିହେବ, ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଦୁଇଟି ଯାକ ଏସକେପ ପାଚେରିକୁ ଉଚ୍ଚା କରିବାକୁ ଯୋଜନା ହୋଇଥିଲା। ଏବେ ସେହି ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ମନ୍ତ୍ରୀ ଶନିବାର ଶୁଭ ଦେଇଛନ୍ତି। କାର୍ଯ୍ୟକ୍ରମରେ ଧାମନଗର ଜଳସେଚନ ବିଭାଗର ଅଧିକାରୀ ବିଜୟ ସେଠୀ, ସହକାରୀ ଯନ୍ତ୍ରୀ କିଶୋର ଦାସ, ସ୍ୱାଗତ ଦାସ ଉପସ୍ଥିତ ଥିଲେ।

## ଦୁଃସାହସିକ କ୍ରୀଡ଼ାବିତ୍ ଚୟନ ଶିବିର ଆରମ୍ଭ

ଦୋବଲ,୮ ।୩(ସମିସ): ଧାମନଗର ବ୍ଲକ ସୋହଡ଼ା ପଚାୟତର କଣ୍ଟାପାରୀଠାରେ ଦୁଃସାହସିକ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଉଦଘାଟନ ହୋଇଯାଇଛି। ସପ୍ତାହେ ଧରି ହେବାକୁ ଥିବା ଏହି ଶିବିରକୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭାରମ୍ଭ କରିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗରେ ଓଡ଼ିଶା ୟାଚିଂ ଆସୋସିଏସନ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଉଛି। ଗ୍ରାମାଞ୍ଚଳରୁ ନୌଚାଳକ, ସ୍କୁବା ଡାଇଭର, ୱିଣ୍ଡ ସର୍ଫର ଓ ସ୍ନରକଲର ଭଳି ଦୁଃସାହସିକ କ୍ରୀଡ଼ାବିତ ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି ଶିବିର ଆୟୋଜନ କରାଯାଉଛି। ୨୦୩୬ରେ ଭାରତରେ ଅଲିମ୍ପିକ୍ସ ଆୟୋଜନ ପାଇଁ ସରକାର ଦାବିକରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଦାବିକୁ ଆହୁରି ମଜଭୁତ କରିବା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମସ୍ତ ପଦକ୍ଷେପ ନେଉଛି। ରାଜ୍ୟରେ କ୍ରୀଡ଼ା ଭିତିଭୂମିର ବିକାଶ ପାଇଁ ସରକାର ଉପଯୁକ୍ତ ଯୋଜନା ସବୁ କରିଛନ୍ତି। ଏହି ଶିବିରରେ ସ୍କୁବା ଡାଇଭିଂ, ୱିଣ୍ଡ ସର୍ଫିଂ, କାଇଟ୍ ସର୍ଫିଂ, ସେଲିଂ ଓ ସ୍ନର୍କଲିଙ୍ଗ ଭଳି ଖେଳର ତାଲିମ ପ୍ରଦାନ କରାଯିବ। ଏହି ଶିବିରରୁ ମନୋନୀତ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ରାଜ୍ୟସ୍ତରରେ ତାଲିମ ଦେବାକୁ ବ୍ୟବସ୍ଥା କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୁଃସାହସିକ କ୍ରୀଡ଼ାରେ ପ୍ରତିଷ୍ଠା ଅର୍ଜନ କରିଥିବା ଖେଳାଳି ଓ କୋଚ ୭ ଦିନ ପାଇଁ ଏଠାରେ ରହି ଇଚ୍ଛୁକ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟରେ ୯୬ ଜଣ ନାମ ପଞ୍ଜୀକରଣ କରିଥିବା ସୂଚନା ମିଳିଛି।

## ନଦୀଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅସୁରାଳି, ୮ ।୩(ସମିସ): ଧାମନଗର ବ୍ଲକ୍ ନଦୀଗାଁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଚରଣ ମଲ୍ଲିକ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ କାଳନ୍ଦୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ନଦୀଗାଁ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ନଦୀଗାଁ ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ମାଝି, ମୁଖ୍ୟବକ୍ତା ସାରଥି ପଣ୍ଡା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୁନାରାଣୀ ଦାସ, ସିଆରସିସି ଅଭୟ ସାହୁ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲିକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଉପେନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ବିଜୟ ଦାସ, ନନ୍ଦକିଶୋର ଦଳାଇ, ସ୍ୱର୍ଣ୍ଣପ୍ରଭା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ରାଉତ, ଉପସଭାପତି ମନୋଜ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକକ ଅଭିନୟ, ଗ୍ରୁପ୍ ଡ୍ୟାନ୍ସ, ଓଡିଶୀ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ନାରୀ ଶିକ୍ଷା ସଚେତନତା ଉପରେ ଏକ ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ପୂର୍ବରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ତଥା ବାର୍ଷିକୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରସନଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ୧୦ରୁ ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା

ବାସୁଦେବପୁର, ୮ ।୩(ସମିସ): ବାସୁଦେବପୁର ପୌରପାଳିକା ମନ୍ଦାରୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପାରେଶ୍ୱର ମେମୋରିଆଲ ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା ଆସନ୍ତା ୧୦ରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର ରହିଛି। ସମସ୍ତଙ୍କ ସହଯୋଗ କାମନା କରି ସଂଘର ସଭାପତି ଉଦୟ ନାରାୟଣ ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତଯୋଗିତା ୧୨ ତାରିଖ ଯାଏ ଚାଲିବାର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ନିତ୍ୟାନନ୍ଦ ମଲ୍ଲିକ, ଉପସଭାପତି ଅମର ମଲ୍ଲିକ, ବରିଷ୍ଠ ସଦଶ୍ୟ ଜଗବନ୍ଧୁ ଦାସ, କୃତିବାସ ଭୋଇ, ହେମନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୧୦ମ ସର୍ବଭାରତୀୟ ଏହି ଟୁର୍ଣ୍ଣାମେଣ୍ଟରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ସାମିଲ ହେବା ନେଇ ଶ୍ରୀ ମଲ୍ଲିକ ଆଶା ପ୍ରକଟ କରିଛନ୍ତି।

## ଅନ୍ତ୍ୟୋଦୟ ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ



ତିହିଡି, ୮ ।୩(ସମିସ): ତିହିଡି ବ୍ଲକରେ ଜିଆରଏସ୍ ହିତାଧିକାରୀଙ୍କ ପାଖକୁ ଯାଉ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଆବାସ ଯୋଜନରୁ ବହୁ ଭିନ୍ନକ୍ଷମ ହିତାଧିକାରୀ ବାଦ୍ ପଡୁଛନ୍ତି। ସେମାନେ ସରକାରୀ ସୁବିଧାରୁ ପାଇବାରୁ ବଞ୍ଚିତ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଆରଏସ୍‌ମାନେ 'ତମର ଘର ହେଇପାରିବନି, ତମେ ବିବାହ କରିନାହଁ ତମର ବୟସ ହେଇନାହିଁ' ଭଳି କଥା ହିତାଧିକାରୀଙ୍କୁ କହୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ବର୍ତ୍ତମାନ ବ୍ଲକ୍‌ରେ ୨୦୦୦ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଏହି ବ୍ଲକ ଅଧୀନ ମହରମପୁର, ଅଚକ, ମୁକୁନ୍ଦପୁର ପଞ୍ଚାୟତରେ ଗୀତାଶ୍ରୀ ମୁଦୁଲି, ନରେଶଚନ୍ଦ୍ର ସେଠୀ ଓ ଖାରବେଳ ସେଠୀ ପାଖରେ ପହଞ୍ଚି ପାରିନି ପ୍ରଶାସନ। ଏମାନେ ପୂର୍ବରୁ ଆବାସ ଯୋଜନା ସାମିଲ ହୋଇ ସାରିଛନ୍ତି। ତାଙ୍କ ପାଖରୁ ଟଙ୍କା ନେଇ ପୁଣି ସାମିଲ କରାଯାଉଛି ବୋଲି ଅଭିଯୋଗ ଉଠିଛି। ଯେଉଁମାନେ ଅନ୍ତ୍ୟୋଦୟରେ ସାମିଲ ହେଇନାହାନ୍ତି ଆବାସ ଯୋଜନାରେ ତାଙ୍କୁ କରାଯାଉ ନାହିଁ। ଭଟପଡ଼ାରେ ସେହିପରି ଅନେକ ହିତାଧିକାରୀ ପାଖକୁ ଯାଉନାହାନ୍ତି ଜିଆରଏସ୍। ଶାସକ ଦଳର କିଛି କର୍ମୀଙ୍କୁ ନେଇ ବୁଲୁଥିବା ଅଭିଯୋଗ ହେଉଛି। ଶାସକ ଦଳ କର୍ମୀ କହିବାନୁସାରେ, ଜିଓ ଟ୍ୟାଗ କରାଯାଉଥିବା ବିରୋଧୀ ଦଳ ନେତା ପୀତାମ୍ବର ସେଠୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ତିହିଡି ବିଡିଓ କହିଛନ୍ତି, ଅଭିଯୋଗ ଆସିଲେ ଆମେ ସମାଧାନ କରିବୁ।

## ହୋଲି ଓ ଦୋଳ ମେଳଣ ଶୋଭାଯାତ୍ରାରେ ବାଜିବନି ଡିଜେ

ଧାମନଗର,୮ ।୩(ସମିସ): ଧାମନଗର ବ୍ଲକ ଅଞ୍ଚଳରେ ଗଣପର୍ବ ହୋଲି ଓ ଦୋଳ ମେଳଣ ଆଉ ମାତ୍ର ଗୋଟିଏ ସପ୍ତାହ ପରେ ପାଳନ ହେବ। ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଏହି ଅବସରରେ ଏକାଧିକ ସ୍ଥାନରେ ମେଳଣ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରାୟ ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର କୌଣସି ମେଳଣ ଶୋଭାଯାତ୍ରାରେ କିପରି ଡିଜେକୁ ଦୂରେଇ ରଖାଯିବ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଧାମନଗର ଏବଂ ଧୂଷୁରୀ ଥାନା ତରଫରୁ ଏନେଇ ସମସ୍ତ ମେଳଣ କମିଟିକୁ ନେଇ ଥାନାରେ ବୈଠକ ବସିବା ସହ ମାର୍ଗଦର୍ଶିକା ଜାରି କରାଯାଇଛି। ଚଳିତବର୍ଷ ଦୋଳ ମେଳଣ ଏବଂ ହୋଲି ଶୋଭାଯାତ୍ରାରେ କୌଣସି ଠାକୁରବାଡିଆ କିମ୍ବା ଆୟୋଜକ କମିଟି ବିମାନ ଶୋଭାଯାତ୍ରାରେ ଡିଜେ ବ୍ୟବହାର କରିପାରିବେ ନାହିଁ ବୋଲି ବାରଣ କରାଯାଇଛି। ଶାନ୍ତିଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ ୧୦ ଜଣ ସଦସ୍ୟ ପୁଲିସ ସହିତ ଏକ ସ୍ୱତନ୍ତ୍ର କମିଟିରେ ରହିବେ। ଏଭଳି ଅନେକ ନିଷ୍ପତ୍ତି ପୁଲିସ ପ୍ରଶାସନ ପକ୍ଷରୁ ନିଆଯାଇଛି। ଏନେଇ ଧାମନଗର ଓ ଧୂଷୁରୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବୟାଙ୍ଗଡିହ ମେଳଣ ସମୟରେ ନସଲାପୁର-ଅରୁଣ ବଜାର ସଡ଼କରେ ଚାରି ଏବଂ ଦୁଇଚକିଆ ଯାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହି ସମୟରେ ବାଇପାସ ରାସ୍ତା ଉପରେ ଯାତାୟାତ ହେବ। ସମସ୍ତ ବିମାନ କର୍ତ୍ତୃପକ୍ଷ ସେମାନଙ୍କ ଶୋଭାଯାତ୍ରା ପାଇଁ ଆବଶ୍ୟକ ଅନୁମତି ବିଭାଗ ପକ୍ଷରୁ ନେବେ। ପ୍ରତ୍ୟେକ ମେଳଣରେ ଆୟୋଜକ ଅନୁଷ୍ଠାନ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଗ୍ରହଣ କରିବେ। ପ୍ରକାଶ ଥାଉକି ଧାମନଗର ବ୍ଲକର ବୟାଙ୍ଗଡିହ, ଚୂଡ଼ାକୁଟି, ଲୁଣିଆ, ଶହୀଦ ନଗର ଆଦି ମେଳଣରେ ଲକ୍ଷାଧିକ ଜନସମାଗମ ହୋଇଥାନ୍ତି।

## ସୂର୍ଯ୍ୟନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଧାମନଗର, ୮ ।୩(ସମିସ)



ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚୟତରେ ସୂର୍ଯ୍ୟନାରାୟଣ ମନ୍ଦିରର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଇ ମନ୍ଦିର ଗ୍ରହ ମନ୍ଦିର ରୂପରେ ପରିଚିତ। କର୍ତ୍ତା ରୂପେ ଶ୍ରୀନିବାସ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ବୀଣାପାଣି ଯଜ୍ଞରେ ଭାଗ ନେଇଥିଲେ। ଶୁକ୍ରବାର ବିଗ୍ରହ ପୂଜାର୍ଚ୍ଚନା ସହ ରୁଦ୍ରାଭିଷେକ, ମା ଦକ୍ଷିଣେଶ୍ୱରୀ କାଳୀ ଓ ଶୀତଳା ଦେବୀଙ୍କ ପୂଜାର୍ଚ୍ଚନା, ଚଣ୍ଡୀପାଠ ପରେ ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ବିମ୍ବାଧର ମହାପାତ୍ରଙ୍କ ସ୍ୱପ୍ନକୁ ପୂର୍ଣ୍ଣ କରିବା ପାଇଁ ତାଙ୍କ ଜ୍ୟୋଷ୍ଠପୁତ୍ର ଶ୍ରୀନିବାସ ମହାପାତ୍ର ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ଉତ୍ସବ ଶ୍ରୀନିବାସଙ୍କ ପୁତ୍ର ଗଣେଶ ମହାପାତ୍ର ଗ୍ରାମବାସୀଙ୍କ ସହଯୋଗରେ ସୂର୍ଯ୍ୟନାରାୟଣ ମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇଥିଲେ।

## ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ



ଭଣ୍ଡାରିପୋଖରୀ/ବାରିକପୁର, ୮ ।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ ରାମଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅଧୀର ତରାଇ, ସହକାରୀ ଶିକ୍ଷାଧିକାରୀ ଅକ୍ଷୟ ଜେନା, ତ୍ରିଲୋଚନ ନାୟକ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ସରପଞ୍ଚ ମିନତୀ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଆରତି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୁମିତ୍ରା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଗପ ଶୁଣିବା ଓ କହିବା କାର୍ଯ୍ୟକ୍ରମ

ଭଦ୍ରକ, ୮ ।୩(ସମିସ): ଭଦ୍ରକ ପୌରପାଳିକା ଅନ୍ତର୍ଗତ ଗରଦପୁରସ୍ଥ ହରି ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ତରଫରୁ ଗପ ଶୁଣିବା ଓ କହିବା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାନସୀ ପ୍ରତିମା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ କବି ବିଜୟ କୁମାର ବହଳୀ ଯୋଗ ଦେଇଥିଲେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୪୦ରୁ ଅଧିକ ପିଲା ଗପ କହିବାରେ ଭାଗ ନେଇଥିଲେ। ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ମୀନକେତନ ମିଶ୍ର, ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ, ସବିତାରାଣୀ ସାହୁ, ସଂଗୀତା ମିଶ୍ର, ସଞ୍ଜିତାବାଳା ବେହୁରିଆ, ରେସନରା ବେଗମ୍, ନୁରୁଦିନ ଖାନ, ଆଫ୍ରିନ ଅଖତରି ଏବଂ ଶିକ୍ଷକସେକ ଅବଦୁଲ ଖାଲିକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନୋରମା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ବାଲି ଗାଡ଼ି ଜବତ



ବାରିକପୁର,୮ ।୩(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ୮ଟି ବେଆଇନ ବାଲି ଗାଡ଼ି ଜବତ କରାଯାଇଛି। ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଲି ବୋଝେଇ କରି ଆସୁଥିବା ବେଳେ ପୁଲିସ ଏହାକୁ ଅଟକାଇ କାଗଜପତ୍ର ଯାଞ୍ଚ ବେଳେ ଏଥିରେ ବେଆଇନ ବାଲି ପରିବହନ ହେଉଥିବା ଜଣାପଡିଥିଲା। ପରେ ସମସ୍ତ ଗାଡିକୁ ଜବତ କରାଯାଇଥିବା ବେଳେ ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଏହାସହ ପୁଲିସ ୬ ଜଣ ଚାଳକଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ପୁଲିସ ଏସ୍ଆଇ ମହାପ୍ରସାଦ ନାୟକଙ୍କ ନେତୃତ୍ୱରେ ଗାଡ଼ିଗୁଡ଼ିକୁ ଅଟକ ରଖାଯାଇଥିଲା। ଜାତୀୟ ରାଜପଥର କହରାପୋଖରୀ ଓ ପାଳଦା ବାଙ୍କ ନିକଟରେ ପୁଲିସ ବେଆଇନ ଗାଡ଼ିକୁ ଜବତ କରିଥିଲା।

## ସଂଗଠିତ ହେଲା ମହିଳା ସଂଗଠନ 'ଅନୁକମ୍ପା'



ଅସୁରାଳି, ୮ ।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସରେ ଧୂଷୁରୀ ଅଞ୍ଚଳରେ ପ୍ରଥମ ଥର ପାଇଁ ଏକ ମହିଳା ସଙ୍ଗଠନ ଗଠିତ ହୋଇଛି। ଶନିବାର ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ମାର୍ଗଦର୍ଶକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତା ଏବଂ ଅନ୍ୟତମ ମାର୍ଗଦର୍ଶକ ଦୀପ୍ତିରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ମୁଖ୍ୟଅତିଥି, ଶିକ୍ଷାବିତ ରବୀନ୍ଦ୍ର ବେହୁରିଆ, ସାମ୍ବାଦିକ ଲତିବ କୁମାର ଓଝା, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଏଥିସହିତ ଏହି ଅଞ୍ଚଳରେ ନୂଆକରି "ଅନୁକମ୍ପା ମହିଳା ସଙ୍ଗଠନ' ନାମରେ ଏକ ଅନୁଷ୍ଠାନ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ମହିଳା ଅନୁଷ୍ଠାନରେ ୪୩ ଜଣ ସଦସ୍ୟାଙ୍କୁ ନେଇ ଗଠିତ ହୋଇଛି। ସଙ୍ଗଠିକା ଅଞ୍ଜନା ଲେଙ୍କା ସଭାପତି, ସୁଶ୍ରୀ ଅଞ୍ଜନା ମହାକୁଡ଼ଙ୍କୁ ସାଧାରଣ ସମ୍ପାଦିକା, ନାରୀ କବି ଆଦରମଣି ପ୍ରଧାନଙ୍କୁ ସମ୍ପାଦିକା, ବିମଳା ନାଥ ଓ କଳ୍ପନା ମଞ୍ଜରୀ ଦାସଙ୍କୁ ଉପସଭାପତି, ଜ୍ୟୋସ୍ନାରାଣୀ ନାୟକଙ୍କୁ ଉପଦେଷ୍ଟା, ଗୀତାରାଣୀ ମଲ୍ଲିକ ଓ ମମତାରାଣୀ ଜେନାଙ୍କୁ ସହ ସମ୍ପାଦିକା ଏବଂ କଳ୍ପନା ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସଭ୍ୟା ବିଳାସିନୀ ବିଶ୍ୱାଳ, ହୋନାଲୀଶା ତୁହାଣ, ମନୋରମା ବାରିକ, ମମତା ପାଣି, ସନ୍ଧ୍ୟାରାଣୀ ମାଝୀ, ରୀତା ବାରିକ, ରୂପାରାଣୀ ପାତ୍ରୀ, ଇତିଶ୍ରୀ ସାହୁ, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ଚୋରି

ଅସୁରାଳି,୮ ।୩(ସମିସ): ଧୂଷୁରୀ ଥାନା ଛତିଶ ନନ୍ଦୋର ଉ.ପ୍ରା. ବିଦ୍ୟାଳରେ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାଲୀ। ବିଦ୍ୟାଳୟରୁ ୧୦ କ୍ୱିଣ୍ଟାଲରୁ ଅଧିକ ଚାଉଳ ଚୋରି ହୋଇଯାଇଛି। ଆଗରୁ ମଧ୍ୟ ୧୦ ବସ୍ତା ଚାଉଳ ସହିତ ଇନଭର୍ଟର ବ୍ୟାଟେରୀ, ମାଇକ ମେସିନ, ଗ୍ରାଇଣ୍ଡର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିଲା। ଚୋରି ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଥାନାଧିକାରୀ ଶାନ୍ତନୁ ଜେନା ସନ୍ଧାନୀ କୁକୁର ସହ ତଦନ୍ତ ଚଳାଇଛନ୍ତି। ଦୁଇ ମାସ ଭିତରେ ଦୁଇଥର ବିଦ୍ୟାଳୟରୁ ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।









■ ଯୁବକଙ୍କ ଏକତରଫା ପ୍ରେମ

# ଖୁଣ୍ଟରେ ବାନ୍ଧି ପିଟିଲେ ଯୁବତୀଙ୍କ ପରିବାର

**ଉଦ୍ଧାର କଲା ପୁଲିସ**

ରାଜନଗର,୮ ।୩ (ସମିସ): ଏକତରଫା ପ୍ରେମ କରୁଥିବା ଯୁବକଙ୍କୁ ଯୁବତୀଙ୍କ ପରିବାର ଓ ପଡ଼ୋଶୀ ଖୁଣ୍ଟରେ ବାନ୍ଧି ପିଟିବା ଏବଂ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।



ସୂଚନାନୁସାରେ, ସାତଭାୟା ଥଇଥାନସ୍ଥଳୀର କ୍ଷୀରୋଦ ସ୍ୱାଇଁଙ୍କ ପୁଅ ନୀହାର ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ଭଲ ପାଉଥିଲେ । ଗତ ୫ ତାରିଖ ସନ୍ଧ୍ୟାରେ ସେ ଉକ୍ତ ଯୁବତୀଙ୍କୁ ତାଙ୍କ ଘର ନିକଟରେ ଏକୁଟିଆ ଦେଖି ପ୍ରେମ ନିବେଦନ କରିଥିଲେ । କିନ୍ତୁ ଯୁବତୀଜଣଙ୍କ ରାଜି ନ ହେବାରୁ ନୀହାର ତାଙ୍କୁ ଟଣାଓଟରା କରିଥିଲା । ଯୁବତୀଙ୍କ ଚିତ୍କାର ଶୁଣି ପରିବାରଲୋକେ ଚାଲି ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ତେବେ ପରିବାରଲୋକ ନୀହାରଙ୍କ ଗାଡ଼ି ରଖିବା ସହ ଏ ସମ୍ପର୍କରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ତେବେ ଆଜି ଦିନ ପ୍ରାୟ ୧୨ଟାରେ ନୀହାର ପୁଣିଥରେ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଗାଳିଗୁଲଜ କରିଥିଲା । ତେଣୁ ଯୁବତୀଙ୍କ ପରିବାରଲୋକ ଓ ପଡ଼ୋଶୀ ନୀହାରଙ୍କୁ କାବୁ କରି ଏକ ପ୍ଲାଷ୍ଟିକ୍ ଦଉଡ଼ିରେ କଂକ୍ରିଟ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ । ଆଇଆଇସି ନରେଶ କୁମାର ସାହୁ ଘଟସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

■ ପରିବହନ ଯୁଗ୍ମ କମିସନରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

# ଆୟ ତୁଳନାରେ ୧୪୩ % ଅଧିକ ସଂପତ୍ତି

**୪ ଜଣଙ୍କ ନାମରେ ମାମଲା ରୁଜୁ କଲା ଭିଜିଲାନ୍ସ**

ଭୁବନେଶ୍ୱର, ୮ ।୩ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପରିବହନ ବିଭାଗର ଯୁଗ୍ମ କମିସନର ପ୍ରଦୀପ କୁମାର ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି । ଆୟ ତୁଳନାରେ ପ୍ରଦୀପଙ୍କଠାରୁ ୧୪୩ ପ୍ରତିଶତ ଅଧିକ ସଂପତ୍ତି ଠାବ ହୋଇଥିବା ଭିଜିଲାନ୍ସ କହିଛି । ତେବେ ମିଳିଥିବା ସମ୍ପତ୍ତି ଉତ୍ସ ବିଷୟରେ ସନ୍ତୋଷଜନକ ତଥ୍ୟ ଦେଖାଇ ନ ପାରିବାରୁ ପ୍ରଦୀପଙ୍କୁ ଗିରଫ କରାଯାଇଛି । ଅନୁରୂପ ଭାବେ ପ୍ରଦୀପଙ୍କ ସମେତ ତାଙ୍କ ପରିବାରର ୪ଜଣ ସଦସ୍ୟଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି ଭିଜିଲାନ୍ସ । ସୂଚନାଯୋଗ୍ୟ ଯେ ପ୍ରଦୀପଙ୍କର ୩ ମହଲା କୋଠା, ୧ କୋଟି ଟଙ୍କା ଦେଇ କିଣିଥିବା ୪ ବିଏଚ୍‌କେ ଆପାର୍ଟମେଣ୍ଟ, ପୁରୀରେ ଦୁଇଟି ଫ୍ଲାଟ୍, ୧୧ପ୍ଲଟ୍, ୧୪ ଏକର ବିଶିଷ୍ଟ ଏକ ଫାର୍ମ ହାଉସ, ୨ କିଲୋ ୧୦୦ ଗ୍ରାମ ସୁନା, ନଗଦ ୧୭ ଲକ୍ଷ ୫୫ହଜାର ଓ ଦୁଇଟି ବେନାମୀ କାର୍ ଠାବ କରାଯାଇଛି ।

**ମିଳିନାହିଁ ଅନୁମତି**

କ୍ୟାପିଟାଲ୍ ରିଜିଅନ୍ ରିଂ ରୋଡ ଖୋଲିଲା ଗୁମର

# ଡକା ଚାଲିଛି ମିଛ ଟେଣ୍ଡର୍

**ମନ୍ତ୍ରୀ ଓ ଅଧିକାରୀଙ୍କ କଥାରେ ରହୁନି ତାଳମେଳ**

ଭୁବନେଶ୍ୱର, ୮ ।୩ (ସମିସ): କୋଇଲା ଇଞ୍ଜିନ୍‌ରୁ ଭୁସ୍‌ଭୁସ୍ ଧୂଆଁ ବାହାରେ । ମାତ୍ର ଡ଼ବଲ ଇଞ୍ଜିନ୍‌ରୁ ବାହାରୁଛି ଭୁସ୍‌ଭୁସ୍ ମିଛ । ରାଜ୍ୟରୁ କେନ୍ଦ୍ର ପର୍ଯ୍ୟନ୍ତ ମନ୍ତ୍ରୀମାନେ ମିଛ କହିକହି ଲୋକଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି; ରାଜ୍ୟବାସୀଙ୍କୁ ମିଛ ସ୍ୱପ୍ନ ଦେଖାଉଛନ୍ତି । କ୍ୟାପିଟାଲ୍ ରିଜିୟନ୍ ରିଙ୍ଗ୍ ରୋଡ୍ ନିର୍ମାଣକୁ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଗୋଟେ ପରେ ଗୋଟେ ମିଛ କହି ଚାଲିଥିବାବେଳେ ଏପର୍ଯ୍ୟନ୍ତ ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରକଳ୍ପକୁ ପ୍ରଶାସନିକ ଅନୁମତି ମିଳିନଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂଙ୍କ ଟିପ୍ପଣୀ ସରକାରୀ ମିଛ ଉପରୁ ହଟାଇଛି ପରଦା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମତି ମିଳି ନ ଥିବା ସତ୍ତ୍ୱେ ଲୋକଙ୍କୁ ଭୂଆଁ ବୁଲାଇବାକୁ ବାରମ୍ବାର ଟେଣ୍ଡର ଆହ୍ୱାନ କାରାଯାଉଛି । କେବଳ ପ୍ରଶାସନିକ ଅନୁମତି ନୁହେଁ, ପ୍ରକଳ୍ପକୁ ଜଙ୍ଗଲ ଓ ପରିବେଶ ଅନୁମତି ମଧ୍ୟ ମିଳି ନାହିଁ । ଏପରିକି ଖୋର୍ଦ୍ଧା ରାମେଶ୍ୱରରୁ ଟାଙ୍ଗି ପର୍ଯ୍ୟନ୍ତ ଯେଉଁ ଗାଁ ଦେଇ ରାସ୍ତା ଯିବ, ସେଠାରୁ ଜମି ଅଧିଗ୍ରହଣ ହୋଇନି କି ଜନଶୁଣାଣି ମଧ୍ୟ କରାଯାଇ ନାହିଁ । ତେଣୁ ନିକଟ ଭବିଷ୍ୟତରେ ଏହି ରାସ୍ତା କାମ ଆରମ୍ଭ ହେବା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।

ଖୋର୍ଦ୍ଧା ରାମେଶ୍ୱରଠାରୁ କଟକ ଜିଲ୍ଲାର ଟାଙ୍ଗୀ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେଲେ ରାଜଧାନୀବାସୀ ଉପକୃତ ହେବେ । ରାଜଧାନୀ ସହର ଦେଇ ଜାତୀୟ ରାଜପଥ ଯାଇଥିବାରୁ ବହୁ ସମୟରେ କୃତ୍ରିମ ଭିଡ଼ ସୃଷ୍ଟି ହେଉଛି । ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ସହର ବାହାରେ ଲୋକମାନେ ଯାତାୟାତ କରିବେ । ତେଣୁ ରାଜଧାନୀରୁ ଟ୍ରାଫିକ୍ ଭିଡ଼ ହ୍ରାସ ପାଇବ ବୋଲି କୁହାଯାଉଥିଲା । ମାତ୍ର ବର୍ଷ ବର୍ଷ ଧରି କେନ୍ଦ୍ର ସରକାର ଏହାକୁ କେବଳ ଘୋଷଣାରେ ସୀମିତ ରଖି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି । ଏବେ ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ସରକାରଙ୍କ ସେହି ମିଛ ପ୍ରହେଳିକାକୁ ପ୍ରତିବାଦ କରିବା ବଦଳରେ ସମର୍ଥନ କରୁଛନ୍ତି । ବାରମ୍ବାର ଟେଣ୍ଡର ତାରିଖ ଘୁଞ୍ଚାଇବାରେ ଏନ୍‌ଏଚ୍‌ଏଆଇର ଆଉ ଏକ ସ୍ୱାର୍ଥ ଥିବା ଅଭିଯୋଗ ହେଉଛି । ସେମାନେ ଏହି ବାହାନାରେ ଇଏମ୍‌ଡି(ଟେଣ୍ଡର ପାଇଁ ଅଗ୍ରୀମ ଟଙ୍କା) ବାବଦକୁ ମିଳୁଥିବା କୋଟି କୋଟି ଟଙ୍କାକୁ ହଡ଼ପ କରୁଛନ୍ତି ।

ଗତ ଫେବୃଆରି ୮ ତାରିଖରେ ରାଜ୍ୟ ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଆଲାଇନମେଣ୍ଟ ପରିବର୍ତ୍ତନ ହେଲେ ଖର୍ଚ୍ଚ ଆକଳନ ପରିବର୍ତ୍ତନ ହେବ । ସେ ଦୃଷ୍ଟିରୁ ଦୁଇ ତିନି ଥର ଆଲାଇନ ମେଣ୍ଟ ପରିବର୍ତ୍ତନ ହେଲାଣି । ତେଣୁ ବିଳମ୍ବ ହେଉଛି । ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ପୂର୍ତ୍ତମନ୍ତ୍ରୀଙ୍କ ମିଛକୁ ଧରା ପକାଇ ଦେଇଛି । ଏନ୍‌ଏଚ୍‌ଏଆଇ ଅଧିକାରୀ କହିଛନ୍ତି ଯେ ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିନାହିଁ, ଏହା ମିଳିବା ପରେ ପ୍ରକଳ୍ପ କାମ ଆଗେଇବ ଓ ଟେଣ୍ଡର ଚୟନ ହେବ । ମାତ୍ର ବିନା ଅନୁମୋଦନରେ କାହିଁକି ଟେଣ୍ଡର କରାଯାଉଛି, ସେ ସମ୍ପର୍କରେ କେହି ଉତ୍ତର ଦେଇପାରୁ ନାହାନ୍ତି । ଗତ ସାଧାରଣ ନିର୍ବାଚନ ସମୟରେ ପୁରୀର ଏକ ସଭାରେ ଖୋଦ୍ ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଏହି ରାସ୍ତା କାମ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ । ରାଜ୍ୟ ପୂର୍ତ୍ତମନ୍ତ୍ରୀ ମଧ୍ୟ ଏହି କଥା ବାରମ୍ବାର କହିଛନ୍ତି । ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ତେଣୁ ସମସ୍ତ ସମସ୍ୟାର ସମାଧାନ କରାଯାଇ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରିବା ସହ କାମ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି ।

ପର୍ଯ୍ୟଟନ ବିଭାଗର ସ୍ଥାୟୀ କମିଟିର ରିପୋର୍ଟ

# ଓଡ଼ିଶାରେ ବୋଟ୍ ଟୁରିଜିମର ହେଉ ବ୍ୟାପକ ବିକାଶ

ଭୁବନେଶ୍ୱର, ୮।୩ (ସମିସ): ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି । ବିଶେଷକରି, ରାଜ୍ୟରେ ଅନେକ ନଦୀ ସହ ଚିଲିକା ହ୍ରଦ, ହୀରାକୁଦ ଡ୍ୟାମ, ଭିତରକନିକା ଏବଂ ସାତକୋଶିଆ ଗଣ୍ଡ ମଧ୍ୟ ରହିଛି । ତେଣୁ କେରଳ ପରି ଓଡ଼ିଶାରେ ମଧ୍ୟ ବୋଟ୍ ଟୁରିଜିମ୍ ଉପରେ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ । ଏହି ସ୍ଥାନରେ ବୋଟ୍ ଚଳାଚଳ ଭିତ୍ତିକ ପର୍ଯ୍ୟଟନର ବିକାଶ କରାଯାଇପାରିଲେ, ଏହା ପର୍ଯ୍ୟଟନ ଭିତ୍ତିଭୂମିକୁ ବଳ ଦେବ ବୋଲି ବିଭାଗୀୟ ସ୍ଥାୟୀ କମିଟିର ରିପୋର୍ଟରେ ସୁପାରିସ୍ କରାଯାଇଛି । ସେହିପରି ବାଲିଯାତ୍ରା ମହୋତ୍ସବକୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ମଧ୍ୟ କମିଟି ପରାମର୍ଶ ଦେଇଛି । ଏହାସହ ରାଜ୍ୟର ପ୍ରମୁଖ ବେଳାଭୂମିଗୁଡ଼ିକର ବିକାଶ ସହ ପାରା ଗ୍ଲାଇଡିଂ, ଜଳକ୍ରୀଡ଼ା, ରୋମାଞ୍ଚଦାୟୀ କ୍ରୀଡ଼ାର ବ୍ୟବସ୍ଥା କରାଗଲେ, ଅଧିକରୁ ଅଧିକ ପର୍ଯ୍ୟଟକ ଓଡ଼ିଶା ପ୍ରତି ଆକୃଷ୍ଟ ହୋଇପାରିବେ ବୋଲି କମିଟି ରିପୋର୍ଟରେ କୁହାଯାଇଛି ।

୨୦୨୪ ନିର୍ବାଚନରେ ଭୋଟ ଅନିୟମିତତା

# ଇସିଆଇଙ୍କୁ ଭେଟିବେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, ୮ ।୩(ସମିସ): ୨୦୨୪ ନିର୍ବାଚନରେ ବ୍ୟାପକ ଅନିୟମିତତା ନେଇ ପୁଣିଥରେ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଜବାବ୍ ମାଗିବ ବିଜୁ ଜନତା ଦଳ । ଆସନ୍ତା ୧୧ ତାରିଖରେ ବିଜେଡି ସାଂସଦମାନେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିବେ ବୋଲି ସୂଚନା ମିଳିଛି । ଗତ ଡିସେମ୍ବର ୨୩ ତାରିଖରେ ବିଜେଡି ସାଂସଦମାନେ ଇସିଆଇଙ୍କ ନିକଟରେ ଗତ ୨୦୨୪ ସାଧାରଣ ନିର୍ବାଚନରେ ଅନିୟମିତା ସଂକ୍ରାନ୍ତରେ ତଥ୍ୟପୂର୍ଣ୍ଣ ଦସ୍ତାବିଜ୍ ପ୍ରଦାନ କରିବା ସହ ବୁଥ୍‌ୱାରୀ ବିବରଣୀ ଦାବି କରିଥିଲେ । ଏହାସହ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କଠାରୁ ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ଲୋଡ଼ିଥିଲେ । ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ହେଁ ନିର୍ବାଚନ ଆୟୋଗ ଏହି ପ୍ରସଙ୍ଗରେ ନିରବ ରହିଛନ୍ତି । ତେଣୁ ଦଳ ପକ୍ଷରୁ ପୁନର୍ବାର ସାଂସଦମାନେ ନିର୍ବାଚନ ଆୟୋଗଙ୍କୁ ଭେଟିବେ ବୋଲି ସୂଚନା ମିଳିଛି ।

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟର ବିଭିନ୍ନ ବୁଥ୍ ଓ ଇଭିଏମ୍‌ରେ ପଡ଼ିଥିବା ଭୋଟ୍ ମଧ୍ୟରେ ବଡ଼ ତାରତମ୍ୟ ରହିଥିଲା । ଓଡ଼ିଶାର ପ୍ରାୟ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଦାନ ହାର ଏବଂ ଗଣତି ହୋଇଥିବା ଭୋଟ୍ ମଧ୍ୟରେ ପାର୍ଥକ୍ୟ ରହିଥିଲା । ଏପରିକି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀରେ ଭୋଟ ବ୍ୟବଧାନ ୩୦%ରୁ ଅଧିକ ଥିଲା । କେଉଁ ପରିସ୍ଥିତିରେ ଏପରି ଅସଙ୍ଗତି ଦେଖାଦେଲା, ସେ ସମ୍ପର୍କରେ ବିଜେଡି ଆୟୋଗଙ୍କଠାରୁ ନିର୍ଦ୍ଦିଷ୍ଟ ଉତ୍ତର ଲୋଡ଼ିଥିଲା । ମାତ୍ର ଏହାର ଉତ୍ତର ଏଯାଏ ମିଳିପାରି ନାହିଁ ।

ଦଳ ପକ୍ଷରୁ କୁହାଯାଇଛି ଯେ ସରକାର ଦେଶବାସୀଙ୍କୁ ନିରପେକ୍ଷ ନିର୍ବାଚନ ପରିଚାଳନା ନେଇ ଆଶ୍ୱାସନା ଦେବା ଆବଶ୍ୟକ । ଯାହାଦ୍ୱାରା ଏତେ ଗୁରୁତ୍ୱପୂର୍ଣ୍ଣ ବିଧିବ୍ୟବସ୍ଥା ତ୍ରୁଟିଶୂନ୍ୟ ହୋଇପାରିବ, ପାରଦର୍ଶିତା ରହିବ । ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ଏକସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ହୋଇଥିଲା । ନିର୍ବାଚନ ପରେ ଏହାର ବିଭିନ୍ନ ଦିଗକୁ ନେଇ ତର୍ଜମା କରିବା ପରେ ବିଜେଡି ଚକିତ କରିବା ଭଳି ତଥ୍ୟ ପାଇଥିଲା । ଅନେକ ବୁଥ୍‌ରେ ଭୋଟରଙ୍କଠାରୁ ପଡ଼ିଥିବା ଭୋଟ୍ ବେଶ୍ ଅଧିକ ଥିବା ବେଳେ ଆଉ କେଉଁଠି ଏହା କମିଥିବା ଦେଖାଯାଇଥିଲା । ଏପରିକି, ବୁଥ୍ ଫର୍ମ ୧୭ (ସି) ଓ ଫର୍ମ ୨୦ ବିରାଟ ତାରତମ୍ୟ ରହିଥିଲା । ସମ୍ଭବତଃ ଇତିହାସରେ ପ୍ରଥମଥର ପାଇଁ ୫୦ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣ ଦିନର ମତଦାନ ହାର ଓ ଦୁଇ ଦିନ ପରେ ଦିଆଯାଇଥିବା ମତଦାନ ହାର ମଧ୍ୟରେ ତାରତମ୍ୟ ୧୫ରୁ ୩୦ ପ୍ରତିଶତ ରହିଥିବା ଦେଖାଯାଇଥିଲା ।

ଲୋକସଭା, ବିଧାନସଭା ଭୋଟ୍‌ରେ ଅନେକ ଗଡ଼ବଡ଼ ଦେଖିବାକୁ ମିଳିଥିଲା । କନ୍ଧମାଳ, ଢେଙ୍କାନାଳ, ବଲାଙ୍ଗିର ଭଳି ଲୋକସଭା କ୍ଷେତ୍ରରେ ଭୋଟ ତାରତମ୍ୟ ୨ ହଜାରରୁ ୪ହଜାର ମଧ୍ୟରେ ରହିଥିଲା । ଫଳରେ ଗଣତନ୍ତ୍ରର କୁହାଯାଉଥିବା ନିର୍ବାଚନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା । ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ଏହା ଉପରେ ସ୍ପଷ୍ଟୀକରଣ ରଖିବା ଆବଶ୍ୟକ ବୋଲି ବିଜେଡି ଦାବି କରିଥିଲା । ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠିଥିଲା । ଏବେ ପୁଣିଥରେ ଦଳ ଇସିଆଇଙ୍କଠାରୁ ଜବାବ୍ ମାଗିବାକୁ ଯାଉଛି ।

# ସ୍ୱାମୀକୁ ହତ୍ୟା କରି ସ୍ତ୍ରୀ ଫେରାର୍

**ଭଡ଼ା ଘରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର**



ପାରଳାଖେମୁଣ୍ଡି, ୮ ।୩(ସମିସ): ଭଡ଼ାଘରେ ସ୍ୱାମୀକୁ ହତ୍ୟା କରି ଶବ ଛାଡ଼ି ଚାଲିଗଲା ସ୍ତ୍ରୀ । ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଆଜି ଏପରି ଏକ ଅଭିଯୋଗ ହୋଇଛି । ମୃତକ ହେଲେ, ମେଳେକା ଜଗଦୀଶ । ତାଙ୍କ ଘର ଗୁଣୁପୁର ସବ୍-ଡିଭିଜନ୍ ଜଗନ୍ନାଥପୁର ପଞ୍ଚାୟତ ମାଛଖୁଣ୍ଟି ଗ୍ରାମରେ । ସେ ପାରଳାଖେମୁଣ୍ଡି ସହରର ନଗରମପଲ୍ଲୀ ସାହିରେ ଏକ ଭଡ଼ାଘରେ ରହୁଥିଲେ । ପୁଲିସ୍ ଆଜି ଉକ୍ତ ଘରୁ ଜଗଦୀଶଙ୍କ ଗଳିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି । ଦୁଇରୁ ତିନିଦିନ ତଳେ ଜଗଦୀଶଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିବ ବୋଲି ଥାନାଅଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି । ଅପରପକ୍ଷେ, ଜଗଦୀଶଙ୍କ ପତ୍ନୀ ହାରି ରଚିତ କେଉଁଆଡ଼େ ଫେରାର୍ ହୋଇଯାଇଥିବା କୁହାଯାଉଛି ।

ଅଭିଯୋଗ ଅନୁଯାୟୀ, ବର୍ଷକ ତଳେ ପୁଟାସିଂ ଥାନା ଅନ୍ତର୍ଗତ କୁଲୁ ସିଂ ଗ୍ରାମର ହାରି ରଚିତଙ୍କୁ ପ୍ରେମ ବିବାହ କରିଥିଲେ ଜଗଦୀଶ । ଜଗଦୀଶ ଜଣେ ଗାଡ଼ି ଚାଳକ ଭାବେ କାମ କରୁଥିଲେ । ତେବେ ହାରି ଅଧିକ ପାଠ ପଢ଼ିଥିବାରୁ ଚାକିରି ଆଶାରେ ଦୁଇ ମାସ ହେଲା ସ୍ୱାମୀ-ସ୍ତ୍ରୀ ପାରଳାଖେମୁଣ୍ଡିରେ ଏକ ଭଡ଼ାଘରେ ରହୁଥିଲେ । କିନ୍ତୁ ଏଠାକୁ ଆସିବା ପରେ ଦୁହିଁଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ବିଭିନ୍ନ ସମୟରେ ଝଗଡ଼ା ଲାଗି ରହୁଥିଲା ବୋଲି ପଡ଼ୋଶୀ କହିଛନ୍ତି । ଏହି ପାରିବାରିକ କଳହରୁ ଜଗଦୀଶଙ୍କୁ ହତ୍ୟା କରିବା ପରେ ହାରି ଫେରାର୍ ହୋଇଯାଇଥିବା ଜଗଦୀଶଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି ।

ବେଆଇନ ବାଲି ଚାଲାଣ ବେଳେ ଚଢ଼ଉ

# ଭୟରେ ନଦୀକୁ ଡେଇଁଲେ ୪ ଯୁବକ



**୩ ଯୁବକ ଉଦ୍ଧାର, ଜଣେ ନିଖୋଜ**

ସାଲେପୁର, ୮ ।୩(ସମିସ): ସାଲେପୁର ବ୍ଲକ୍‌ର ଚିତ୍ରୋତ୍ପଳା ଓ ମହାନଦୀ ଶଯ୍ୟାରୁ ବେଆଇନ ଭାବେ ଶହଶହ ଟ୍ରିପ୍ ବାଲି ଉଠାଯାଉଥିବା ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅଚାନକ ଭାବରେ ଖଣି ବିଭାଗ ଓ ଜଗତପୁର ଥାନା ପକ୍ଷରୁ ବାରବୋଡ଼ିଆ ଅଞ୍ଚଳରେ ନଦୀଘାଟ ପାଖରେ ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ସେଠାରେ ଟ୍ରାକ୍ଟର ଯୋଗେ ବାଲି ଉଠାଉଥିବା ୪ଜଣ ଯୁବକ ଭୟରେ ନଦୀ ଭିତରକୁ ଡେଇଁ ପଡିଥିଲେ । ପରେ ୩ଜଣ ଯୁବକ ଅଖତର୍ ଅଲ୍ଲୀ, ମିର୍ କାଜର ଓ ସେକ୍ ଅକସର ଉଦ୍ଦିନ ସେଠାରୁ କୌଣସି ମତେ ଉଦ୍ଧାର ପାଇଥିବା ବେଳେ ଖବର ଲେଖା ହେବା ସୁଦ୍ଧା ପୂର୍ବକଚ୍ଛ ଗ୍ରାମର ସେକ୍ ତଲିମ୍ (୨୬) ନିଖୋଜ ଅଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନିଖୋଜ ତଲିମଙ୍କ ବାପା ଅନୀଲ ଜମାଲ ଏବଂ ସ୍ଥାନୀୟ ବାସିନ୍ଦା ଇଜହାର ଅହମ୍ମଦ କହିଛନ୍ତି ଯେ ପୁଲିସ୍ ଭୟରେ ତାଙ୍କ ପୁଅ ନଦୀ ଭିତରକୁ ଡେଇଁ ପଡ଼ିଥିଲେ ।

ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ସମେତ ଖଣି ବିଭାଗ ଅଧିକାରୀ ଓ ଜଗତପୁର ଥାନାର ବହୁ ପୁଲିସ ଅଧିକାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ । ଏଠାରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ମାଫିଆମାନେ ପୁଲିସକୁ ଦେଖି ଭୟଭୀତ ହୋଇ ପାଣିକୁ ଡେଇଁପଡ଼ିଥିବା ସୂଚନା ମିଳିଛି ।

# ଖେଳୁଥିବା ବେଳେ ମୁଣ୍ଡରେ ପଶିଲା ଗରା




ବଣାଇଁ, ୮।୩ (ସମିସ): ଖେଳୁଖେଳୁ ୪ବର୍ଷର ଏକ ଶିଶୁପୁତ୍ର ମୁଣ୍ଡରେ ପଶିଗଲା ଗରା । ବଣାଇଁ ବ୍ଲକ୍ ଅଧୀନ ଜାଙ୍ଗଡ଼ା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ସେ ହେଲା, ଜାଙ୍ଗଳା ଗ୍ରାମର ବାବୁଲି ମୁଣ୍ଡାଙ୍କ ଶିଶୁପୁତ୍ର ଶୁଭମ୍ । ପରିବାରଲୋକ ଗରାକୁ ବାହାର କରିବା ପାଇଁ ବହୁ ଚେଷ୍ଟା କରି ବିଫଳ ହେବା ପରେ ତାକୁ ବଣାଇଁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । ସେଠାରେ ଡା. ପ୍ରଭାତ ରଞ୍ଜନ ସିଂ ଓ ଅନ୍ୟ କର୍ମଚାରୀମାନେ କଇଁଚି ଓ କଟର୍ ସାହାଯ୍ୟରେ ଗରାକୁ କାଟି ଶିଶୁକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ।

■ ଆବାସିକ ହଷ୍ଟେଲରେ ବଢୁଛି ମୃତ୍ୟୁ ସଂଖ୍ୟା

# ୮ ମାସରେ ୨୬ ଆଦିବାସୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ

**ରାୟଗଡ଼ାରେ ସର୍ବାଧିକ**

**୬ ଜଣ କରିଛନ୍ତି ଆତ୍ମହତ୍ୟା**

ଭୁବନେଶ୍ୱର, ୮।୩ (ସମିସ): ରାଜ୍ୟରେ ବିଭିନ୍ନ ଆବାସିକ ଅନୁସୂଚିତ ଜନଜାତି ହଷ୍ଟେଲମାନଙ୍କର ଛାତ୍ରଛାତ୍ରୀମାନଙ୍କର ମୃତ୍ୟୁ ଘଟୁଛି । ଗତ ଜୁଲାଇ ମାସ ପରଠାରୁ ଏଯାବତ୍ ରାଜ୍ୟବ୍ୟାପୀ ପ୍ରାୟ ୨୬ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି । ଏପରି ଏକ ସମ୍ବେଦନଶୀଳ ଘଟଣା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଏକ ବିଧାନସଭା ଉତ୍ତରରୁ ଜଣାପଡ଼ିଛି ।

ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ମୃତ୍ୟୁବରଣ କରିଥିବା ୨୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ଆତ୍ମହତ୍ୟା କରିଛନ୍ତି । ଅନ୍ୟ ୨୦ ଜଣଙ୍କର ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ଅବଧିରେ ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୭ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଥିବା ବେଳେ କୋରାପୁଟ ଓ ମାଲକାନଗିରିରେ ୩ଜଣ ଲେଖାଏଁ, ସୁନ୍ଦରଗଡ଼ ଓ ବରଗଡ଼ରେ ୨ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଛି । ଅନ୍ୟ ଜିଲ୍ଲା ମଧ୍ୟରେ ବଲାଙ୍ଗିର, ଗଞ୍ଜାମ, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦୁଝର, ନୟାଗଡ଼ରେ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଥିବା ମନ୍ତ୍ରୀ ନିଜର ଉତ୍ତରରେ କହିଛନ୍ତି ।

# ନିଖୋଜ ଯୁବକ ୨୦ ବର୍ଷ ପରେ ଆନ୍ଧ୍ରର ବୃଦ୍ଧାଶ୍ରମରୁ ଠାବ



**ଆନ୍ଧ୍ରରେ ୨୦ବର୍ଷ ହେଲା ଛେଳି ଚରାଉଥିଲେ**

**ପରିଚୟ ବଦଳାଇ ମାଗଣା ଖଟାଉଥିଲେ ଜଣେ ବ୍ୟକ୍ତି**

**ଦାଦନ ଯିବା ବେଳେ ବାଟରେ ହଜି ଯାଇଥିଲେ**

ବନ୍ଧୁଗାଁ, ୮।୩ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ର ଜଣେ ଯୁବକ ଦାଦନ ଖଟିବାକୁ ଯାଇ ନିଖୋଜ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଏକ ବୃଦ୍ଧାଶ୍ରମ (ଓଲ୍‌ଡ-ଏଜ୍-ହୋମ୍)ରୁ ଉଦ୍ଧାର ହୋଇଛନ୍ତି । ସେ ଚା' ପିଇବାକୁ ଏକ ଷ୍ଟେସନ୍‌ରେ ଓହ୍ଲାଇ ପଡ଼ି ସାଙ୍ଗମାନଙ୍କଠାରୁ ଅଲଗା ହୋଇଯାଇଥିଲେ । ପରେ ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଘରକୁ ପଠାଇଦେବେ ବୋଲି କହି ନିଜ ଘରକୁ ନେଇଯାଇଥିଲେ । କିନ୍ତୁ ସାହାଯ୍ୟ କରିବା ବଦଳରେ ତାଙ୍କୁ ଡରାଇ ଧମକାଇ ୨୦ବର୍ଷ ଧରି ନିଜର ଛେଳି ଚରାଉଥିଲେ । ତେବେ ବିବିସି ନ୍ୟୁଜ୍ ଚ୍ୟାନେଲ୍‌ରେ ଏ ସଂପର୍କିତ ଖବର ପ୍ରକାଶ ପରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଓଲ୍ଡ ଏଜ୍ ହୋମ୍‌ରେ ଛଡ଼ାଯାଇଥିଲା । ସମ୍ପୃକ୍ତ ଚ୍ୟାନେଲ୍‌ର ସାମ୍ବାଦିକମାନେ ତାଙ୍କ ଘର ଠିକଣା ଖୋଜି ଆସି ବନ୍ଧୁଗାଁରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ । ଏନେଇ ସ୍ଥାନୀୟ 'ସକାଳ' ପ୍ରତିନିଧିଙ୍କୁ ଫଟୋ ଦେବା ପରେ ସେ ସାଥୀ ସାମ୍ବାଦିକଙ୍କୁ ଧରି ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ପାଇଛନ୍ତି । ନିଖୋଜ ବ୍ୟକ୍ତିଜଣଙ୍କ ବନ୍ଧୁଗାଁ ବ୍ଲକ ପେଦାଲଡ଼ା ପଞ୍ଚାୟତ ଚିନାଅଲଡା ଗାଁର ଶୁକା କଣ୍ଡାଗରି ବୋଲି ଜଣାପଡ଼ିଛି ।

୨୦ ବର୍ଷ ତଳେ ଶୁକା ଦାଦନ ଖଟିବାକୁ କିଛି ସ୍ଥାନୀୟ ଲୋକଙ୍କ ସହ ଟ୍ରେନରେ ତାମିଲନାଡୁ ଯାଇଥିଲେ । ସେତେବେଳେ ତାଙ୍କୁ ମାତ୍ର ୪୭ବର୍ଷ ବୟସ ହୋଇଥିଲା । ତେବେ ସେ ସୁବାଗାଙ୍ଗା ଜିଲ୍ଲାର ଏକ ଷ୍ଟେସନ୍‌ରେ ଚା' ପିଇବାକୁ ଓହ୍ଲାଇଥିବା ବେଳେ ଟ୍ରେନ୍ ଛାଡ଼ି ଦେଇଥିଲା । ଶୁକା ଷ୍ଟେସନ୍‌ରେ ବସିଥିବା ବେଳେ ସେହି ଅଞ୍ଚଳର ଜଣେ ଲୋକ ତାଙ୍କୁ ଗାଁରେ ଛାଡ଼ିଦେବ ବୋଲି କହି ନିଜ ଘରକୁ ନେଇଯାଇଥିଲା । ପରେ ତାଙ୍କ ଘରେ ଥିବା ଛେଳି ପଲ ଚରାଇବାକୁ ଦେଇଥିଲା । ଚତୁରତାର ସହ ଶୁକାଙ୍କ ନାମ ବଦଳାଇ କନେରୁ ଆପାରାଓ ରଖିଥିଲା । ୨୦ବର୍ଷ ଛେଳି ତାଙ୍କ ଚରାଇବା ପରେ ୬୭ବର୍ଷ ବୟସରୁ ସେ ଶିବାଗାଙ୍ଗା ଜିଲ୍ଲା କାରମକିତା ଶାଖା କାଦମକୁଲି ଗାଁରେ ଥିବା ଓଲ୍ଡ ଏଜେ ହୋମ୍‌ରେ ରହୁଛନ୍ତି ।

ତେବେ ବିବିସି ତେଲଗୁ ନ୍ୟୁଜ୍ ପକ୍ଷରୁ ଦାଦନ ଶ୍ରମିକଙ୍କ ଖବର ସଂଗ୍ରହ ବେଳେ ସେ ଛେଳି ଚରାଉଥିବା ଦେଖି ଖବର ପ୍ରକାଶ କରିଥିଲେ । ସେ ତାଙ୍କ ନାମ କନେରୁ ଆପାରାଓ କହିଥିବା ବେଳେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ରେ ତାଙ୍କ ଗାଁ ବୋଲି କହିଥିଲେ । କିନ୍ତୁ ଗାଁର ନାଁ କହିପାରିନଥିଲେ । ବିବିସି ନ୍ୟୁଜ୍ ଟିମ୍ ବ୍ଲକ୍‌ରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପରିବାରଲୋକଙ୍କ ସନ୍ଧାନ ପାଇପାରିନଥିଲେ ।

ତେବେ ବନ୍ଧୁଗାଁ ବ୍ଲକ୍ ସକାଳ ପ୍ରତିନିଧି ପ୍ରକାଶ ବିଡିକା ଓ ଅନ୍ୟ ଜଣେ ସାମ୍ବାଦିକ ଉତ୍ତମ ନାୟକ ବୃଦ୍ଧଙ୍କ ପରିଚୟ ଖୋଜିବାକୁ ଅଣ୍ଟା ଭିଡ଼ିଥିଲେ । ଦୁହେଁ ବନ୍ଧୁଗାଁ ବ୍ଲକ ପେଦାଲଡା ପଞ୍ଚାୟତ ଝାଙ୍କରକାର୍ଲି ଗାଁକୁ ଯାଇ ସରପଞ୍ଚ ଶେଖର କଣ୍ଡାଗରିଙ୍କୁ ସାକ୍ଷାତ କରି ଶୁକାଙ୍କ ଫଟୋ ଦେଖାଇଥିଲେ । ସରପଞ୍ଚଙ୍କ ସହାୟତାରେ ତାଙ୍କ ଘରଲୋକଙ୍କ ଠିକଣା ମିଳିଥିଲା । ଫଟୋ ଦେଖି ଶୁକାଙ୍କ ସହ ସେତେବେଳେ ଦାଦନ ଯାଇଥିବା ହାରାକା ନାରାପା, ପିଡିକା ପେଣ୍ଟା ଓ ନିଜ ସାନଭଉଣୀ ସୀତା କଣ୍ଡାଗରି ଏବଂ ସମ୍ପର୍କୀୟ ଭାଇ ସୀତାରାମ ପ୍ରମୁଖ ଶୁକାଙ୍କୁ ଚିହ୍ନିପାରିଥିଲେ । ସୂଚନାଯୋଗ୍ୟ, ଶୁକା ନିଖୋଜ ହେବାର ବର୍ଷେ ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏକମାତ୍ର ଝିଅକୁ ବାହାଘର ସାରି ଶୁକା ଦାଦନ ଯାଇଥିଲେ । ପୁଣି ୨୦ବର୍ଷ ପରେ ଘରକୁ ଫେରିବା ଆଶା ଉଜ୍ଜିବୀତ ହୋଇଛି ।

■ ଏସ୍‌ଆଇଟି ବୈଠକରେ ଗୁରୁତ୍ୱାରୋପ

# ଅଧିକ ଦୁର୍ନୀତି ହେଉଥିବା କ୍ଷେତ୍ର ଉପରେ ତୀକ୍ଷ୍ଣ ନଜର ରଖ

କଟକ, ୮।୩ (ସମିସ): ବିଭିନ୍ନ ତଦନ୍ତକାରୀ ସଂସ୍ଥା ପକ୍ଷରୁ ହେଉଥିବା କାର୍ଯ୍ୟାନୁଷ୍ଠାନସ୍ୱରୂପ ଦୁର୍ନୀତିଗ୍ରସ୍ତଙ୍କୁ ଗିରଫ କରାଯାଇ ମାମଲା ରୁଜୁ କରାଯାଉଛି । ତେବେ ଏଥିରୁ ଯେଉଁ ସବୁ କ୍ଷେତ୍ରରେ ବେଶି ଦୁର୍ନୀତି ହେଉଥିବା ଜଣାପଡୁଛି, ସେହି ସବୁ କ୍ଷେତ୍ର ଉପରେ ଅଧିକ ଫୋକସ୍ କରିବାକୁ କଳାଧନ କାରବାର ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ପେସାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ୍ ଅରଜିତ ପଶାୟତ ଗୁରୁତ୍ୱାରୋପ କରିଛନ୍ତି । ଏହାଦ୍ୱାରା ଉକ୍ତ ସେକ୍ଟର୍‌ରେ ଦୁର୍ନୀତି କମିବା ସହ କଳାଧନ ଉପାର୍ଜନର ଉତ୍ସ ବନ୍ଦ କରାଯାଇପାରିବ । ଏବେ ଦୁର୍ନୀତି ନିବାରଣ ଆଇନରେ ହେଉଥିବା ମାମଲାରେ ଯଦି ଜଣେ ଗିରଫ ହେଉଛି, ତାହେଲେ ଇଡି ଓ ଆଇଟି ବିଭାଗକୁ ମଧ୍ୟ ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥା ଅବଗତ କରୁଛନ୍ତି । ଏଣୁ ପ୍ରଭାବୀ ତଦନ୍ତ ପାଇଁ ବିଭାଗୀୟ ସମନ୍ୱୟ ଆବଶ୍ୟକ ବୋଲି କହିଛନ୍ତି ଜଷ୍ଟିସ୍ ପଶାୟତ । ଶନିବାର କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ୍ ପଶାୟତଙ୍କ ବାସଭବନରେ ଠାରେ ଏସ୍‌ଆଇଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ଅଧ୍ୟକ୍ଷତା କରି ଜଷ୍ଟିସ୍ ପଶାୟତ ବିଭିନ୍ନ ବିଭାଗ ତଥା ତଦନ୍ତକାରୀ ସଂସ୍ଥାର ପଦାଧିକାରୀଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ । ଏସ୍‌ଆଇଟି ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଇତିମଧ୍ୟରେ ୯ଗୋଟି ଅନ୍ତରୀଣ ରିପୋର୍ଟ ଦିଆଯାଇଛି । ଦଶମ ରିପୋର୍ଟ ଆସନ୍ତା ଜୁଲାଇ ମଧ୍ୟରେ ଦିଆଯିବ । କିଛି ମାସ ଧରି ଓଡ଼ିଶାରେ ଆୟବହିର୍ଭୂତ ସଂପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଚଢ଼ଉ କରୁଛି ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ବିଭାଗ(ଆଇଟି)କୁ ମଧ୍ୟ ତଦନ୍ତ ସମ୍ପର୍କିତ ତଥ୍ୟ ବିଗତ ୪ ମାସ ଧରି ଦିଆଯାଉଥିବା ନେଇ ଜଷ୍ଟିସ ପଶାୟତ ଅବଗତ ହୋଇଛନ୍ତି । କୋଟିକୋଟି ଟଙ୍କାର ନିଶାଦ୍ରବ୍ୟ ନିୟମିତ ଜବତ କରାଯାଉଛି । ଓଡ଼ିଶାରେ ପ୍ରାୟ ୩୦ ହଜାର ଏକର ପରିମିତ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇପାରିଛି ବୋଲି ବୈଠକରେ କୁହାଯାଇଛି । ବର୍ତ୍ତମାନ ସାଇବର ଅପରାଧ, ଅନଲାଇନ୍ ଜୁଆ ଓ ନିଶା କାରବାର ଏକ ବଡ଼ ଚାଲେଞ୍ଜ ହୋଇଛି । ଏହାକୁ କିଭଳି ରୋକାଯାଇପାରିବ, ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଅନଲାଇନ୍ ଜୁଆ ଓ ସାଇବର୍ ଅପରାଧ ରୋକିବାକୁ ସାମାଜିକ ଚେତନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଜଷ୍ଟିସ୍ ପଶାୟତ । ଏବେ ଖଣିଜଦ୍ରବ୍ୟର ଚୋରା କାରବାର ସହ ନିଶା କାରବାର, ଚୋରା ସୁନା କାରବାର ଓ ଜିଏସ୍‌ଟି ଠକେଇ ମଧ୍ୟ କଳାଧନର ଉପାର୍ଜନର ମାଧ୍ୟମ ପାଲଟିଛି । ଠକେଇଗୁଡ଼ିକରୁ ଉପାର୍ଜନ କଳାଧନକୁ ଅନ୍ୟ କ୍ଷେତ୍ରରେ ବ୍ୟାପକ ଭାବେ ବିନିଯୋଗ କରାଯାଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି ।

ବୈଠକରେ ସିବିଆଇ ଡିଆଇଜି ସିଭି ସୁବାରେଡ୍ଡୀ, ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ଡିଆରଆଇ ଡିଜି ଏ.କେ. ଶ୍ରୀବାସ୍ତବ, ସିବିଡିଟି ଅଧ୍ୟକ୍ଷ ରବି ଅଗ୍ରୱାଲ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର, ଇଡି, ସୀମାଶୁଳ୍କ, ଆୟକର ବିଭାଗ, ସେବି, ନାର୍କୋଟିକ ବ୍ୟୁରୋ, ଖଣି ବିଭାଗ, ବାଣିଜ୍ୟକର ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ତଦନ୍ତର ଷ୍ଟାଟସ୍ ରିପୋର୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା ।

# ଆନ୍ତର୍ଜାତିକ ମହିଳା ଦିବସରେ ସମବାୟ ବର୍ଷ ପାଳନର ଶୁଭାରମ୍ଭ



**ଯାଜପୁର, ୮ ।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନର ଶୁଭାରମ୍ଭ ହୋଇଛି । କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଯାଜପୁରଟାଉନ ଶାଖା କାର୍ଯ୍ୟାଳୟରେ ସମବାୟ ପତାକା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଉତ୍ତୋଳନ ହୋଇଛି । ଆନ୍ତର୍ଜାତିକ ସମବାୟ ବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ 'ସମବାୟ ମାଧ୍ୟମରେ ମହିଳାଙ୍କ ସଶକ୍ତୀକରଣ' ବାର୍ତ୍ତା ପ୍ରଚାର କରିବା । ଆଜି ଜିଲ୍ଲାର ଅଗ୍ରଣୀ ମହିଳା ଓ ଯୁବତୀଙ୍କ ଦ୍ୱାରା ଏକ ପଦଯାତ୍ରା ବ୍ୟାଙ୍କ ପରିସରରୁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଉକ୍ତ ପଦଯାତ୍ରାକୁ ବରିଷ୍ଠ ସହକାରୀ ନିବନ୍ଧକ ଦେବେନ୍ଦ୍ର ନାୟକ, ସମବାୟ ନିରୀକ୍ଷକ ଅଲେଖ ପ୍ରସାଦ ସାହୁ, ବ୍ୟାଙ୍କ ଶାଖା ପରିଚାଳକ କେଦାର ବେହେରା, ସିମିଳିଆ ପ୍ରାଥମିକ କୃଷି ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ବର୍ଷ ତମାମ ଆନ୍ତର୍ଜାତିକ ସମବାୟ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପାଳିତ ହେବ ବୋଲି ସୂଚନା ଦିଆଯାଇଥିଲା ।

### ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବ

# ମୁଖ୍ୟମନ୍ତ୍ରୀଙ୍କ ଭାଷଣବେଳେ ଚେୟାର ଫାଙ୍କା

ଯାଜପୁର, ୮ ।୩(ସମିସ)



ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବ୍ରହ୍ମପୁରରେ ଦ୍ୱିତୀୟ କିସ୍ତି ସୁଭଦ୍ରା ସହାୟତା ପ୍ରଦାନର ଶୁଭାରମ୍ଭ କରିଛନ୍ତି । ଏ ଅବସରରେ ଯାଜପୁର ଜିଲ୍ଲାରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସିଧା ପ୍ରସାରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆଗକୁ ଯାଇପାରିବେ ବୋଲି କହିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଭାଷଣ ଶୁଣିବାକୁ ସତେ ଯେମିତି ମହିଳାଙ୍କ ଧୈର୍ଯ୍ୟ ନ ଥିଲା । ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଭାଷଣବେଳେ ଚେୟାର ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଥିଲା । ଫଳରେ ଯେଉଁ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେଉଛି, ତାହା ଫିକା ପଡ଼ିଥିଲା ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ, ସୁଭଦ୍ରା ଯୋଜନା ମହିଳାଙ୍କ ସଶକ୍ତୀକରଣ ପାଇଁ ବହୁତ ବଡ଼ ସଂକଳ୍ପ, ଯେଉଁଥିରେ ମହିଳାଙ୍କୁ ବର୍ଷକୁ ୧୦, ୦୦୦ ଲେଖାଏଁ ଅର୍ଥରାଶି ଦିଆଯିବ । ଯାହାକି ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ କାହା ଉପରେ ନିର୍ଭର କରିବାକୁ ପଡ଼ିବନି । ନିଜର ଛୋଟ ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ମଧ୍ୟ ହୋଇପାରିବେ । ଆଜିର ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ଉପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ ସ୍ୱାଗତ ଭାଷଣ ଦେଇ ଆଜି ଯାଜପୁର ଜିଲ୍ଲାର ୫୩୩୭୦୬ ଜଣ ହିତାଧିକାରୀ ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜିନୀ ଦାସ, ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଏସଏଚ୍‌ଜି ମହିଳା, ଅଙ୍ଗନବାଡ଼ି କର୍ମୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# କସବା ବିଦ୍ୟାଳୟରେ 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ

**ମଙ୍ଗଳପୁର, ୮ ।୩ (ସମିସ):** ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତସ୍ଥ କସବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସରୋଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ରୂପେ ଦଶରଥପୁର ବ୍ଲକର ପୂର୍ବତନ ବିଡିଓ ଅର୍ଣ୍ଣଦା ପ୍ରସାଦ ରଣା, ସମ୍ମାନିତ ଅତିଥି ରୂପେ ଦଶରଥପୁର ବ୍ଲକର ଅତିରିକ୍ତ ବିଡିଓ ନୃସିଂହ ଚରଣ ମହାନ୍ତି, ସିଆରସିସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ମଲ୍ଲିକ, ଶିକ୍ଷାବିତ ସନାତନ ନାୟକ, କଣ୍ଟପଡ଼ା ଉପ୍ରା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ୟାରୀମୋହନ ରାଉତ, ଅଙ୍ଗନବାଡି କର୍ମୀ ମନୋରମା ଦାସ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା ଉପରେ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ସଲମା ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସାଧୁ ଗୌରେଶ୍ୱର କଲେଜ ସଂସ୍କୃତ ବିଭାଗର ପାଠଚକ୍ର



**ମଙ୍ଗଳପୁର, ୮।୩(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ସାଧୁ ଗୌରେଶ୍ୱର କଲେଜ ସଂସ୍କୃତ ବିଭାଗ ପକ୍ଷରୁ ସୁସ୍ଥ ସମାଜ ଗଠନରେ ସଂସ୍କୃତର ଭୂମିକା ଶୀର୍ଷକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର ସଭାପତିତ୍ୱ କରିବା ସହ ସୁସ୍ଥ ସମାଜ ଗଠନରେ ଶ୍ରୀମଦ୍ ଭଗବତ ଗୀତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟଅତିଥି ରୂପେ ଏମ୍‌ସିବି ପ୍ରାକ୍ତନ ମୁଖ୍ୟ ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର ଯୋଗଦାନ କରି ସୁସ୍ଥ ଜୀବନଯାପନ ପାଇଁ ଶୃଙ୍ଖଳିତ ଦିନଚର୍ଯ୍ୟା, ସାତ୍ତ୍ୱିକ ଆହାର ଓ ସୁସ୍ଥ ମାନସିକତା ଅପରିହାର୍ଯ୍ୟ ଅଟେ ବୋଲି ସଂସ୍କୃତ ସାହିତ୍ୟରେ ଉଲ୍ଲେଖ ଥିବା ମତବ୍ୟକ୍ତ କରିଥିଲେ । ନାଇଜରର ମୁଖ୍ୟ ଡ. ଅଭୟ ନାୟକ ଅଧୁନା ସମାଜରେ ନୈତିକ ମୂଲ୍ୟବୋଧ ବୃଦ୍ଧି କରିବାରେ ସଂସ୍କୃତ ସାହିତ୍ୟରେ ସୁଭାଷିତାବଳୀର ଉପାଦେୟତା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ମା' ତାରିଣୀ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡ. ପ୍ରତାପ ତ୍ରିପାଠୀ ଯୋଗଦାନ କରି ସଂସ୍କୃତ ଶ୍ଳୋକ ଉଚ୍ଚାରଣ ଦ୍ୱାରା ବିଭିନ୍ନ ଜଟିଳ ରୋଗ ଉପଶମ ହୁଏ ବୋଲି ବେଦ ବେଦାନ୍ତର ଉଦାହରଣ ଦ୍ୱାରା ଆଲୋଚନା କରିଥିଲେ । ପ୍ରାକ୍ତନ ମୁଖ୍ୟ ସ୍ୱର୍ଗତ ଡଃ ନବକିଶୋର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବିଭାଗୀୟ ମୁଖ୍ୟ ଶ୍ରୀମତୀ ସ୍ମିତାରାଣୀ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିବା ସହ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପିକା ଡ. ଭାଗ୍ୟଶ୍ରୀ ରାୟ, ବିମଳିନୀ କର, ସଂଘମିତ୍ରା ସାହୁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବାଣିଜ୍ୟ ବିଭାଗ ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା ଓ ଡ. ସତ୍ୟରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାଧ୍ୟାପକ ଉଜ୍ୱଳ ଦାସ, ସୁବାସ ସାହୁ, ରବିନାରାୟଣ ଦାଶ, ସୁକାନ୍ତ ପାଢ଼ୀ, ଦେବୀପ୍ରସାଦ ସାହୁ, ଶରତ ସାହୁ, ଦୀପାଞ୍ଜଳି ସାହୁ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ବିଜୟିନୀ ଦାସ ମଙ୍ଗଳା ଚରଣ ଓ କାବେରୀ ମଲ୍ଲିକ ଶାନ୍ତି ପାଠ କରିଥିଲେ ।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

# ୨ ଶିକ୍ଷକଙ୍କ ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ

**ପାଣିକୋଇଲି, ୮।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ତେଲିଆ ଗ୍ରାମରେ ଦୁଇ ଶିକ୍ଷକଙ୍କ ସମେତ ଅନ୍ୟ ଅଭିଯୁକ୍ତ ମିଳିତ ଭାବେ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ପୀଡ଼ିତ ପରିବାର ପକ୍ଷରୁ ଦାବି ହୋଇଛି ।

ତେଲିଆ ଗ୍ରାମର ଅଶୋକ ମାହାପତ୍ରଙ୍କ ସ୍ତ୍ରୀ ଦମୟନ୍ତୀ ମହାପାତ୍ରଙ୍କ ଅଭିଯୋଗ ମୁତାବକ, ସେ ଘର ବାହାରେ ଏକୁଟିଆ ଠିଆ ହୋଇଥିବାବେଳେ ତାଙ୍କ ଗ୍ରାମର ବିଜୟ ଦଳେଇ, ଦେବବ୍ରତ ଦଳେଇ, ପଞ୍ଚାନନ ଦଳେଇ, ଗଣେନ୍ଦ୍ର ଦଳେଇ ପ୍ରମୁଖ ହଠାତ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଦମୟନ୍ତୀ ଗୁରୁତର ଆହତ ହୋଇଥିଲେ । ଦମୟନ୍ତୀଙ୍କ ପାଟି ଶୁଣି ତାଙ୍କ ସ୍ୱାମୀ ଓ ପୁଅ ଆସିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଏ ନେଇ ଦମୟନ୍ତୀ ଥାନାରେ ଅଭିଯୋଗ କରିବା ସହ ଚିକିତ୍ସାଧୀନ ଅଛନ୍ତି । ପୁଲିସ ୪୭/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ଅଭିଯୁକ୍ତ ବିଜୟ ଓ ଦେବବ୍ରତ ଦୁଇ ଶିକ୍ଷକ ହୋଇ ମଧ୍ୟ ଅମାନୁଷିକ ଆକ୍ରମଣ କରିବାକୁ ପଛାଇ ନ ଥିଲେ । ସେମାନଙ୍କ ନାମରେ ପୂର୍ବରୁ ମାମଲା ରହିଥିବା ଜଣାପଡ଼ିଛି । ସେମାନଙ୍କ ବିରୁଦ୍ଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

### ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୧୫୫୫ ମକଦ୍ଦମାର ଫଇସଲା

**ଯାଜପୁର, ୮ ।୩(ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୩୧୫୫୫ଟି ମକଦ୍ଦମାର ଫଇସଲା ହୋଇଛି । ଏଥିରେ ୬୦୯ଟି ଫୌଜଦାରୀ, ୨୬ଟି ମୋଟର ଦୁର୍ଘଟଣାଜନିତ, ୬୭ଟି ଦେୱାନୀ, ୨୦ଟି ପାରିବାରିକ କଳହ, ୨ଟି ଖାଉଟି ବିବାଦ ଓ ୨୪୨୯ଟି ରାଜସ୍ୱ ମକଦ୍ଦମା ରହିଛି । ଏସବୁ ମକଦ୍ଦମା ଫଇସଲା କରାଯାଇ ୪, ୭୩, ୦୭, ୧୩୭ ଟଙ୍କା ଆଦାୟ କରାଯାଇଛି । ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ୬୩ ଟି, ବିଦ୍ୟୁତ ବିଭାଗର ୧୫୮ଟି ଓ ଟେଲିଫୋନ ସମ୍ବନ୍ଧୀୟ ୧୦ଟି ପ୍ରାକ୍ ବିଚାରଧୀନ ମାମଲାର ଫଇସଲା କରାଯାଇ ୩୮, ୮୧, ୩୯୧ ଟଙ୍କା ଆଦାୟ କରାଯାଇଛି ।




ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି (ଏଲଆର ଓ ଏଲଟିଭି) ଶ୍ରୀମତୀ ଲୋପାମୁଦ୍ରା ବେହେରା, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ମନସ୍ୱିନୀ ରଥ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଏସ୍‌ଡିଜେଏମ ଶ୍ରୀମତୀ ଇପସିତା ନନ୍ଦ, ଦେୱାନୀ ବିଚାରପତି ଶ୍ରୀମତୀ ସୁନୀତା ବିଶ୍ୱାଳ ଓ ଜେଏମଏଫ୍‌ସି ଅନୁଶ୍ରୀ ଜେନା ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ ।

# ସମାଜସେବିକାଙ୍କ ପରଲୋକ

**ବଡ଼ଚଣା, ୮।୩(ସମିସ):** ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ବିଶିଷ୍ଟ ସମାଜସେବିକା ଶ୍ରୀମତୀ ଉତ୍ତରା ଲେଙ୍କା (୮୩)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ହେଉଛନ୍ତି ବଡ଼ଚଣା ବ୍ଲକ ତଥା ଅରଖପୁର ଗ୍ରାମର ପୂର୍ବତନ ବିଧାୟକ ସ୍ୱର୍ଗତ ଧନଞ୍ଜୟ ଲେଙ୍କାଙ୍କ ବୋହୂ ଓ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ନାତୁଣୀ । ତାଙ୍କ ବିୟୋଗରେ ସମାଜସେବୀ ସମର କେତନ ଲେଙ୍କାଙ୍କ ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ପାଣିକୋଇଲି, ୮।୩(ସମିସ):** ପାଣିକୋଇଲିସ୍ଥ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ +୨ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରମତୀ ବସନ୍ତ ମଞ୍ଜରୀ ସାହୁ ଯୋଗଦେଇ ବାଳିକାଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ଗୌରହରି ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂଯୋଜକ ସୁଶ୍ରୀ ସଙ୍ଗୀତା ନନ୍ଦ, ଅଧ୍ୟାପକ ଶୁଭ୍ରକାନ୍ତ ପାତ୍ର ଯୋଗଦେଇଥିଲେ । ଉକ୍ତ ସଭାରେ ଅଧ୍ୟାପିକା ଶକ୍ତିମୟୀ ଜେନା, ରଶ୍ମିତା ଧଳ, ସାଗରିକା ରଥ, ସୁବାସିନୀ ପୃଷ୍ଟି, ଅଧ୍ୟାପକ ସତ୍ୟବ୍ରତ ଦାସ, ସନ୍ତୋଷ ଦାଶ, ସୀମା ତରାଇ, ଅଭିମନ୍ୟୁ ପଣ୍ଡା, ଅଲେଖ ସାହୁ, ରମେଶ ମହାକୁଡ, ବିପିନ ବିହାରୀ ଦାସ, ଲୋକନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ । ପ୍ରଶିକ୍ଷିକା ଭାବେ ପ୍ରଜ୍ଞାପରାମିତା ବିଶ୍ୱାଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଅର୍ପଣ କରିଥିବାବେଳେ ୧୩ ତାରିଖରେ ଉଦ୍‌ଯାପିତ ହେବ ।

# ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଭୂ-ତତ୍ତ୍ୱ ବିଭାଗର ଆଲୋଚନାଚକ୍ର



ବଡ଼ଚଣା, ୮।୩(ସମିସ): ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂ-ତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ପୃଥିବୀର ଭୂସୂଚନା ବିଭାଗ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଡକ୍ଟର ମହାପାତ୍ର ପ୍ରଯୁକ୍ତିବିଦ୍ୟା ଓ ଭୂ-ତତ୍ତ୍ୱ ବିଜ୍ଞାନ ମିଳନରେ ସୃଷ୍ଟ ଇକୋନୋମିକ ଜିଓଲୋଜି କିପରି ଦେଶର ଅର୍ଥନୀତି ବୃଦ୍ଧି ଦିଗରେ ସାହାଯ୍ୟ କରିପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସହପ୍ରାଧ୍ୟାପକ ଡକ୍ଟର କମଳ ବାରିକ ଜିପିଏସ, ଜିଆଇଏସ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥଲେ । କିପରି ଡିଜିପିଏସ ସର୍ଭେ ଦ୍ୱାରା ଖଣିଜ ସମ୍ବଳ ଭୂତଳ ଜଳ ପାଣିପାଗ ସମ୍ବନ୍ଧୀୟ ଦିଗ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷୟକ୍ଷତିର ପୂର୍ବାନୁମାନ କରିହେବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ସର୍ଭେ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ କୁମାର ଚନ୍ଦ୍ର ସେଠୀ, ଭୂ-ତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୌମ୍ୟରଞ୍ଜନ ନାୟକ କିପରି ଭୂତତ୍ତ୍ୱ ବିଜ୍ଞାନକୁ ବାସ୍ତବିକ୍ ଜୀବନରେ ଉପଯୋଗ କରି ଅର୍ଥ ଉପାର୍ଜନ କରିହେବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଜ୍ଞାନବର୍ଦ୍ଧନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଶ୍ରୀମତୀ ସୋନାଲି ପତି ଦେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପଞ୍ଚାନନ ସାହୁ ଆଲୋଚନାଚକ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।

### ଲୁଣି ପାଣି ଘେରରେ ଦଶରଥପୁର ବ୍ଲକ୍‌ର ଡାଲୁଅ ଧାନଚାଷ

# ୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ



**ଦଶରଥପୁର, ୮।୩ (ସମିସ):** ଦଶରଥପୁର ବ୍ଲକର ତଳମୁଣ୍ଡରେ ଥିବା ୧୦ରୁ ଅଧିକ ପଞ୍ଚାୟତର ଚାଷୀ ମୁଖ୍ୟତଃ ଡାଲୁଅ ଧାନଚାଷ ଉପରେ ନିର୍ଭର କରିଥା'ନ୍ତି । ଡାଲୁଅ ଧାନଚାଷ ପାଇଁ ଚାଷୀଙ୍କୁ ବୈତରଣୀ ନଦୀ ପାଣି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଆବଶ୍ୟକ ମୁତାବକ ବର୍ଷା କିମ୍ବା ବୈତରଣୀ ନଦୀର ଉପର ମୁଣ୍ଡରୁ ଜଳ ପ୍ରବାହିତ ହେଲେ ସମୁଦ୍ର ଜୁଆର ପାଣି ନଦୀ ଭିତରକୁ ଆସି ନ ଥାଏ । ଚଳିତବର୍ଷ ଆବଶ୍ୟକତାଠାରୁ କମ୍ ବର୍ଷା ହେବା ସହିତ ଉପର ମୁଣ୍ଡରୁ ଜଳ ପ୍ରବାହିତ ହେଉ ନ ଥିବାରୁ କୟାଁଗୋଲା ପର୍ଯ୍ୟନ୍ତ ଲୁଣି ପାଣି ମାଡ଼ି ଆସିଲାଣି । ଲୁଣିପାଣି ଡାଲୁଅ ଧାନଜମିରେ ମାଡ଼ିଲେ ଧାନ ଅଗାଡ଼ି ହୋଇଯିବ ବୋଲି ଶୁକ୍ରବାର ଅଞ୍ଚଳର ଚାଷୀଙ୍କ ପକ୍ଷରୁ ବରିଷ୍ଠ ସମାଜସେବୀ ତଥା ପୂର୍ବତନ କମାରଢ଼ିହି ସମିତିସଭ୍ୟ ମଳୟ ପଣ୍ଡା, କମାରଢିହି ପାକ୍ସ ସଭାପତି ଭାଗୀରଥି ସାହୁ, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ବାରିକ, ପ୍ରଦୀପ ନାୟକ, ମନୋରଞ୍ଜନ ସାହୁ, ରାଜେନ୍ଦ୍ର ବିଶ୍ୱାଳ, କାଳନ୍ଦୀ ସାହୁ, ବିଶ୍ୱମ୍ଭର ଦାସ, ଗୌରାଙ୍ଗ ନାୟକ, ଚୌଧୁରୀ ଜେନାଙ୍କ ନେତୃତ୍ୱରେ ବହୁ ପୁରୁଖା ଚାଷୀ ଯାଜପୁର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଘଡ଼ାଇଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଚାଷୀଙ୍କ ଅଭିଯୋଗ ମୁତାବକ, ବୈତରଣୀ ନଦୀରେ ସ୍ରୋତ ନ ଥିବାରୁ ତଳ ମୁଣ୍ଡରେ କୟାଁଗୋଲା ପର୍ଯ୍ୟନ୍ତ ଲୁଣିପାଣି ମାଡ଼ିଆସିଲାଣି । ବିଭାଗୀୟ କର୍ତ୍ତୃପକ୍ଷ ବୈତରଣୀ ଆନିକଟ୍‌ରେ ଅଧିକ ଜଳ ନ ଛାଡ଼ି ବୁଢ଼ାନଦୀ ଆନିକଟ୍‌ରେ ଅଧିକ ପାଣି ଛାଡ଼ିବାକୁ ଗୁରୁତ୍ୱ ଦେଉଛନ୍ତି । ବୈତରଣୀ ନଦୀରେ ଆବଶ୍ୟକ ପରିମାଣରେ ଜଳ ଗଚ୍ଛିତ ହୋଇପାରୁ ନ ଥିବାରୁ ନଦୀର ଆଖୁଆପଦା ଆନିକଟ୍‌ରେ ପାଣି ଯାଉନାହିଁ । ୭ଦିନ ମଧ୍ୟରେ ତୁରନ୍ତ ବୁଢ଼ା ନଦୀରେ ଥିବା ଆନିକଟ୍ ଗେଟ୍ ବନ୍ଦ କରାଯିବା ସହିତ ଆଖୁଆପଦା ଆନିକଟ୍‌ରୁ ବୈତରଣୀ ନଦୀକୁ ଜଳ ପ୍ରବାହିତ ହେବା ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଆନ୍ଦୋଳାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି ।

### ଜେନାପୁର ଉପଡ଼ାକଘର

# ନାହାନ୍ତି ପୋଷ୍ଟମାଷ୍ଟର, ଜଣେ କର୍ମଚାରୀ ହିଁ ଭରସା

କବାଟବନ୍ଧ, ୮।୩(ସମିସ)




ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉପଡ଼ାକଘର ଜଣେ ମାତ୍ର କର୍ମଚାରୀଙ୍କ ଭରସାରେ ଚାଲିଛି । ଦୀର୍ଘଦିନ ଧରି ଏଠାରେ କେହି ପୋଷ୍ଟମାଷ୍ଟର ନ ଥିବାରୁ ଲୋକଙ୍କୁ ଏଥିପାଇଁ ବିଭିନ୍ନ ପ୍ରକାର ସମସ୍ୟା ହେଉଥିବା ଅଭିଯୋଗ ହେଉଛି । ଯାଜପୁର ଡିଭିଜନ ଅଧୀନ ଏହି ଉପଡ଼ାକଘର ଅଧୀନରେ ପ୍ରାୟ ୧୩ଟି ଶାଖା ଡାକଘର ରହିଛି । ପାଖାପାଖି ୧୦ ହଜାର ଲୋକ ଏହି ଉପଡ଼ାକଘର ଉପରେ ନିର୍ଭରଶୀଳ । ରେଜିଷ୍ଟ୍ରି ଡାକ, ସ୍ପିଡ୍‌ପୋଷ୍ଟ, ଆଇପିଓ, ପାର୍ସଲ, ସୁକନ୍ୟା ସମୃଦ୍ଧି ଯୋଜନା, ଡାକ ଜୀବନ ବୀମା, ମହିଳା ସମ୍ମାନ ସଞ୍ଚୟ ଯୋଜନା, ସେଭିଂ ବ୍ୟାଙ୍କ, ଫିକ୍ସ ଡିପୋଜିଟ ଆଦି ବିଭିନ୍ନ ସେବା ଏଠାରେ ଉପଲବ୍ଧ ହୁଏ । ଉକ୍ତ ଉପଡ଼ାକଘର ଅଧୀନରେ ଥିବା ପ୍ରାୟ ୧୧୮ଟି ରାଜସ୍ୱ ଗ୍ରାମ ଓ ଅନେକ ପଡ଼ା ଗ୍ରାମ ରହିଛି । ଏସବୁ ଗ୍ରାମ ଏହି ଡାକଘର ଉପରେ ନିର୍ଭରଶୀଳ । ତେଣୁ ଜେନାପୁର ଉପଡ଼ାକଘରରେ ପୋଷ୍ଟମାଷ୍ଟର ଓ ଖାଲି ପଦବୀ ପୂରଣ କରାଯିବାକୁ ଦାବି ହେଉଛି ।

ସୂଚନା ମୁତାବକ, ଜେନାପୁର ଉପଡ଼ାକଘରେ କାର୍ଯ୍ୟରତ ପୋଷ୍ଟମାଷ୍ଟରଙ୍କ ଗତ ଡିସେମ୍ବର ୩୧ ତାରିଖରେ ଚାକିରି ଅବଧି ସରିବା ପରେ ସେ ଅବସର ନେଇଛନ୍ତି । ଏହାପରଠାରୁ ଏଠାରେ କାହାକୁ ନିଯୁକ୍ତି ଦିଆଯାଇନାହିଁ । ଏହି କାର୍ଯ୍ୟାଳୟ ପାଇଁ ଅତି କମ୍‌ରେ ଦୁଇଜଣ କର୍ମଚାରୀଙ୍କ ଆବଶ୍ୟକତା ରହିଛି । ଏବେ ମାତ୍ର ଜଣେ କର୍ମଚାରୀଙ୍କ ଭରସାରେ ଚାଲିଛି । ଯଦ୍ୱାରା ଲୋକଙ୍କୁ ବିଭିନ୍ନ କାମ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଯାହାକୁ ନେଇ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଉଛି । ଡାକ ଅଧୀକ୍ଷକ ଓ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏଠାରେ ଜଣେ ପୋଷ୍ଟମାଷ୍ଟରଙ୍କୁ ନିଯୁକ୍ତି ଦେଲେ ଲୋକଙ୍କୁ ଉତ୍ତମ ସେବା ମିଳିବା ସହ ସମସ୍ତ କାମ ସୁରୁଖୁରୁରେ ହୋଇପାରିବ ବୋଲି ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ବୈଷୟିକ ଶିକ୍ଷା ସଚେତନତା ରଥ ପରିକ୍ରମା

**ସିଂହପୁର, ୮।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥ ଖରସ୍ରୋତା ମହାବିଦ୍ୟାଳୟରେ ପ୍ରତିଷ୍ଠିତ ସନ୍ତୋଷୀ କମ୍ପ୍ୟୁଟର ଏକଡେମି ଆନୁକୂଲ୍ୟରେ ବୈଷୟିକ ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି । ଏହି ରଥକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାମଲ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସରକାରୀ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ଛାତ୍ରଛାତ୍ରୀ ନିଯୁକ୍ତି ସୁବିଧା ପାଇପାରିବେ ବୋଲି ନିର୍ଦ୍ଦେଶକ ନୀଳମଣି ରାଉତ, ସହଯୋଗୀ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ମଲ୍ଲିକ, ଶ୍ୟାମସୁନ୍ଦର ସାହୁ କହିଥିଲେ । ଇଂରାଜୀ ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ବିଜୟ ପତି, ସୁରେନ୍ଦ୍ର ସାମଲ, କୈଳାସ ମିଶ୍ର, ଚନ୍ଦ୍ରହାସ୍ୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା



**ବ୍ରହ୍ମବରଦା, ୮।୩(ସମିସ):** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା ଅଧ୍ୟକ୍ଷ ମହେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଓମ ପ୍ରକାଶ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡିସିପିଓ ନିରଞ୍ଜନ କର, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ଓ ଶିଶୁ ଅଧିକାର ମଞ୍ଚର ସଂଯୋଜକ ମଣ୍ଟୁ ଦାସ ଯୋଗଦେଇଥିଲେ । ଶ୍ରୀ ଜେନା ସାମୂହିକ ପ୍ରୟାସ ଓ ସଚେତନ ହିଁ ବାଲ୍ୟବିବାହ ରୋକିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ଅତିଥି ବାଲ୍ୟବିବାହ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ନିଜ ନିଜ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସ୍ତରରେ ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା ବିଷୟ ଉପରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୪ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଶିକ୍ଷା ବିଭାଗର ସୁମେୟା ସେଖ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଆ ବିଭାଗର ସ୍ଥିତିପ୍ରଜ୍ଞା ପଣ୍ଡା ଦ୍ୱିତୀୟ ଓ ରାଜନୀତି ବିଭାଗର ନୁରଜାହାଁ ନସିମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜାତୀୟ ପାରା କ୍ରୀଡ଼ାବିତ ସୋନାଲି ଓଝା ଓ ଦମୟନ୍ତୀ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ସଞ୍ଜୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ ସଭାର ଅଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ରତ୍ନପୂର୍ଣ୍ଣା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସଭା ପରିଚାଳନାରେ ସହଯୋଗ କରିଥିଲେ ।

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ମାମଲା

## ଜେଲ୍ ଗଲେ ପ୍ରଧାନ ଶିକ୍ଷକ

ନାଉଗାଁ, ୮।୩ (ସମିସ): ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଡାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁଦ୍ରପ୍ରସାଦ ସ୍ୱାଇଁଙ୍କୁ ଶୁକ୍ରବାର ରାତିରେ ଛତିଆନାସ୍ଥିତ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି ନାଉଗାଁ ପୁଲିସ।

ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ସ୍କୁଲର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଫେବୃଆରୀ ୧୭ ତାରିଖରେ ଶିଶୁ ସୁରକ୍ଷା ହେଲ୍ପଲାଇନ ନମ୍ବରରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ପରେ ସେମାନେ ତଦନ୍ତ ରିପୋର୍ଟ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଭିତ୍ତି କରି ଫେବୃଆରୀ ୨୨ରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଶିକ୍ଷା ଅଧିକାରିଣୀ ରାଜଶ୍ରୀ ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିବା ସହ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଚାକିରିରୁ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ଉପରେ ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ମାର୍ଚ୍ଚ ୬ରେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାଉଗାଁ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ଘଟଣାର ତଦନ୍ତ କରି ଉକ୍ତ ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।

# ଭତ୍ତା ହିତାଧିକାରୀଙ୍କଠାରୁ ୨୫ ଲକ୍ଷ ଫେରାଇ ଆଣିବେ ସରକାର

ଭୁବନେଶ୍ୱର, ୮।୩(ସମିସ): ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁନାହିଁ। ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା କହି କେବଳ ଦୁଇ ବର୍ଗର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଦେଲେ। କିନ୍ତୁ ବିଭାଗର ତ୍ରୁଟି ପାଇଁ ଏବେ ହିତାଧିକାରୀଙ୍କ ଆକାଉଣ୍ଟରେ ଅନଧିକୃତ ଭାବେ ଗୋଟିଏ ମାସରେ ୨୫ଲକ୍ଷରୁ ଅଧିକ ଟଙ୍କା ଚାଲିଯାଇଛି। ୨୫ ଜିଲ୍ଲାରେ ଏପରି ଗଡ଼ବଡ଼ ବିଭାଗର ଦୃଷ୍ଟିକୁ ଆସିଛି। ଏହି ଟଙ୍କା ସମ୍ପୃକ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଓ ପୌର ସଂସ୍ଥାର ନିର୍ବାହୀ ଅଧିକାରୀଙ୍କଠାରୁ ଆଦାୟ କରି ସରକାରଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ କୁମାର ରାଉତରାୟ ସମସ୍ତ ଜିଲ୍ଲାପାଳଙ୍କୁ (ବୌଦ୍ଧ, କନ୍ଧମାଳ, ନୟାଗଡ଼, କୋରାପୁଟ ଓ ଜଗତସିଂହପୁର ବ୍ୟତୀତ) ପତ୍ର ଲେଖି କହିଛନ୍ତି ଯେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ପେନସନ୍ ଯୋଜନା,

### ବିଏସ୍ଏସ୍ଓ ଏବଂ ନିର୍ବାହୀ ଅଧିକାରୀଙ୍କଠାରୁ ଆଦାୟ ନିର୍ଦ୍ଦେଶ

ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ୍ ଯୋଜନା, ଇନ୍ଦିରାଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାର ସମୀକ୍ଷା କରାଯିବା ସମୟରେ ଜଣାପଡ଼ିଥିଲା ଯେ ଜାନୁଆରୀରେ ୨୫,୪୧୦୦୦ ଟଙ୍କା ଅତିରିକ୍ତ ଭାବେ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଚାଲିଯାଇଛି। ଏହାକୁ ନେଇ ଅଧିକ ତଦନ୍ତ କରାଯିବା ପରେ ଜଣାପଡ଼ିଥିଲା ଯେ ମଧୁବାବୁ ପେନସନ୍ ଯୋଜନା (ଏମ୍ବିପିୱାଇ)ର ହିତାଧିକାରୀ ତ୍ରୁଟିପୂର୍ଣ୍ଣ ଭାବେ ଏନ୍ଏସ୍ଏପି ଅନ୍ତର୍ଗତ ଉପରୋକ୍ତ ତିନି ଯୋଜନାର ହିତାଧିକାରୀ ଭାବେ ସାମିଲ ହୋଇଯାଇଥିବାରୁ ଏପରି ସମସ୍ୟା ହୋଇଛି। ୨୫ ଜିଲ୍ଲାର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ପୌରାଞ୍ଚଳରେ ନିର୍ବାହୀ ଅଧିକାରୀଙ୍କ ଭୁଲ୍ ପାଇଁ ୨୫ ଲକ୍ଷରୁ ଅଧିକ ଟଙ୍କା ଚାଲିଯାଇଥିବା ଜଣାପଡ଼ିଥିଲା। ଉପରୋକ୍ତ ଯୋଜନାଗୁଡ଼ିକର ଜଣେ ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ୪ହଜାର ଟଙ୍କାରୁ ଆରମ୍ଭ କରି ୨୨ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଅର୍ଥ ଚାଲିଯାଇଛି। ସମ୍ପୃକ୍ତ ହିତାଧିକାରୀମାନଙ୍କୁ ବିଭାଗ ଚିହ୍ନଟ କରିସାରିଛି। ତେଣୁ ୩୦ ଦିନ ମଧ୍ୟରେ ଏସବୁ ଅର୍ଥ ସମ୍ପୃକ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ନିର୍ବାହୀ ଅଧିକାରୀଙ୍କଠାରୁ ଆଦାୟ କରି ଯୋଜନାୱାରୀ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

■ ୩୦ ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧ ଲକ୍ଷ ୬୯ ହଜାର ମାମଲାର ଫଇସଲା

**କଟକ, ୮।୩ (ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକସ୍ତରରେ ଆଜି ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧,୬୯,୦୨୪ଟି ମାମଲା ଫଇସଲା ହୋଇଛି ଓ ମୋଟ ୧୭୯ କୋଟି ୯୧ଲକ୍ଷ ୪୩ହଜାର ୮୮୫ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ଏଥିମଧ୍ୟରେ ପ୍ରାକ୍ ମକଦ୍ଦମାସ୍ତରୀୟ ୭୨୪୦ଟି ମାମଲା ଓ ବିଚାରାଧୀନ କୋର୍ଟ ମାମଲା ୧୬୨୭୬ଟି ଓ ୧,୪୫,୫୦୮ଟି ରାଜସ୍ୱ ମାମଲା; ଏହିପରି ମୋଟ ୧,୬୯,୦୨୪ଟି ମାମଲାର ଫଇସଲା କରାଯାଇଛି।

ଫଇସଲା ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ୨୪୬ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୧୪୭୨ଟି, ଟଙ୍କା ଅସୁଲି ମାମଲା ୫୭୯ଟି, ମୋଟରଯାନ ଦୁର୍ଘଟଣାଜନିତ ୮୭୫ଟି, ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ) ୪୭୬ଟି, ଜମି ଅଧିଗ୍ରହଣ ବିବାଦ ୫ଟି, ବିଦ୍ୟୁତ-ଜଳ ବିଲ୍ ସଂପର୍କିତ ୧୩ଟି, ଶ୍ରମ ଓ ନିଯୋଜନ ସଂପର୍କିତ ୩ଟି, ରାଜସ୍ୱ ମାମଲା ୧,୪୫,୫୦୮ଟି, ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୧୫ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ ମାମଲା ୧୫ଟି, ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ମାମଲା ଗୋଟିଏ, ଅନ୍ୟାନ୍ୟ ୧୩୫୫ଟି ଦେୱାନୀ ମାମଲା, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି, ଡିଆରଟି ମାମଲା୪ଟି ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୧,୧୮୯ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ୍ ଓ ଟ୍ରିବ୍ୟୁନାଲସ୍ତରରେ ଅନୁଷ୍ଠିତ ହୋଇଥିଲା।

# ୯ ମାସରେ ସୀମା ଟପିଛି ମହିଳାଙ୍କ ଉପରେ ବର୍ବରତା: ବିଜେଡି



### ଓଡ଼ିଶାରେ ମହିଳାମାନେ ଏବେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି

### ପ୍ରବାଦ ପୁରୁଷଙ୍କୁ ଅପମାନିତ କରି ବିଜେପି ସରକାର ପାପ କରିଛି

ଭୁବନେଶ୍ୱର,୮।୩(ସମିସ): ନିର୍ବାଚନ ସମୟରେ ନାରୀ ସଶକ୍ତିକରଣ, ମହିଳା ସୁରକ୍ଷା ପାଇଁ ବିଜେପି ଚିତ୍କାର କରୁଥିଲା; କିନ୍ତୁ କ୍ଷମତାକୁ ଆସିବା ପରେ ସବୁ ଭୁଲି ଗଲେ। ୯ ମାସ ଭିତରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଅହେତୁକ ଭାବେ ବୃଦ୍ଧି ପାଇଛି। ମହିଳା, ଦଳିତ, ଆଦିବାସୀ ମହିଳାଙ୍କ ଉପରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ ଓ ଅନ୍ୟାନ୍ୟ ଅତ୍ୟାଚାର ଘଟଣା ପ୍ରତିଦିନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ରାଜ୍ୟ ସରକାର ନିଦା ବିଷ୍ଣୁ ସାଜିଛନ୍ତି। ଆଜି ରାଜ୍ୟରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ମହିଳାଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏପରି ମନ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସହିତ ମହିଳାଙ୍କୁ କ୍ଷମତା ରାଜନୀତିରେ ଅଂଶୀଦାର କରିବା ପ୍ରକ୍ରିୟାର ମୂଳଦୁଆ ପକାଇଥିଲେ। ୧୯୯୧ ମସିହାରେ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏହି ବ୍ୟବସ୍ଥା ଓଡ଼ିଶାରେ ଲାଗୁ ହୋଇଥିବା ବେଳେ ୧୯୯୨ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ଆଣି ଦେଶରେ ଏହି ବ୍ୟବସ୍ଥାର ପ୍ରାବଧାନ କରିଥିଲେ। ୧୯୯୩ ମସିହାରୁ ତତ୍କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବିଜୁ ଜୟନ୍ତୀ ଦିନ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଆସୁଛି। ବିଜୁଙ୍କ ଏହି କୀର୍ତ୍ତି ସାରା ଦେଶ ପାଇଁ ମାର୍ଗ ଦର୍ଶକ ହୋଇଥିବା ବେଳେ, ଏହା ଓଡିଶା ପାଇଁ ଗର୍ବ ଗୌରବ ବୋଲି ବିଚାର କରାଯାଏ। କିନ୍ତୁ ମହିଳା ମାନଙ୍କ ସଶକ୍ତିକରଣର ଜନକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ରାଜ୍ୟ ବିଜେପି ସରକାର ଅସମ୍ମାନ ପ୍ରଦର୍ଶନ କରୁଛନ୍ତି। ରାଜ୍ୟ ବିଜେପି ସରକାର ବିଜୁ ଜୟନ୍ତୀ ଦିନ ପଞ୍ଚାୟତିରାଜ ଦିବସ ନ ପାଳିବା ନିଷ୍ପତ୍ତି, ରାଜ୍ୟର ଗର୍ବ ଓ ଗୌରବକୁ କ୍ଷୁର୍ଣ୍ଣ କରିଛି। ଏହାକୁ ବିଜେଡି ଦୃଢ଼ ନିନ୍ଦା କରୁଛି ବୋଲି ସେ କହିଛନ୍ତି।

ସ୍ନେହାଙ୍ଗିନୀ ପୁଣି କହିଛନ୍ତି ଯେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଦାବି ଏକ ପ୍ରହସନ ଛଡା ଆଉ କିଛି ନୁହେଁ। ନିର୍ବାଚନ ସମୟରେ ଦୁଇ ବର୍ଷରେ ମହିଳାମାନଙ୍କୁ ପଚାଶ ହଜାର ଟଙ୍କା ପ୍ରଦାନର ପ୍ରତିଶ୍ରୁତି ଦେଇଥିବା ବିଜେପି କ୍ଷମତା ହାସଲ କରିବା ପରେ ପାଞ୍ଚ ବର୍ଷରେ ପଚାଶ ହଜାର ସେ ପୁଣି ୧୦ଟି କିସ୍ତିରେ ଦେବେ ବୋଲି କହିବା, ମହିଳାଙ୍କ ପ୍ରତି ସବୁଠାରୁ ବଡ଼ ପ୍ରତାରଣା। ଦିନକୁ ୨୭ ଟଙ୍କା ପ୍ରଦାନ କରି ରାଜ୍ୟର ମହିଳା ମାନଙ୍କୁ କି ପ୍ରକାର ସଶକ୍ତ କରିବେ ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଥିଲେ। ରାଜ୍ୟର ମହିଳା ମାନଙ୍କୁ ଲଲିପପ୍ ଦେଇ ବିଜେପି ତାଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଚାହୁଁଛି। ମିଶନ ଶକ୍ତି ମାଧ୍ୟମରେ ନବୀନ ସରକାର ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଥିଲେ।

ଓଡ଼ିଆ ଅସ୍ମିତା ଓ ମହିଳାଙ୍କୁ ସଶକ୍ତ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କୁ ଚେତାବନୀ ଦେଉଛି ଯଦି ମହିଳା ମାନଙ୍କୁ ସଶକ୍ତ କରିବା ନାମରେ ଶୋଷଣ ଜାରି ରୁହେ, ମହିଳା ମାନଙ୍କ ସୁରକ୍ଷା ସ୍ଥିତିରେ ସୁଧାର ନଆସେ, ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଶ୍ରୀମତୀ ଛୁରିଆ ଚେତାବନୀ ଦେଇଛନ୍ତି।


**AFFIDAVIT**

By virtue of an Affidavit Sworn Before Executive Magistrate, Bhadrak on dtd. 06.03.2025. I Prasanta Kumar Das, of vill-Bankasahi, P.O/P.S/Dist-Bhadrak declare that my daughter's actual name is Pranvi Das but wrongly mentioned in her Aadhaar Card as Pratiksha Das instead of Pranvi Das. But I want to change her name from Pratiksha Das to Pranvi Das in her Aadhaar card. Henceforth, she will be known as Pranvi Das for all purposes.

**କିଡନୀ ଆବଶ୍ୟକ**

0+ କିମ୍ବା B+ କିଡନୀ ଆବଶ୍ୟକ, କେହି ସହୃଦୟ ବ୍ୟକ୍ତି ଦାନ କଲେ ଆମେ ଚିର ଉପକୃତ ହେବୁ। ଯୋଗାଯୋଗ:

**9556776884**
**6371369262**

**AFFIDAVIT**

By virtue of an affidavit before the Notary Public, Bhubaneswar on dtd- 07/03/2025. I, **Pradeep Moharana,** S/o Jogendranath Moharana, resident of At GL-31, VSS Nagar, PS- Saheed Nagar, Bhubaneswar, Dist- Khordha, Pin-751007, Odisha have changed my name from **Damu Pradeep Maharana To Pradeep Moharana** in my Share Certificate vide Regd. Folio No. S1D0067770 & Certificate No. R 04598422, R 04598423.

**AFFIDAVIT**

I, Hemanta Mohanty, S/o- Late Ramanath Mohanty, resident of Village/Post- Karihanda, Ps-Kamarda, Dist- Balasore, Odisha, declared by affidavit before Executive Magistrate, Bhograi No.738/ dtd-05/03/2025 that My daughter name treated as same and one person as Priyanshi Mohanty and Riya Mohanty in all respect for all purpose.

**AFFIDAVIT**

I, Prakash Parida, S/o- Chakradhara Parida, resident of At- Begunia, Po/Ps- Gop, Pin-752110, Odisha declared by this affidavit No. Sl. No-2144, Date- 23/11/2024 that now onwards I shall be known as **PRAKASH CHANDRA PARIDA** for all future purposes.

**AFFIDAVIT**

I, Sri Purendra Nayak, S/o-Sudhakrushna Nayak, resident of Village/Post- Alalbindha, Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhubaneswar No.cp 37/dtd-26/07/1996 that, changed my surname Nayak to Pattanayak. I will be known as Purendra Pattanayak instead of Purendra Nayak in all respect for all purpose.


## ଅବଶିଷ୍ଟାଂଶ

### ପ୍ରଚାରରେ କୋଟିକୋଟି...

ଲିଟର୍ କ୍ଷୀର ବି କିଣି ପାରିବେ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସୁଭଦ୍ରା ଯୋଜନାରୁ ମା' ମାନେ କିଛି ଉପକାର ପାଇବେ ନାହିଁ। ମା'ମାନେ ହେଉଛନ୍ତି, ପରିବାର ଓ ସମାଜର ଶକ୍ତି। ୧୯୯୦ ମସିହାରେ ବିଜୁ ବାବୁ ମା' ମାନଙ୍କୁ ରାଜନୀତିରେ ସଶକ୍ତ କରିବା ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ। ମା' ମାନଙ୍କ ପାଇଁ ପଞ୍ଚାୟତରେ ୩୩% ସଂରକ୍ଷଣ କରିଥିଲେ। ସରକାରୀ ଚାକିରୀରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ। ତାହା ଆଜି ସଫଳ ହୋଇଛି। ମା' ମାନେ ଆଜି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। କିନ୍ତୁ ପଞ୍ଚାୟତିରାଜ ଅନୁଷ୍ଠାନକୁ ମଜବୁତ କରିଥିବା ଓ ମା' ମାନଙ୍କ ଅଧିକାର ପାଇଁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା ବିଜୁ ବାବୁଙ୍କୁ ଡବଲ ଇଞ୍ଜିନ୍ ସରକାର ଅପମାନିତ କରିବାକୁ ପଛାଇ ନାହାନ୍ତି। ରାଜନୈତିକ ଅଭିସନ୍ଧି ରଖି ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଗଲା ନାହିଁ ବୋଲି ଉଲ୍ଲେଖ କରି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ସରକାର ପଞ୍ଚାୟତ ଅନୁଷ୍ଠାନରେ ମା' ମାନଙ୍କ ପ୍ରତିନିଧିତ୍ୱକୁ ବୃଦ୍ଧି କରିଛନ୍ତି। ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳା ମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ କରିବା ଲାଗି ବିଜେଡି ଲଢ଼େଇ ଜାରି ରଖିଛି। ଆମର ମିଶନ୍ ଶକ୍ତି କାର୍ଯ୍ୟକ୍ରମ ମା' ମାନଙ୍କୁ ଆତ୍ମନିର୍ଭରଶୀଳ କରିଛି। କିନ୍ତୁ ବିଜେପି ସରକାର ମିଶନ୍ ଶକ୍ତିକୁ ପଙ୍ଗୁ କରିଦେବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି। ବିଜେଡି ମା'ମାନଙ୍କ ରାଜନୈତିକ, ସାମାଜିକ, ଅର୍ଥନୈତିକ ସଶକ୍ତିକରଣ ପାଇଁ କାମ କରୁଛି। ବିଜେଡିର ଦୂତ ଭାବରେ ପ୍ରତି ପରିବାରକୁ ଦଳର ନୀତି ଓ ଆଦର୍ଶ ସମ୍ପର୍କରେ ସଚେତନ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଶ୍ରୀ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମା ଦେବୀ, ମାଳତୀ ଚୌଧୁରୀ, ସାରଳା ଦେବୀ, ପାର୍ବତୀ ଗିରି, ଶୈଳବାଳା ଦାସ ଓ ନାରୀ କବି କୁନ୍ତଳା କୁମାରୀ ସାବତ ଏବଂ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ଚିକିତ୍ସିକା ଡ଼ାକ୍ତର ସେବା ମହାପାତ୍ର, କୁଞ୍ଜଲତା ସାମଲ, ଓଜସ୍ୱିନୀ ମାହାର, ଜୟନ୍ତୀ ପ୍ରଧାନ, ଡ଼କ୍ଟର ଜ୍ୟୋର୍ତିମୟୀ ମହାନ୍ତି, ଡ଼କ୍ଟର ରୋଜା ଘୋଷଙ୍କୁ ନବୀନ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସାଂସଦ ସୁଲତା ଦେଓ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମେୟର ସୁଲୋଚନା ଦାସ ପ୍ରମୁଖ ଉଦ୍ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଦଳର ମହିଳା ବିଧାୟିକା, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ଛାମୁଆ ସଂଗଠନର କର୍ମକର୍ତ୍ତା, କର୍ପୋରେଟର ମାନେ ଉପସ୍ଥିତ ଥିଲେ।

### ଓଡ଼ିଶାରେ ସମ୍ବଲପୁର...

କଟକ, ପୁରୀ, ବାଲେଶ୍ୱରକୁ ବୁଝାଏ। ଉତ୍କଳ, କୌଶଳ, କଳିଙ୍ଗ ମିଶିକରି ଓଡ଼ିଶା ପ୍ରଦେଶ ଗଠନ ହୋଇଛି। କେବଳ ଉତ୍କଳର ଜୟଗାନ ଗାଇବ ଆଉ କୋଶଳ ଆଉ କଳିଙ୍ଗର କ'ଣ ପାଇଁ ଜୟଗାନ ହେବନାହିଁ। ଏଇଟା ଗୋଟେ କେଉଁ ପ୍ରକାର ମାନସିକତା। ଆମକୁ ତୁମେ ଶୋଷଣ କରୁଛ। ଆମର ଅର୍ଥ, ଆମର ଖଣି, ଆମର ଚାଷ, ଆମର ଜଙ୍ଗଲ, ସବୁଥିରେ ତୁମେ ଆମକୁ ଶୋଷଣ କଲ। ଚାକିରୀ ବାକିରୀ ସବୁଥିରେ। ଆଉ ଆଜି ତୁମେ ସେ କଲଚରାଲି ବି ଆମକୁ ଏକ୍ସପ୍ଲୋଏଟ୍ କରିବାକୁ ଚାହୁଁଛ। ଓଡ଼ିଶା ପ୍ରଦେଶରେ ମିଶିବା ପାଇଁ ଆନ୍ଦୋଳନରେ ଆମେ ବି ସାମିଲ ହୋଇଥିଲୁ; କିନ୍ତୁ ଓଡ଼ିଶାରେ ମିଶିବା ଆମର ଗୋଟେ ଐତିହାସିକ ଭୁଲ। ଆଉ ଐତିହାସିକ ଭୁଲକୁ ଆମେ ବାରମ୍ବାର କହୁଛୁ ବୋଲି ଜୟନାରାୟଣ କହିଛନ୍ତି।

ଅପରପକ୍ଷେ ଜୟ ନାରାୟଣଙ୍କ ଉପରୋକ୍ତ ବୟାନକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଉଛି। ସାମାଜିକ ଗଣମାଧ୍ୟମରେ ବହୁ ଲୋକେ ଶ୍ରୀ ମିଶ୍ରଙ୍କ ଏପରି ବୟାନକୁ କଡ଼ା ସ୍ୱରରେ ନିନ୍ଦା କରିବା ସହ ଏହାର ରୁଗ୍ଣ ମାନସିକତାର ପରିଚୟ ବୋଲି କହିଛନ୍ତି। ଏଭଳି ବିବାଦୀୟ ବକ୍ତବ୍ୟ ଓଡ଼ିଶାର ଏକତା ଓ ଅଖଣ୍ଡତାକୁ ପ୍ରତି ବିପଦ ସୃଷ୍ଟି କରିବ। ଜଣେ ପୂର୍ବତନ ବିରୋଧୀ ଦଳ ନେତା ତଥା ବରିଷ୍ଠ ବିଧାୟକଙ୍କଠାରୁ ଏପରି ବୟାନ ଶୋଭନୀୟ ନୁହେଁ। ତାଙ୍କୁ ମନ୍ତ୍ରୀମଣ୍ଡଳରୁ ଦୂରେଇ ରଖିଥିବାରୁ ବିଜେପି ସରକାର ଉପରେ ରୋଷ ପ୍ରକାଶ କରୁଛନ୍ତି ବୋଲି ସମ୍ବଲପୁରବାସୀ ମତ ଦେଇଛନ୍ତି। ସେହିପରି ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ କହିଛନ୍ତି ଯେ ଏକ ସରକାରୀ କାର୍ଯ୍ୟକ୍ରମରେ ଜଣେ ଶାସକ ଦଳର ବିଧାୟକଙ୍କ ଏପରି ବୟାନ ନିନ୍ଦନୀୟ ଅଟେ। ଓଡ଼ିଶାରେ ବିଭାଜନ ସୃଷ୍ଟି ପାଇଁ ଏପରି ବୟାନ ଉଦ୍ଦିଷ୍ଟ ଥିବା ଶ୍ରୀ ରେଡ୍ଡି କହିଛନ୍ତି। ସମ୍ବଲପୁରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ମଞ୍ଚାସୀନ ଥିଲେ ହେଁ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

### 'ତୁରନ୍ତ କ୍ଷମା ମାଗନ୍ତୁ...

ଲାଗି ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଜରୁରୀ। ନିଜ ଦଳର ବିଧାୟକଙ୍କ ଏହି ମତ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେବା ନିତାନ୍ତ ଆବଶ୍ୟକ। ନଚେତ୍ ଓଡିଆ ଅସ୍ମିତା ଓ ବିକଶିତ ଓଡିଶାର ସ୍ଲୋଗାନ ଏକ ଫମ୍ପା ଆୱାଜ ଥିଲା ବୋଲି ରାଜ୍ୟବାସୀ ଧରିନେବେ। ଚର୍ଚ୍ଚାରେ ରହିବା ପାଇଁ ଶ୍ରୀ ମିଶ୍ରଙ୍କ ଏହି ବକ୍ତବ୍ୟ ଦୁର୍ଭାଗ୍ୟଜନକ ଓ ବିଜୁ ଜନତା ଦଳ ଏହାର ଦୃଢ ନିନ୍ଦା କରୁଛି।

### କେନ୍ଦ୍ରାପଡ଼ାରେ ଇସ୍ପାତ...

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ପ୍ରସ୍ତାବିତ ମେଗା ପ୍ରକଳ୍ପ ସେପରି ଆଗକୁ ଆଗେଇ ପାରିନାହିଁ। ରାଜନୈତିକ ଇଚ୍ଛାଶକ୍ତି, ପ୍ରଭାବୀ ପ୍ରଶାସନିକ କଳ, ଶିଳ୍ପ ଅନୁକୂଳ ବାତାବରଣ ତଥା ସର୍ବୋପରି ରାଜ୍ୟ ସରକାରଙ୍କ ଆନ୍ତରିକତାରେ ଅଭାବ କାରଣରୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନଥିବା କୁହାଯାଉଛି। କେବଳ କେନ୍ଦ୍ରାପଡାର ପ୍ରସ୍ତାବିତ ପ୍ରକଳ୍ପ ନୁହେଁ, କଟକର ନରାଜଠାରେ ଜେଏସଡବ୍ଲୁ ଇଭି କାରଖାନାର ଭବିଷ୍ୟତ ମଧ୍ୟ ଅନ୍ଧାର ଘେରରେ ରହିଛି। ତୁରନ୍ତ ରାଜ୍ୟ ସରକାର ଉପରୋକ୍ତ ଦୁଇଟି ପ୍ରକଳ୍ପ କାର୍ଯ୍ୟନ୍ୱୟନ ସମ୍ପର୍କରେ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ପ୍ରକଳ୍ପ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### 'ସୁଭଦ୍ରା' ଦ୍ୱିତୀୟ କିସ୍ତି...

ପାଳନ କରିବା ପାଇଁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇସାରିଛି। ମହିଳାମାନଙ୍କୁ ଲକ୍ଷପତି କରାଇବା ପାଇଁ "ଲକ୍ଷପତି ଦିଦି' ଯୋଜନା ଆରମ୍ଭ ହୋଇଛି। ଆମ ରାଜ୍ୟ ଲକ୍ଷପତି ଦିଦି ଯୋଜନାକୁ କାର୍ଯ୍ୟକାରୀ କରି ସମଗ୍ର ଭାରତବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ସାରିଲୁଣି। ଓଡିଶାରେ ଆମେ ୨୦୨୭ ସୁଦ୍ଧା ଅତି କମ୍ ରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର କାର୍ଯ୍ୟକ୍ରମ ଜାରି ରଖିଛୁ।ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୪୯୩ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍ଘାଟନ କରାଯାଇଛି।

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ କଥା ଦେଇ ଆମ ସରକାର ଆଜି କଥା ରଖିଛନ୍ତି। ୮ ମାସ ମଧ୍ୟରେ ଏହି ଯେଉଁ ପ୍ରତିଶ୍ରୁତି ଆମେ ଦେଇଥିଲୁ ଯେ ମହିଳାଙ୍କୁ ସଶକ୍ତ କରିବୁ ଏବଂ ତାହା ଏହି ଭଳି ଭାବେ ଆଗକୁ ମଧ୍ୟ ଆମେ ପୂର୍ଣ୍ଣ କରିବୁ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବିଦେଶିନୀଙ୍କୁ ଗଣଦୁଷ୍କର୍ମ...

ଆମେରିକୀୟ ପର୍ଯ୍ୟଟକ ଡାନିଏଲ ଏବଂ ମହାରାଷ୍ଟ୍ରରୁ ଆସିଥିବା ପର୍ଯ୍ୟଟକ ପଙ୍କଜ ପହଁରା ଜାଣି ଥିବାରୁ ପାଣି ଭିତରୁ ବାହାରକୁ ଆସିବାକୁ ସକ୍ଷମ ହୋଇଥିଲେ ହେଁ ଓଡ଼ିଆ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ପୁଲିସ୍ ଶନିବାର ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ପର୍ଯ୍ୟଟକଙ୍କୁ ଚିହ୍ନଟ କରାଯାଇଥିଲା ବେଳେ ତାଙ୍କ ନାମ ବିଭାସ। ତାଙ୍କ ଘର କନ୍ଧମାଳ ଜିଲ୍ଲାରେ ବୋଲି ଜଣାପଡ଼ିଛି।

ଏହି ଘଟଣା ବେଙ୍ଗାଲୁରୁ ଠାରୁ ୩୫୦ କିମି ଦୂର କର୍ଣ୍ଣାଟକର ହାମ୍ପି ଜିଲ୍ଲା କୋପ୍ପାଲ ଠାରେ ଘଟିଛି। ଆହତ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଗଙ୍ଗାବତୀ ଗ୍ରାମୀଣ ପୁଲିସ ପକ୍ଷରୁ ନିର୍ଯାତନା,ଡକାୟତି, ହତ୍ୟା ଏବଂ ଗଣଦୁଷ୍କର୍ମକୁ ନେଇ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

### ଦୁଷ୍କର୍ମର ବିରୋଧ...

ଯାଇଥିଲେ। ସେଠାରେ ତାଙ୍କୁ ହତ୍ୟା କରାଯାଇଛି। ପୁଅର ମୃତ୍ୟୁ ପରେ ବାପା ବିଜୟ କର୍ଣ୍ଣାଟକ ଯାଇଛନ୍ତି। ବାଙ୍ଗାଲୁରୁରେ କର୍ଣାଟକ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ବିଜୟ। ଭଉଣୀ ସାଇନି ମଧ୍ୟ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ୯୧ ମାମଲାରେ ୮.୯୬କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୮।୩ (ସମିସ): ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ହାଇକୋର୍ଟରେ ଆଜି ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୮୭୫ଟି ମାମଲା ଗ୍ରହଣ କରାଯାଇଥିବା ବେଳେ ଏଥିମଧ୍ୟରୁ ୯୧ଟି ମାମଲାର ଆପୋଷ ବୁଝାମଣାରେ ଫଇସଲା କରାଯାଇଛି। ଏହି ଲୋକ ଅଦାଲତରେ କ୍ଷତିପୂରଣ ବାବଦରେ ୮ କୋଟି ୯୬ ଲକ୍ଷ ୫୬ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏମ୍. ଏସ୍ ରମଣ, ଜଷ୍ଟିସ୍ ସଂଜୟ କୁମାର ମିଶ୍ର, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ମାମଲାଗୁଡ଼ିକର ଫଇସଲା କରିଥିଲେ।


**AFFIDAVIT**

By virtue of an affidavit before The Executive Magistrate, Purushottamapur, Ganjam, Odisha, Dt-06.03.2025, I, Udhaba Sahu, S/o Ramahari Sahu, of Vill/Po-Chatamundali, Ps/Taluk - Purushottampur , Dist- Ganjam, Odisha, PIN-761043 declare that , I want to make correction of my nephew's name from Aditya Kumar Sahu to Kanha Sahu. Adhaar no 3241 5243 0608 Henceforth, he will be known as Kanha Sahu, S/o Pabitra Kumar Sahu (Father) & Pinki Sahu (Mother) for all future purposes.

**AFFIDAVIT**

I, Service Number: **JC- 388804N,** Rank: **Sub,** Name: **Anil Kumar Behera** Unit 79 Mtn Bde Sig Coy, C/o 56 APO S/o Dharmananda Behera R/o Vill- Biritol, Post-Rasulpur, Tehsil- Tirtol, Distt.-Jagatsinghpur (Odisha), PIN-754104 solemnly affirm and declare that my father's date of birth has erroneously wrongly mentioned as **01.07.1945** instead of **01.02.1954** (Correct) (Aadhar card No. 683070782055).

**AFFIDAVIT**

I, Service Number: **JC- 388804N,** Rank: **Sub,** Name: **Anil Kumar Behera** Unit 79 Mtn Bde Sig Coy, C/o 56 APO S/o Dharmananda Behera R/o Vill- Biritol, Post- Rasulpur, Tahsil-Tirtol, Distt- Jagatsinghpur (Odisha), PIN- 754104 solemnly affirm and declare that my mother's name and date of birth have erroneously wrongly mentioned as **Santilata Behera** and date of birth **01.07.1949** instead of **Shantilata Behera** and date of birth **01.07.1956** (Correct) (Aadhar Card No. 666518562871).

**TRUST FUND DEGREE COLLEGE, BARGARH**

Phone No.: 06646 – 231498, 233992

**WALK-IN INTERVIEW**

Desirous candidates having more than 55% of marks in the concerned subject at P.G. Level may attend the walk-in interview for the post of Lecturer in Zoology to be held on **18.03.2025 at 10:00 A.M.**
N.B.: No T.A./D.A. will be provided to the candidate.

Sd/-
Principal In-Charge-cum-Secretary
TRUST FUND DEGREE COLLEGE, BARGARH

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 27/02/2025. I, **Santosh Sahu,** Address: At- Nimigam, S Ambagam, Dist- Ganjam, Pin- 761101, Odisha declare that I have changed my daughter's name from **Barsa Sahu** To **Dharitri Sahu.** Henceforth, she shall be known as **Dharitri Sahu** for all purposes.
**(Santosh Sahu)**

**PANCHAYAT SAMITI OFFICE: HEMGIR, DIST-SUNDARGARH**
**TENDER CALL NOTICE 04/2024-25**
**No.999 / Date. 07.03.2025** i-

Tender is hereby invited vide Tender Call Notice No. 04 of 2024-25 from eligible contractors for the following work. The details documents will be downloaded from district website www.sundargarh.odisha.gov.in w.e.f. 10.03.2025 to 20.03.2025.

| Sl. No | Name of the Work | Amount put to Tender in ₹. (Excluding GST) | Cost of Tender paper (non-refundable) in ₹. | Bid security/ EMD (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Govt. UP School, Masina, Kanaktura GP | 15,40,900/- | 6,000/- | 15,409/- | Nine Months | 'D' & 'C' Class |
| 2 | Construction of Additional Classroom at Govt. UP School, Bandhapali, Laikera GP | 15,40,900/- | 6,000/- | 15,409/- | Nine Months | 'D' & 'C' Class |
| 3 | Construction of Additional Classroom at Govt. High School, Kanaktura GP | 17,08,400/- | 6,000/- | 17,084/- | Nine Months | 'D' & 'C' Class |
| 4 | Construction of Additional Classroom at Kuchedega UG High School, Kuchedega GP | 17,08,400/- | 6,000/- | 17,084/- | Nine Months | 'D' & 'C' Class |

1. Date and time for download Tender Paper: From Dt. 10.03.2025 to 20.03.2025.
2. Last Date of Receipt of Tender Paper: Dt. 20.03.2025 (5.00 P.M.)
3. Date of Opening of Tender Paper: Dt. 21.03.2025 (11.00 A.M.)

Sd/-
Block Development Officer,
Hemgir

OIPR-19104/11/0006/2425

**AFFIDAVIT**

I, Satrughan Nayak, S/o- Satrughna Nayak, resident of Sikhyakapada, Angul, Pin- 759123, Odisha declared by this affidavit No. 527, dtd-01/03/2025 that now onwards I shall be known as **SATRUGHNA NAYAK** for all future purposes.

# ସଂପର୍କ



ମହମ୍ମଦ ହିଫଜୁର ରହେମାନ



ବାପାଙ୍କ ଅଫିସ୍‌ରୁ ଫେରିବାର ଟାଇମ୍ ହେଲାଣି । ମୁଁ ଶୀଘ୍ର କୂଅରୁ ପାଣି କାଢ଼ି ବାରଣ୍ଡାରେ ବାଲଟି ଥୋଇଦେଲି । ବାଥରୁମ୍‌ରେ ବି ପାଣି ଭର୍ତ୍ତି କରି ଆଉ ଏକ ବାଲଟି ରଖିଦେଲି । ମୋ ଭଉଣୀ ମଧ୍ୟ ଖାଇବା ରେଡି କରିଦେଲା ।

ବାପାଙ୍କ ଅପେକ୍ଷାରେ ମୁଁ ବାହାରେ ଠିଆ ହୋଇଥାଏ । ସଞ୍ଜ ହୋଇଯାଇଥାଏ । ବାପାଙ୍କ ସାଇକଲ ଆସ୍ତେ ଆସ୍ତେ ଗଡ଼ି ଆସୁଥାଏ । ବାପାଙ୍କୁ ଦେଖି ଆନନ୍ଦରେ ମୋର ମନ ଯେତେ ଫୁଲି ଉଠୁଥାଏ, ସେତେ ମୁଁ ନିଜକୁ ଧନ୍ୟ ବି ମନେ କରୁଥିଲି । ବାପା ସାଇକଲରୁ ଓହ୍ଲାଇ କାନ୍ଥରେ ଆଉଜାଇ ରଖିଦେଲେ । ମୁଁ ସାଇକଲକୁ ଘର ଭିତରକୁ ଆଣି ଅଗଣାରେ ଗୋଟିଏ ପାର୍ଶ୍ୱରେ ରଖିଦେଲି । ବାପା ଥକି ପଡ଼ିଥାଆନ୍ତି । ତାଙ୍କ କଥା ଓ ଚେହେରାରୁ ସ୍ପଷ୍ଟ ବାହାରି ହୋଇପଡୁଥାଏ ।

ଘର ଭିତରକୁ ଯିବା ପୂର୍ବରୁ ବାରଣ୍ଡାରେ ଥୁଆ ହୋଇଥିବା ପାଣିରେ ପାଦ ଧୋଇଲେ । ଘର ଭିତରକୁ ଯାଇ ଡ୍ରେସ୍ ବଦଳାଇ ବାଥରୁମ୍‌କୁ ଗଲେ । ସେଇଠୁ ଫେରିଲା ପରେ ବାପା ବାରଣ୍ଡାରେ କିଛି ସମୟ ଠିଆ ହୋଇ ଏପଟସେପଟ ଅନାଇଲେ । ଚୁପ୍ ହୋଇ ଘର ଭିତରକୁ ଗଲେ । କିଛି ସମୟ ପରେ ପୁଣି ବାହାରକୁ ଆସି ବାରଣ୍ଡାରେ ଠିଆ ହୋଇ ଯାଡ଼େ ସିଆଡ଼େ ଅନାଇଲେ । ମୋ ସାନ ଭଉଣୀ କହିଲା, ବାପା ଖାଇବ ନି କି? ଆସ ମୁଁ ସବୁ ରେଡି କରି ରଖିଦେଇଛି । ବାପା ନ ଶୁଣିଲା ଭଳି ବାଡ଼ି ପଟକୁ ଗଲେ । କିଛି ସମୟ ପରେ ଫେରି ଆସି ପୁଣି ଏପଟସେପଟ ଅନାଇଲେ । କିଛି କହୁ ନଥିଲେ । ବିବ୍ରତ ଜଣାପଡୁଥିଲେ । ତାଙ୍କ ହାବଭାବରୁ ଜଣାପଡୁଥିଲା, ସେ କ'ଣ ଗୋଟିଏ ଖୋଜୁଛନ୍ତି । କିନ୍ତୁ ପଚାରିବାକୁ ଭାରି ଡର ଲାଗୁଥିଲା । କାଳେ ବାପା ରାଗିଯିବେ! କିନ୍ତୁ ସାନ ଭଉଣୀ ତ ବାପା ମାଆଙ୍କର ଗେହ୍ଲା ଝିଅ । ସେ ପଚାରିଦେଲା, "କ'ଣ ହେଲା ବାପା, କାହାକୁ ଖୋଜୁଛ? ମୁଁ ତମ ପାଇଁ ଖାଇବା ବାଢ଼ି ଦେଇଛି । ଆସୁନ କାହିଁକି । ଭୋକ ଲାଗୁନି କି?"

ବାପା କିଛି ଉତ୍ତର ଦେଲେନି । ଖାଲି ଦୀର୍ଘ ନିଶ୍ୱାସ ପକାଇ ଖାଇବାକୁ ବସିଲେ । ଭଉଣୀ ବାପାଙ୍କ ପାଖରେ ଠିଆ ହୋଇଥାଏ । ମୁଁ ଟିକିଏ ଦୂରରେ ବାରଣ୍ଡାରେ ବସି ବାପାଙ୍କୁ ଅନେଇଥାଏ । ବାପା ଖାଇବା ଛାଡ଼ିଲେ ଅଇଁଠା ଟିକିଏ ଚାଖି ଦେବି । ବାପାଙ୍କୁ ଥାଳିରେ ଯେତେ ଭାତ ଦେଲେ ମଧ୍ୟ ସେ କିଛି ନା କିଛି ଭାତ ତରକାରି ଛାଡ଼ି ଦିଅନ୍ତି । ବାପା ଛାଡ଼ିଦେଇଥିବା ଭାତ ତରକାରି ଖାଇବା ଲାଗି ମୁଁ ଆଉ ସାନ ଭଉଣୀ ମଧ୍ୟରେ ପ୍ରାୟ ସବୁଦିନ ଝଗଡ଼ା ଲାଗେ । ବାପା ଖାଇଲା ବେଳେ ଆମେ ଚାତକ ଭଳି ଚାହିଁ ବସିଥାଉ ।

ବାପା କିନ୍ତୁ ଆସ୍ତେ ଆସ୍ତେ ଖାଉଛନ୍ତି । ଯାହା ଲାଗୁଛି ଆଜିର ରୋଷେଇ ଭଲ ହୋଇନି । ଏତିକି ବେଳେ ପଚାରିଲେ, "ଆରେ ଏଥିରେ ଲୁଣ ପଡ଼ିନି କି?"

ସାନ ଭଉଣୀ କହିଲା, "ହଁ, ବାପା ତରକାରିରେ ଲୁଣ ପଡ଼ିଛି । ଆମେ ଖାଇବା ବେଳେ ତ ଠିକ୍ ଥିଲା ।"

"ଏ ଶାଗଟା ବି କାହିଁକି ଟେଷ୍ଟ ଲାଗୁନି" ବିରକ୍ତ ହୋଇ କହିଲେ ବାପା । ଖାଇବା ବେଳେ ତ ବାପା ଏମିତି କେବେ ରାଗନ୍ତି ନି । ଆଜି କାହିଁକି ଏ ରୂପ? ମୁଁ ଟିକେ ଡରିଯାଇଥିଲି । ଭଉଣୀ ବି ହତବାକ୍ ହୋଇ ବାପାଙ୍କ ଆଡ଼କୁ ଚାହିଁଥିଲା । ସବୁ ଦିନ ଏମିତି ଖାଦ୍ୟ ଖାଆନ୍ତି । ରୋଷେଇ ତ ତାଙ୍କ ମର୍ଜି ଅନୁସାରେ ହୋଇଛି । ଆଜି କାହିଁକି ଏତେ ଚିଡ଼ିଚିଡ଼ି ହେଉଛନ୍ତି ।

"ଅଫିସ୍‌ରୁ ଫେରି ଟିକିଏ ଭଲ ଖାଇବାକୁ ବି ମିଳୁନି । କେମିତି କ'ଣ ରୋଷେଇ କରୁଛ କେଜାଣି? କୁଆଡ଼େ ଗଲା ବୋଉ ?" ବାପାଙ୍କ ଏହି ପ୍ରଶ୍ନ ଶୁଣି ସାନ ଭଉଣୀ ମୋ ଆଡ଼କୁ ଚାହିଁଲା । ହସିହସି ଇସାରା କଲା କିଛି ନ କହିବାକୁ ।

ବାପା ଦୁଇ ତିନି ଥର ପଚାରିବା ପରେ ଭଉଣୀ କହିଲା, "ଆଜି ମାମୁଁ ଆସିଥିଲେ, ସାଙ୍ଗରେ ନେଇଯାଇଛନ୍ତି । କାଲି ଫେରି ଆସିବେ ।" ଏହା ଶୁଣି ବାପା ମନେ ମନେ ଭୀଷଣ ବିରକ୍ତ ହେଉଥିବା ଭଳି ଜଣାପଡୁଥିଲା । କହିଲେ, "କ'ଣ ମୋ ଆସିବାକୁ ଅପେକ୍ଷା କରିପାରିଲା ନାହିଁ । ଏତେ କ'ଣ ଜରୁରି ଥିଲା ଯେ ମୋତେ ନକହି ଭାଇ ଘରକୁ ଚାଲିଗଲା ।"

ବାପାଙ୍କ ରାଗିବା ବି ୱାଜିବ । କାରଣ ମୋ ଜାଣିବାରେ ମୁଁ ଗୋଟିଏ ଦିନ ଏମିତି ଦେଖିନି କି ଯେଉଁଦିନ ବାପା ଅଫିସ୍‌ରୁ ଫେରିବା ବେଳେ ବୋଉ ଘରେ ନଥିବ! ବାପା ଆସିଲା ବେଳକୁ ବାରଣ୍ଡାରେ ପାଣି ବାଲ୍‌ଟି ରଖିବା ସହିତ ତାଙ୍କ ପାଇଁ ଖାଇବା ପରଷି ରଖିଥାଏ । ବାପା ଖାଇଲା ବେଳକୁ ଦୂରରେ ବସି ତାଙ୍କ ମନମରଜିଆ ଜିନିଷ ଯୋଗାଇ ଥାଏ । ଖାଇଲା ବେଳେ ଆମେ ବାପାଙ୍କୁ କେବେହେଲେ ବିରକ୍ତ ହେବା ଦେଖିନୁ ।

ଆଜି ରାଗିବାର କାରଣ ଥିଲା, ବୋଉ ପାଖରେ ନଥିଲା । ଏହା ପଛରେ ଥିଲା ମୋ' ସାନ ଭଉଣୀର ଚଗଲାମି । ଅଫିସ୍‌ରୁ ଫେରିଲା ବେଳେ ବୋଉ ନଥିଲେ ବାପାଙ୍କ ରିଆକ୍ସନ୍ ଜାଣିବା ଲାଗି ସେ ବୋଉକୁ ତା' ରୁମ୍‌ରେ ଲୁଚାଇ ଦେଇଥିଲା । ବୋଉ ଏଥିପାଇଁ ରାଜି ନଥିଲେ ମଧ୍ୟ ନିଜ ରାଣ ଦେଇ ଭଉଣୀ ତାକୁ ବୁଝାଇ ଦେଇଥିଲା । ବାପା ରାଗରେ ତମତମ ହେଉଥିବା ଦେଖି ଭଉଣୀ ଘର ଭିତରକୁ ଯାଇ ବୋଉକୁ ସବୁକଥା କହିଲା । ବୋଉ ଘରୁ ବାହାରକୁ ଆସୁଥିବା ବେଳେ ସାନ ଭଉଣୀ କହିଲା, ମୁଁ ମିଛ କହିଛି ବୋଲି ଜାଣିଲେ ବାପା ରାଗିବେ । ବୋଉ କହିଲା ବ୍ୟସ୍ତ ହୁଅନା । ମୁଁ ବି ବୋଉ ପାଖକୁ ଦୌଡ଼ି ଯାଇଥିଲି । ଦେଖିଲି, ବୋଉର ଆଖି ଛଳଛଳ । କହିଲା, ବାପା ମାଆଙ୍କ ସାଙ୍ଗରେ ଏମିତି ଥଟ୍ଟା କରନ୍ତି ନି ।

ବୋଉ ବାହାରି ଆସିଲା ତା'ରୁମକୁ ଗଲା । ବାପା ସେତେବେଳେ କ'ଣ ଗଳଗଳ ହେଉଥାଆନ୍ତି । ସେ ଯେମିତି ତା' ରୁମ୍‌ରେ ପଶିଲା, ବାପା ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ରାଗ ବି ଥଣ୍ଡା ପଡ଼ିଗଲା । କହିଲେ, "ଆରେ ତମେ ପରା ଭାଇ ଘରକୁ ଯାଇଥିଲ, ପଳେଇ ଆସିଲ । କଣ ଅର୍ଜେଣ୍ଟ ଥିଲା । ଫେରି ଆସିଲ ଯେ ? କାଲି ଆସିଥାଆନ୍ତ । ପିଲା ତ ଘରେ ଅଛନ୍ତି ।"

ବାପାଙ୍କ ଏହି କଥା ଶୁଣି ବୋଉ କହିଲା, "ଥାଉ ଥାଉ ମୁଁ ସବୁ ଜାଣିଛି । ତମକୁ ମୁଁ ଚିହ୍ନିନି । ମୁଁ ଯାଉଥିଲି ଯେ । ଦେହ ଭଲ ଲାଗିଲାନି, ଫେରି ଆସିଲି ।" ବୋଉକୁ ଦେଖି ବାପା ଯେତେ ଆଶ୍ୱସ୍ତ ହୋଇଥିଲେ, ତା' ଦେହ କଥା ଶୁଣି ସେତିକି ବ୍ୟସ୍ତ ବି ହୋଇପଡ଼ିଲେ ।

"କ'ଣ ହେଇଛି, ଚାଲ ଯିବା ଡାକ୍ତର ଦେଖାଇ ଆସିବା ।" କହିଲେ ବାପା ।

ବୋଉ କହିଲା, "ମୋର କିଛି ହୋଇନି, ଟିକିଏ ହାଲିଆ ଲାଗୁଥିଲା, ଏବେ ଠିକ୍ ଅଛି ।"

ମୁଁ ଓ ସାନ ଭଉଣୀ ବାରଣ୍ଡାରେ ବସି ସବୁ ଶୁଣୁଥିଲୁ । ମୁଁ ଦେଖିଲି ଭଉଣୀ ଆଖିରେ ଲୁହ । ମୁଁ ତା' ପାଖକୁ ଯାଇ ପଚାରିଲି, "କ'ଣ ହେଲା ତୁ କାହିଁକି କାନ୍ଦୁଛୁ ।"

ଭଉଣୀ କହିଲା, "ମୁଁ ଜୀବନରେ ସବୁଠାରୁ ବଡ଼ ଭୁଲ୍ କରିଛି ।" କାନ ଧରି କହିଲା, "ବାପା ବୋଉ ମତେ କ୍ଷମା କରିଦିଅ, ଏ ପାପ ଆଉ କେବେହେଲେ ମରିବା ଯାଏଁ କରିବି ନାହିଁ ।"

X X X

ଆଜି କିନ୍ତୁ ବୋଉ ନାହିଁ । ବାପାଙ୍କ ଅଫିସ୍‌ରୁ ଫେରିବା ବାଟକୁ ଚାହିଁ ବସିଥିବା ବୋଉ ଏବେ ଆରପାରିରେ । ବାପା ବି ଅବସର ନେଇସାରିଲେଣି । ସେ ବି ବୋଉକୁ ଆଉ ଖୋଜୁ ନାହାନ୍ତି । ବ୍ରେନ୍ ଷ୍ଟ୍ରୋକ୍ ପରେ ସେ ସବୁ କିଛି ଭୁଲି ଗଲେଣି । ଚୁପ୍‌ଚୁପ୍ ବସୁଛନ୍ତି, କଥା କହିପାରୁ ନାହାନ୍ତି । ଯାହା ଦେଲେ ଟିକିଏ ଖାଇ ଦେଉଛନ୍ତି । ନା' ରାଗ ଅଛି, ନା ରୋଷ ! କୌଣସି ପ୍ରତିକ୍ରିୟା ବି ନାହିଁ । ଥକି ଯାଇଛନ୍ତି, ଆଖି ବି ଅସହାୟ ହୋଇପଡ଼ିଥିବା ଭଳି ଲାଗୁଛି । ସତରେ ଜଣେ ସାଥୀ ବିଚ୍ଛିନ୍ନ ହୋଇଗଲେ ଜୀବନ କେତେ ନିଃସଙ୍ଗ ହୋଇପଡ଼େ!

ସାନ ଭଉଣୀ ବି ବାହା ହୋଇଗଲାଣି । ସେ ତା' ଘର ସଂସାରରେ ବ୍ୟସ୍ତ । ବଡ଼ ଭାଇ ରିଟାୟର୍ କରିବା ପରେ ବାପାଙ୍କ କଥା ବୁଝୁଛନ୍ତି । ଅଧିକାଂଶ ସମୟ ବାପା ବାରଣ୍ଡାରେ ପଡ଼ିଥିବା ଚୌକିରେ ବସନ୍ତି । ସବୁ ଲକ୍ଷ୍ୟ କରନ୍ତି, କିଛି କହନ୍ତି ନାହିଁ । ଦିନ ଥିଲା, ଖବରକାଗଜ ନ ପଢ଼ିଲେ ମୁଣ୍ଡ ଖରାପ । କିନ୍ତୁ ଆଜିକାଲି ପେପର ଆଡ଼କୁ ଚାହୁଁ ବି ନାହାନ୍ତି ।

ସେଦିନ ହାଟରୁ ଫେରିଲା ବେଳକୁ ଦେଖିଲି ବାରଣ୍ଡାରେ ଚୌକି ଖାଲି ପଡ଼ିଛି । ବାପା ନଥିଲେ । ଭାବିଲି ରୁମ୍‌ରେ ଶୋଇଥିବେ । ତାଙ୍କ ରୁମକୁ ଗଲି, ସେଠି ନଥିଲେ । ବାଥରୁମ୍‌ରେ ବି ନଥିଲେ । ମୁଁ ବ୍ୟସ୍ତ ହୋଇପଡ଼ି ତାଙ୍କୁ ଖୋଜିବାକୁ ବାହାରିଲା ବେଳକୁ ଯାହା ଦେଖିଲି, ବିଶ୍ୱାସ ହେଉ ନଥାଏ । ଡ୍ରଇଂ ରୁମ୍ କାନ୍ଥରେ ଟଙ୍ଗା ହୋଇଥିବା ବୋଉର ଫଟୋ ସାମ୍ନାରେ ଠିଆ ହୋଇଛନ୍ତି ବାପା । ଫଟୋକୁ ଆଉଁଶୁ ଥାଆନ୍ତି ଏବଂ ଆଖିରୁ ଝରି ପଡୁଥାଏ ଲୁହର ଧାର ।

## ପତ୍ରିକା ପରିଚୟ

### କଥା କଥା କବିତା କବିତା

ସଂପାଦକ: ଅକ୍ଷୟ ବେହେରା




ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ
ଭୁବନେଶ୍ୱର
ମୂଲ୍ୟ: ୧୯୦ ଟଙ୍କା

କବି ଅକ୍ଷୟ ବେହେରାଙ୍କ ସଂପାଦିତ 'କଥା କଥା କବିତା କବିତା'ର ଷଷ୍ଠବିଂଶତମ ବର୍ଷ, ପ୍ରଥମ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ବହୁ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ଲେଖା ସ୍ଥାନିତ ହୋଇଛି । ରାହୁଲ ଗୌତମଙ୍କ 'ଅହିଂସା ଓ ପାରିସ୍ଥିତିକ ନାରୀବାଦର ପ୍ରବକ୍ତା; ହାନ୍ କାଙ୍ଗ', ଡକ୍ଟର ଶଶାଙ୍କ ଶେଖର ପଣ୍ଡାଙ୍କ 'ମଧ୍ୟଯୁଗୀୟ ଇଉରୋପର ପ୍ରସିଦ୍ଧ ଆତ୍ମଜୀବନୀ ଲେଖକ ଜିଆକୋମୋ କାସାନୋଭା, ପ୍ରଫେସର ଫକୀର ମୋହନ ସାହୁଙ୍କ 'ମସ୍ତିଷ୍କର ମାନଚିତ୍ର ପରିବର୍ତ୍ତନଶୀଳ କି?', ବାଦଲ ମହାନ୍ତିଙ୍କ 'ତପ୍ତ ସେଇ ତାରୁଣ୍ୟର ତଟେ; କବିତାର ଫୁଲ ଯେବେ ଫୁଟେ', ଡକ୍ଟର ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ 'ସାହିତ୍ୟରେ ଅନୁବାଦ: ଏକ ରଚନାତ୍ମକ ପ୍ରକ୍ରିୟା' ଆଦି ପ୍ରବନ୍ଧ ଓ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ରମେଶ ପଟ୍ଟନାୟକଙ୍କ 'ଭୂକମ୍ପର ଆଗପଛ', ସୁନନ୍ଦା ପ୍ରଧାନଙ୍କ 'ସୁହୃତ୍' ଆଦି ଗପରେ ସାଂପ୍ରତିକ ସମାଜର ଚିତ୍ର, ମାନବୀୟ ଭାବାବେଗ ପ୍ରସ୍ଫୁଟିତ ହୋଇଉଠିଛି । ସେଭଳି ହରିହର ମିଶ୍ର, ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ଅକ୍ଷୟ ବେହେରା, ସୌଭାଗ୍ୟବନ୍ତ ମହାରଣା ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ବିଶ୍ୱ ଚିତ୍ରକଳା, ସୃଜନ ଆଳାପ, ଗୀତି କବିତା, ଅନୁବାଦ,ପୁସ୍ତକ ସମୀକ୍ଷା ଆଦି ପ୍ରତିଟି ବିଭାଗ ଆକର୍ଷଣୀୟ ହୋଇଛି । ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଶ୍ୱ ସାହିତ୍ୟ ପର୍ଯ୍ୟନ୍ତ ଅନେକ ଲେଖାରେ ସମୃଦ୍ଧଶାଳୀ 'କଥା କଥା କବିତା କବିତା'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ ।

### ଝାଏଁରେ

ମୁଖ୍ୟ ସଂପାଦକ: ପ୍ରଶାନ୍ତ କୁମାର ମାଝୀ



ଧନୁପାଲି, ସମ୍ବଲପୁର
ମୂଲ୍ୟ: ୧୦୦ ଟଙ୍କା

ସମ୍ବଲପୁରୀ ଓଡ଼ିଆ ହାସ୍ୟବ୍ୟଙ୍ଗାତ୍ମକ ପତ୍ରିକା 'ଝାଏଁରେ'ର ଦଶମ ବର୍ଷ ଜୁଲାଇ-ଡିସେମ୍ବର ୨୦୨୪ ସଂଖ୍ୟା ଆମର ହସ୍ତଗତ ହୋଇଛି । ପ୍ରଶାନ୍ତ କୁମାର ମାଝୀ ଓ ପ୍ରଶାନ୍ତ କୁମାର ମହାକୁରଙ୍କ ସଂପାଦନାରେ ପ୍ରକାଶିତ ଏହି ଦ୍ୱିଭାଷିକ ପତ୍ରିକାରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଲେଖିକାଙ୍କ ଗପ, କବିତା, ବ୍ୟଙ୍ଗ, ନାଟକ, ସାକ୍ଷାତକାର ଆଦି ପ୍ରକାଶ ପାଇଛି । 'ସମ୍ପାଦକୀୟ'ରେ ଡକ୍ଟର ମନୋଜ କୁମାର ପଣ୍ଡାଙ୍କ 'କହେବାର ଲୋକ କହୁନ!' ଉଚ୍ଚକୋଟୀର ହୋଇଛି । ଡକ୍ଟର ଦିଲୀପ କୁମାର ପଣ୍ଡାଙ୍କ 'ଅବୋଲକରା ଉବାଚ', ହରିଶଙ୍କର ପରସାଇଙ୍କ 'ନିନ୍ଦାରସ', ଫତୁରାନନ୍ଦଙ୍କ 'ଲଣ୍ଡାମୁଣ୍ଡିଆ', ସ୍ୱର୍ଗତ ସୁନୀଲ ମିଶ୍ରଙ୍କ 'ଉଦ୍‌ବୋଧନ', ଶରତ ନାରାୟଣ ବେହେରାଙ୍କ 'ବିଦେଶୀ ଗୀତର ସ୍ୱଦେଶୀକରଣ', ଭବାନୀ ଶଙ୍କର ପ୍ରଧାନଙ୍କ 'ବିଧାର୍ ଗୁଟେ ସିଧା', ଗନ୍ତାୟତ ଶିବ ପ୍ରସାଦଙ୍କ 'ମୁଁ କିପରି ବାହା ହେଲି? ଆଦି ବ୍ୟଙ୍ଗ ଗପ ବେଶ୍ ମନଛୁଆଁ ହୋଇଛି । ସେହିପରି ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ 'ମୁର୍‌ହି ଓ ମୁକ୍‌ଫଲୀ', ସ୍ୱର୍ଗତ ମନମାଷ୍ଟ୍ରେଙ୍କ 'ସରପଞ୍ଚ ଏଣ୍ଡ ପରପଞ୍ଚ', ରାଧୁ ମିଶ୍ରଙ୍କ 'ଅନାହାର ମୃତ୍ୟୁ', ପଶୁକବି ସୁଶୀଲ ମିଶ୍ରଙ୍କ 'ଚାହା, ଚାହାରେ ଚାହା', ପ୍ରଭୃତି କବିତାରେ ହାସ୍ୟବ୍ୟଙ୍ଗ ସହିତ ସମାଜ ସଚେତନାର ବାର୍ତ୍ତା ରହିଛି । ଏହା ସହିତ ନାଟକ, ସାକ୍ଷାତକାର, ଚଳଚ୍ଚିତ୍ର, ପ୍ରତିଭା ପରିଚୟ ଆଦି ବିଭାଗଗୁଡ଼ିକ ମଧ୍ୟ ଉଚ୍ଚକୋଟୀର ହୋଇଛି । 'ଝାଏଁରେ'ର ଏହି ସଂଖ୍ୟାଟି ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### ଆଷାଢ଼

ସଂପାଦକ: ପୀତାମ୍ବର ମହାପାତ୍ର




ଆନନ୍ଦ ବଜାର, ହନୁମନ୍ତ
ବ୍ରହ୍ମପୁର,ଜଗତସିଂହପୁର
ମୂଲ୍ୟ: ୧୦୦ ଟଙ୍କା

ପୀତାମ୍ବର ମହାପାତ୍ରଙ୍କ ସଂପାଦନାରେ 'ଆଷାଢ଼ ସାହିତ୍ୟ ସଂସଦ'ର ପତ୍ରିକା 'ଆଷାଢ଼' ପ୍ରକାଶ ପାଇଛି । ଓଡ଼ିଶାର ବହୁ ପ୍ରତିଷ୍ଠିତ ପ୍ରାବନ୍ଧିକ, କବି, ଗାଳ୍ପିକ, ଗୀତି କବିଙ୍କ ଲେଖାରେ ଏହି ସଂଖ୍ୟାଟି ସମୃଦ୍ଧଶାଳୀ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ଶ୍ରୀଚରଣ ଦାସଙ୍କ 'ସନ୍ଦେଶ ଓ କୋଇଲି', ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ 'ବାପୁ ମହାତ୍ମାଙ୍କ ସେହି ତିନି ସହଯାତ୍ରୀ', ବୈକୁଣ୍ଠନାଥ ମିଶ୍ରଙ୍କ 'ବନ୍ଧୁତାର ପରିଭାଷା', ବ୍ରଜକିଶୋର ଦାଶଙ୍କ 'ବରେଣ୍ୟ ପ୍ରତିଭା: ଚିତ୍ତରଞ୍ଜନ ଦାସ' ପ୍ରଭୃତି ପ୍ରବନ୍ଧ ଉଚ୍ଚକୋଟୀର ହୋଇଛି । ସେହିପରି ମନୋଜ ପଟ୍ଟନାୟକଙ୍କ 'ଜୁଆରିଆ ରତ୍ନ', ହିମାଂଶୁ ଆଚାରୀଙ୍କ 'ବନ୍ଧୁତାର ପରିଭାଷା' ସନେଟ୍, ମନୋଜ ମହାନ୍ତିଙ୍କ 'ଅସ୍ତ ଯାଉଥିବା ସୂର୍ଯ୍ୟ', ବାବାଜୀ ଚରଣ ଜେନାଙ୍କ 'ବର୍ଷା ପାଉଁଜି', ଚିରଶ୍ରୀ ଇନ୍ଦ୍ରସିଂଙ୍କ 'ଆଜି ହଜିଲା ଦିନର ଭିଜିଲା ସୁରରେ', ଅରୁଣ ମନ୍ତ୍ରୀଙ୍କ 'ତ୍ରି-ପଦୀ' ଗୀତି କବିତା, ରକ୍ଷକ ନାୟକଙ୍କ 'ଗୁଣ୍ଡୁଚି', ଡକ୍ଟର ଶୁଭଶ୍ରୀ ଲେଙ୍କାଙ୍କ 'ଅନ୍ଧାର ଯୋଗ', କୃଷ୍ଣ କୁମାର ମହାନ୍ତିଙ୍କ 'ମୁଁ ଏକୁଟିଆ ଛିଡ଼ା ହୁଏ' ଆଦି ମୁକ୍ତଛନ୍ଦ କବିତା ହୃଦୟସ୍ପର୍ଶୀ ହୋଇଛି । ସେହିପରି କାଳୀ ପ୍ରସାଦ ମହାପାତ୍ରଙ୍କ 'ପ୍ରଚ୍ଛାୟା', ପୀୟୁଷ ରଞ୍ଜନ ପରିଡ଼ାଙ୍କ 'ବଜ୍ର ଶପଥ', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଚୋ'ର ତରଙ୍ଗ' ପ୍ରଭୃତି ଗପ ମନଛୁଆଁ ହୋଇଛି । ଏହି ପତ୍ରିକାଟି ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ଫେରିବା ବେଳ

ହରପ୍ରସାଦ ଦାସ



ମୋ ହାତରେ ସମୟ ନଥିଲା
ତୋ ଆଖିରେ ସ୍ୱପ୍ନ ନଥିଲା

ପାଣି ପଶି ମୋ କାନ ଗାଉଦା, ଆଖି ରଙ୍ଗା
ତୁ ଯୋଉ ଉଦାସକୁ ସେଇ ଉଦାସ
କହୁଚୁ ସେଇ ଗୋଟିଏ କଥା ବାରମ୍ବାର
ଆସିଲା ଜାଗର, ଗଲା ଜାଗର
କେଜାଣି କେତେଦିନ ହେଲା ଆମ ଗାଁ ଲୋକେ
ଲାଗିଚନ୍ତି ପଙ୍କଉଝଳାରେ
ଝର ଫିଟେଇନି ଗାଡ଼ିଆ ଗଙ୍ଗା
ଫିଟିଲେବି କି ଲାଭ ସେଥିରେ
ସବୁ ପୁଣ୍ୟ ତ ଗଲା ପଙ୍କରେ !

ଛ'ଷଠି କୋଟି ଟପିଲା, ପ୍ରୟାଗରାଜରେ
ବୁଡ଼ ପକେଇ ପାପ ଧୋଇ ଶୁଦ୍ଧ ହୋଇ
ପୁଣି ପଙ୍କହେବାକୁ ଫେରୁଥିବା ଲୋକଙ୍କ ସୁମାରି

ଗଲେଣି ସାଧୁ ସନ୍ଥ, ନିଜନିଜର ମଠବାଡ଼ିକୁ
ଫେରିଲେଣି ନାଗା ଅଘୋରୀ ନିଜନିଜର ଆଖଡ଼ାକୁ
ଜଟାଜୁଟ ଗୋଟେଇ ଜାବୁଡ଼ିଧରି ଧର୍ମ ଆଗେ ଆଗେ
ହାଡ଼ଗୋଡ଼ ଦିଖଣ୍ଡ ସମ୍ଭାଳି ଓଦାଲୁଗାରେ କମ୍ପିକମ୍ପି
କର୍ମ ପଛେ ପଛେ
ତା' ପଛକୁ ଧୂଳି ଉଡ଼େଇ ମୋକ୍ଷ ଓଟ ପିଠିରେ

ମୋର ସମୟ ନାହିଁ, ତତେ ଗାଁରେ ଛାଡ଼ିଦେଇ
ମୁଁ ପଳେଇବି ସାଇଟ୍, ସେଠି କାମ ଚାଲିଚି ଦିନରାତି
ପାହାଡ଼ ଫଟେଇ ସେପଟର ନାଗାବଳୀ ଆସିବ ଏପଟକୁ,
ତୋର ସ୍ୱପ୍ନ ନାହିଁ
ତୁ କହୁଚୁ ରହିଲେ ରହୁ ଏଥର ପେଟରେ
ନରହିଲେ ନାହିଁ
ଝିଅ ରହିଲେ ସେଇ ଗଙ୍ଗେଇ, ପୁଅ ରହିଲେ ସେଇ ଶିବେଇ !

ଟ୍ରାକ୍ ବଦଳାଉଚି ପୁରୁଷୋତ୍ତମ ଏକ୍ସପ୍ରେସ
ବଢ଼ାଉଚି ଗତି
ବଦଳି ଯାଉଚି ବାହାରର ପୃଥିବୀ
ଏଇନେ ଥିଲା ଦିନ, ଏଇନେ ରାତି !

# ଦୁଃଖ

ଶିଶିର ନାୟକ



ଦୁଃଖରେ ବସନ୍ତି ପ୍ରଜାପତି
ବାସୁଥାଏ ବଉଳର କଢ଼ି

ଦୁଃଖ ଥାଏ ଲୁହର ମହୁରେ
ଦୁଃଖ ପାଇଁ ଯୋଗ୍ୟ ହେବାକୁ ହୁଏ

ଦୁଃଖରେ ସୁନ୍ଦର ଆହୁରି ସୁନ୍ଦର ଦିଶେ
କବିତାର ଖାତା ଖୋଲା ହୁଏ

ଦୁଃଖରେ ବଦଳେ ଦୃଷ୍ଟି
ଦୁଃଖକୁ ସଜାଏ ସେ ଘରେ
ରଖେ ବାସନାପୁରେ

ନିଜର ମାତ୍ରାଦୋଷରୁ
ଦେଖି ପାରେନା ସେ ତାରା
କଷଟି ଗାଆଁର ଜ୍ୟୋତ୍ସ୍ନା

ଦୁଃଖ ବିରହରେ ମହକୁ ଥାଏ
ଖେଳୁଥାଏ ଅନୁଭବର ପାଖୁଡ଼ାରେ

ଦୁଃଖରେ ଜାଣିହୁଏ ଜୀବନ ଅଛି
ତକିଆ ତଳେ ରଙ୍ଗ ଅଛି

ଦୁଃଖ ଜଣେଇ ଦିଏ
ଗୋଲାପି ଟିପାରେ ବସନ୍ତ ଚେଇଁଛି
ଅନ୍ଧାରରେ କିଏ ଜଣେ ଅତର ଖୋଜୁଛି

ବିଛଣାର କୁଆର ଚିହ୍ନି ହୁଏ ଦୁଃଖରେ
ନୁଖୁରା ହସରୁ ଲୁହ ବାରି ହେଇ ପଡ଼େ

ଦୁଃଖରେ ଦଣ୍ଡିତ ବି ସୌଖୀନ ଥାଏ
ଦୁର୍ଦ୍ଦଶାରୁ ଫଗୁଣ ଲୁଚେଇ ରଖେ

ମୋ: ୯୯୩୭୪୯୦୬୪୭

# ଓଡ଼ିଆ ସାହିତ୍ୟର ଆଦ୍ୟ ସଂକେତ 'ଚର୍ଯ୍ୟାଗୀତିକା'

ଡକ୍ଟର ସତ୍ୟଜିତ ଦାସ



ବୌଦ୍ଧ ସହଜ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ରଚିତ 'ଚର୍ଯ୍ୟାଗୀତିକା'ରେ ଓଡ଼ିଆ ସାହିତ୍ୟର ଆଦ୍ୟ ସଂକେତ ଦେଖିବାକୁ ମିଳିଥାଏ । ଏହାର ରଚନାକାଳ ୭ମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ସୀମିତ । 'ଚର୍ଯ୍ୟାଗୀତିକା'କୁ ପ୍ରଥମେ ବଙ୍ଗଳା ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଲୋକଲୋଚନକୁ ଆଣିଥିଲେ । ୧୯୦୭ ଖ୍ରୀଷ୍ଟାବ୍ଦରେ ନେପାଳ ରାଜଦରବାର ମଧ୍ୟରେ ଥିବା ଗ୍ରନ୍ଥାଗାରରୁ 'ଚର୍ଯ୍ୟାଚୟ ବିନିଶ୍ଚୟ', ସରହପାଙ୍କ 'ଦୋହାକୋଷ' ଓ କାହ୍ନୁପାଦଙ୍କ 'ଦୋହାକୋଷ' ଓ 'ଡାକାର୍ଣ୍ଣବ' ନାମରେ ଚାରୋଟି ପୋଥି ପାଇଥିଲେ । ଏହି ଚାରୋଟି ପୋଥିକୁ ଏକତ୍ର କରି ୧୯୧୬ ମସିହାରେ 'ବୌଦ୍ଧଗାନ ଓ ଦୋହା' ନାମରେ ପ୍ରକାଶିତ କରିଥିଲେ । 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ପୋଥି ହେଉଛି ପଚାଶଟି ଚର୍ଯ୍ୟାଗୀତିର ସମାହାର । 'ଚର୍ଯ୍ୟା' ଶବ୍ଦର ମୂଳ ଅର୍ଥଟି 'ଆଚାର' ବା 'ଆଚରଣ' । ଏହା ଯୋଗସାଧନ ପଦ୍ଧତିର ଆଚରଣ ବୋଲି କହିପାରିବା । ସଙ୍ଗୀତ ଶାସ୍ତ୍ରରେ ଏକ ବିଶେଷ ଧରଣର ଗୀତର ରୀତିକୁ 'ଚର୍ଯ୍ୟା' ବୋଲି କୁହାଯାଉଥିଲା । ତେଣୁ ଚର୍ଯ୍ୟାଗୀତିକାଗୁଡ଼ିକ ଲୋକପ୍ରିୟ ଥିବାରୁ ସଙ୍ଗୀତ ଶାସ୍ତ୍ରରେ ଏହାର ଉଲ୍ଲେଖ ରହିଛି ।

ମିଳିଥିବା ପୋଥିରେ ସ୍ଥାନ ପାଇଥିବା ତେଇଶ ଜଣ କବିଙ୍କର ପଚାଶଟି ଗୀତିକା ରହିଛି । ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ କାହ୍ନୁପାଙ୍କର ସର୍ବାଧିକ ତେରଟି ଗୀତିକା ରହିଛି । ସିଦ୍ଧାଚାର୍ଯ୍ୟ ସରହପା ଆଦି ସିଦ୍ଧାଚାର୍ଯ୍ୟ ଭାବରେ ଗୃହୀତ ହୋଇଥାନ୍ତି । ଏହି ସିଦ୍ଧାଚାର୍ଯ୍ୟମାନେ ଚୌରାଶୀ-ସିଦ୍ଧ ପରମ୍ପରାର ଅନ୍ତର୍ଭୁକ୍ତ । ଓଡ଼ିଶା, ବଙ୍ଗଳା, ଆସାମ, ବିହାର ଆଦି ପୂର୍ବଭାରତୀୟ ଅଞ୍ଚଳକୁ ଏମାନଙ୍କର ଜନ୍ମସ୍ଥଳୀ ଭାବରେ ଗ୍ରହଣ କରାଯାଇଅଛି । ଅନେକ ସିଦ୍ଧାଚାର୍ଯ୍ୟ ଓଡ଼ିଆ ଥିବାରୁ ସେମାନଙ୍କ ରଚନାରେ ଓଡ଼ିଆତ୍ୱର ନିଦର୍ଶନ ଦେଖିବାକୁ ମିଳିଥାଏ । ସିଦ୍ଧାଚାର୍ଯ୍ୟ ସରହପା, ଲୁଇପା, କମ୍ବଳପାଦ, ବିରୂପା, କାହ୍ନୁପା, ଦାରିକପାଦ ଏବଂ ଭୁଷୁକୁପା ଆଦି ସିଦ୍ଧାଚାର୍ଯ୍ୟଙ୍କ ସାଧନାସ୍ଥଳୀ ଓଡ଼ିଶା ବୋଲି ବିଭିନ୍ନ ଗ୍ରନ୍ଥରେ ଉଲ୍ଲେଖ ରହିଛି ।

ସିଦ୍ଧାଚାର୍ଯ୍ୟମାନଙ୍କ ସଂସ୍କୃତରେ ପାଣ୍ଡିତ୍ୟ ଥିଲେ ମଧ୍ୟ ସାଧାରଣ ଲୋକକଥିତ ଭାଷାରେ ସାହିତ୍ୟ ରଚନା କରିଥିଲେ । ଚର୍ଯ୍ୟାଗୀତିରେ ଅନେକ ପୂର୍ବ ଭାରତୀୟ ଭାଷାର ପ୍ରତ୍ନରୂପ ଦେଖିବାକୁ ମିଳେ । ତେବେ ଚର୍ଯ୍ୟାଗୀତିକା ରଚନା କାଳରେ ପୂର୍ବ ଭାରତର ପ୍ରାଦେଶିକ ଭାଷାଗୁଡ଼ିକ ସେତେ ବଳିଷ୍ଠ ହୋଇନଥିଲା । ଲୋକକଥିତ ଭାଷାରେ ଚର୍ଯ୍ୟାଗୀତିକାଗୁଡ଼ିକ ରଚିତ । ଚର୍ଯ୍ୟାଗୀତିକାର ଭାଷାକୁ ପ୍ରାଚ୍ୟ ଅପଭ୍ରଂଶ ଏବଂ ଏହି ଭାଷା ସମଗ୍ର ପୂର୍ବାଞ୍ଚଳରେ ପ୍ରଚଳିତ ଅର୍ଦ୍ଧ ମାଗଧୀ ପ୍ରାକୃତରୁ ସୃଷ୍ଟି । ତେଣୁ ଚର୍ଯ୍ୟାଗୀତିକାରେ ପୂର୍ବ ଭାରତୀୟ ଭାଷାର ପ୍ରତ୍ନରୂପ ଦେଖିବା ସ୍ୱାଭାବିକ ମନେ ହୁଏ ।

ଭାଷାଗତ, ଐତିହାସିକ ଓ ଧର୍ମ ଦୃଷ୍ଟିରୁ ଚର୍ଯ୍ୟାଗୀତିକାରେ ଓଡ଼ିଆ ଭାଷାର ପ୍ରାଚୀନ ରୂପ ବୋଲି ଅନେକ ଗବେଷକ ମତ ଦେଇଥାନ୍ତି । ବଙ୍ଗୀୟ ଗବେଷକ ବିଜୟ ଚନ୍ଦ୍ର ମଜୁମଦାର 'ବଙ୍ଗବାଣୀ' ପତ୍ରିକାରେ ଚର୍ଯ୍ୟାଗୀତିକାରେ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ନିରୂପଣ କରିଛନ୍ତି । ଚର୍ଯ୍ୟାଗୀତିକାରେ ବ୍ୟବହୃତ ଓଡ଼ିଆ ଶବ୍ଦକୁ ଉଦ୍ଧାର କରି ଗୋପାଳ ଚନ୍ଦ୍ର ପ୍ରହରାଜ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ରେ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ନିର୍ଣ୍ଣୟ କରିଛନ୍ତି । ଏଥିରେ ବ୍ୟବହୃତ 'ଅଛଇ', 'ଅଧରାତି', 'ଅନ୍ଧାରି', 'ଅଇଲା', 'ଆଖି ଆଗେ', 'ଆଜି', 'ଆଲୋ', 'ଉପାଡ଼ି', 'ଉଠି', 'ଘରଣୀ', 'ଦିଶଇ', 'ପୋଥି', 'କୁରାଡ଼ି', 'ମୋହର', 'ଶାସୁ', 'ନଣନ୍ଦ', 'କୁଡ଼ିଆ, 'ଦାରୀ', 'ଲୋଡ଼ିବା' ପ୍ରଭୃତି ଶବ୍ଦଗୁଡ଼ିକ ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ପ୍ରଚଳିତ ହେଉଛି ।

ଡକ୍ଟର ଖଗେଶ୍ୱର ମହାପାତ୍ର 'ଚର୍ଯ୍ୟାଗୀତିକା'ର ଓଡ଼ିଆତ୍ୱ ତିନୋଟି ବୃତ୍ତରେ ପ୍ରମାଣିତ କରିଛନ୍ତି; ପ୍ରଥମତଃ, ଧାର୍ମିକ, ବଜ୍ରଯାନ, ସହଜଯାନ ଆଦି ତାନ୍ତ୍ରିକ ବୌଦ୍ଧଧର୍ମର ପୀଠଭୂମି ଉଡ୍‌ଡ଼ିୟାନ୍ ଯଥାର୍ଥରେ ଆଧୁନିକ ଓଡ଼ିଶା । ପ୍ରଖ୍ୟାତ ବ୍ରଜଯାନୀ ସାଧକ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ପଦ୍ମସମ୍ଭବ ପ୍ରମୁଖ ଉତ୍କଳୀୟ । ଦ୍ୱିତୀୟତଃ, ଐତିହାସିକ ଦୃଷ୍ଟିରୁ ସିଦ୍ଧାଚାର୍ଯ୍ୟଗଣ ଉତ୍କଳୀୟ । ଓଡ଼ିଆ ସାହିତ୍ୟର ଶିଳ୍ପକଳା ଓ ସମାଜର ପରମ୍ପରାରେ ସେମାନେ ସଂଜୀବିତ । ତୃତୀୟତଃ, ଭାଷାତାତ୍ତ୍ୱିକ ଦିଗରୁ ଚର୍ଯ୍ୟାଗୀତିକାର ଶବ୍ଦମାଳା, ବିଭକ୍ତି, ପ୍ରତ୍ୟୟ, ସର୍ବନାମ, କ୍ରିୟାବିଧି ଓ ବାକ୍ୟ ରଚନା ରୀତି ଆଧୁନିକ ଓଡ଼ିଆ ଭାଷାର ବହୁ ନିକଟବର୍ତ୍ତୀ ବଙ୍ଗୀୟ ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ୧୮୯୭ ଖ୍ରୀ:ରେ ପ୍ରକାଶ କରିଥିଲେ ଯେ, ତାଳପତ୍ର ଲିଖନ ପଦ୍ଧତି କେବଳ ଓଡ଼ିଶାରେ ହିଁ ପ୍ରଚଳିତ । ମିଳିଥିବା ଚର୍ଯ୍ୟାଗୀତିକାଗୁଡ଼ିକ ତାଳପତ୍ରରେ ଲେଖାଯାଇଛି । ତାଳପତ୍ର ପୋଥି ବିଷୟରେ ବଙ୍ଗଳାରେ କୌଣସି ପୋଥି ଆବିଷ୍କୃତ ହୋଇନାହିଁ । ନେପାଳ ସହିତ ଓଡ଼ିଶାର ପ୍ରାଚୀନ କାଳରୁ ବାଣିଜ୍ୟିକ ତଥା ସାଂସ୍କୃତିକ ସଂପର୍କ ରହିଥିଲା । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ନେପାଳର ପଶୁପତି ମନ୍ଦିର ପ୍ରସ୍ତରରେ ଥିବା ଏକ ଲେଖାରୁ ସୂଚନା ମିଳିଥାଏ । ସିଦ୍ଧାଚାର୍ଯ୍ୟଗଣ ପରିବ୍ରାଜକ କରି ଚର୍ଯ୍ୟାଗୀତିକାର ସୁମଧୁର ତାନରେ ତାନ୍ତ୍ରିକ ବୌଦ୍ଧ ସହଜିଆ ଧର୍ମର ପ୍ରଚାର କରୁଥିଲେ । ଚର୍ଯ୍ୟାଗୀତିକାରମାନେ ସମାଜର ସମ୍ମାନସ୍ପଦ ଥିଲେ । ତେଣୁ ସେମାନଙ୍କ ନାମର ପଛରେ 'ପା' ବା 'ପାଦ' ସଂଯୋଗ କରାଯାଉଥିଲା । ଏହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକ ନାଳନ୍ଦା ଓ ଉଦନ୍ତପୁର ବୌଦ୍ଧ ବିହାରରେ ଆଚାର୍ଯ୍ୟ ରୂପେ କାର୍ଯ୍ୟ କରୁଥିଲେ । ଦ୍ୱାଦଶ ଶତାବ୍ଦୀ ଶେଷ ଭାଗରେ ସୁଲତାନ ବକ୍ତିଆର ଖିଲିଜ୍ ଆକ୍ରମଣ ଯୋଗୁଁ ଏହି ସିଦ୍ଧାଚାର୍ଯ୍ୟମାନେ ନିଜର ପୋଥି ସହିତ ନେପାଳ ଓ ତିବ୍ବତ ଅଞ୍ଚଳରେ ଆଶ୍ରୟ ନେଇଥିଲେ । ତେଣୁ ନେପାଳ ରାଜପ୍ରାସାଦରୁ ଏହି ପାଣ୍ଡୁଲିପି ଉଦ୍ଧାର ହେବାର ପ୍ରଧାନ କାରଣ ।

ଚର୍ଯ୍ୟାଗୀତିକା ବୌଦ୍ଧଧର୍ମର ଦାର୍ଶନିକ ତତ୍ତ୍ୱମୂଳକ ରଚନା ହୋଇଥିବାରୁ ଏହା ଦ୍ୱିଅର୍ଥବୋଧକ ଶବ୍ଦାବଳୀରେ ପୂର୍ଣ୍ଣ । ଏହା 'ସନ୍ଧ୍ୟା ଭାଷା' ବା 'ସନ୍ଧ୍ୟା ବଚନ' ନାମରେ ପରିଚିତ । ସିଦ୍ଧାଚାର୍ଯ୍ୟମାନେ ଗୁହ୍ୟ ଭାଷାରେ ଚର୍ଯ୍ୟାଗୀତିକାକୁ ଲେଖୁଥିଲେ । ସହରପାଦଙ୍କ ମତରେ ; 'ସରହେ ଗହିଣ ଗହରି, ଭାସ କହିଅ' । ସିଦ୍ଧ ସାଧକମାନେ ଗୁରୁ ଉପଦେଶ ଗ୍ରହଣ କରି ଧର୍ମର ନିଗୂଢ଼ ତତ୍ତ୍ୱକୁ ବୁଝିବାରେ ସମର୍ଥ ହୋଇପାରିବେ । ଚର୍ଯ୍ୟାପଦ ପ୍ରାନ୍ତୀୟ ଭାଷାରେ ଲେଖା ଯାଇଥିଲେ ମଧ୍ୟ ସଂସ୍କୃତ ଟୀକାକାରଙ୍କୁ ଏହା ପ୍ରଭାବିତ କରିଥିଲା । ଟୀକାକାର ମୁନିଦତ୍ତ 'ନିମଳଗୀରା ଟୀକା' ଏହାର ଜ୍ୱଳନ୍ତ ଉଦାହାରଣ । ଏହାକୁ ତଦ୍ଧିତ ଅନୁବାଦ କରିଥିଲେ ପଣ୍ଡିତ କୀର୍ତ୍ତିଚନ୍ଦ୍ର 'ଚର୍ଯ୍ୟାଗୀତି କୋଷ ବୃତ୍ତିନାମ୍' । ଚର୍ଯ୍ୟାଗୀତିକାର ତତ୍କାଳୀନ ଗାର୍ହସ୍ଥ୍ୟ ଜୀବନ, ବେଶଭୂଷା, ଖାଦ୍ୟପେୟ, ବିବାହ ଆଦିର ଚିତ୍ର ଦେଖିବାକୁ ମିଳିଥାଏ । ଚର୍ଯ୍ୟାଗୀତିକାଗୁଡ଼ିକ ସଙ୍ଗୀତଧର୍ମୀ । ପ୍ରତ୍ୟେକ ଚର୍ଯ୍ୟାର ରାଗ ଓ ଛନ୍ଦ ସୁନିର୍ଦ୍ଦିଷ୍ଟ ରହିଛି । ଆଙ୍ଗିକ ରୂପ ଦୃଷ୍ଟିରୁ ଚର୍ଯ୍ୟାଗୀତିକାର ଚରଣ ସଂଖ୍ୟା ଦଶ । କେବଳ ଛଅଟିରେ ଏହାର ବ୍ୟତିକ୍ରମ ଦେଖାଯାଏ । ଅଧିକାଂଶ ଗୀତିରେ ଶେଷ ପଦ ଭଳି ଦ୍ୱିତୀୟ ପଦରେ ମଧ୍ୟ ଭଣିତା ପରିଦୃଷ୍ଟ ହୁଏ ।

ଚର୍ଯ୍ୟାଗୀତିକାରେ ଓଡ଼ିଆ ଭାଷା ଓ ସାଂସ୍କୃତିକ ପରମ୍ପରାର ଦୁଇ ହଜାର ବର୍ଷର ପ୍ରଲମ୍ବିତ ଇତିହାସ ଜଡ଼ିତ । ଏଥିରେ ସମକାଳୀନ କଥିତ ଭାଷା ଯେପରି ଜୀବନ୍ତ ଭାବେ ପ୍ରତିଭାତ, ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରତ୍ନରୂପ ଦେଖିବାକୁ ମିଳିଥାଏ ।

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

■ ଜାଲପୁର ବାଣ ବିସ୍ଫୋରଣ ଘଟଣା

# କାରଖାନା ମାଲିକଙ୍କୁ କୋର୍ଟ ଚାଲାଣ କଲା ପୁଲିସ

ଯାଜପୁର, ୮ ।୩(ସମିସ): ଯାଜପୁରଟାଉନ ଥାନା ଅନ୍ତର୍ଗତ ଜାଲପୁର ଗ୍ରାମରେ ଘଟିଥିବା ବେଆଇନ ବାଣ କାରଖାନା ବିସ୍ଫୋରଣ ଘଟଣାରେ ପୁଲିସ କାରଖାନା ମାଲିକ ନଳିନୀକାନ୍ତ ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ନଳିନୀଙ୍କ ବିରୋଧରେ ଏହି ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ବାଦଲ ପାତ୍ରଙ୍କ ମାଆ ଅଭିଯୋଗ କରିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପୁଲିସ ସୂଚନା ମୁତାବକ, ନଳିନୀ ଗତ ୮-୯ ବର୍ଷ ଧରି ଗାଁରେ ଏକା ରହୁଥିଲେ । ସେ ବିଦ୍ୟୁତ୍ ମରାମତି କରିବା ସହିତ ବାଣ ପ୍ରସ୍ତୁତି କରୁଥିଲେ । ଏଥିରେ ତାଙ୍କୁ ବାଦଲ ପାତ୍ର ସହଯୋଗ କରୁଥିଲେ । ଘଟଣା ଦିନ ବାଦଲ ବାଣ ପ୍ରସ୍ତୁତ କରୁଥିବାବେଳେ ଏଭଳି ବିସ୍ଫୋରଣ ଘଟିଥିଲା । ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା ।



ଏହି ଘଟଣାରେ ଅଭିଯୁକ୍ତ କାରଖାନା ମାଲିକ ନଳିନୀ ଆହତ ହୋଇ କଟକରେ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

# ମାର୍‌ପିଟ ଘଟଣାରେ ଦୁଇ ଗିରଫ

ଦାନଗଦି, ୮ ।୩(ସମିସ): ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଗୋଡ଼ିଗୋଠ ଗ୍ରାମରେ ଘରୋଇ ପୋଖରୀରୁ ପାଣି ନେବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ମଧ୍ୟାହ୍ନରେ ମାର୍‌ପିଟ ହୋଇଥିଲା । ଏଥିରେ ଦୁଇଗୋଷ୍ଠୀର ୪ ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ଏ ଘଟଣାରେ ପୁଲିସ ଆଜି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇଜଣ ବିଧାନ ଜେନାଙ୍କ ଦୁଇପୁଅ ଉପେନ୍ଦ୍ର ନାରାୟଣ ସିଂଜେନା ଓ ମାନବେନ୍ଦ୍ର ନାରାୟଣ ଜେନା । ପୁଲିସ ୧୩୦/୨୦୨୫ରେ ମାମଲା ରୁଜୁ କରି ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରିଛି । ତେବେ ଆହତ ବ୍ୟକ୍ତି ଜଣକ ଦୁଷ୍ମନ୍ତ ଜେନା ବୋଲି ପୁଲିସ ସୂଚନା ଦେଇଛି । ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ଘଟିଥିବାବେଳେ ଗୋଟିଏ ପକ୍ଷର ଅଭିଯୋଗକୁ ଭିତ୍ତି କରି ପୁଲିସ ଦୁଇ ଜଣକୁ ଗିରଫ କରିବା ଘଟଣାକୁ ଅନ୍ୟ ଗୋଷ୍ଠୀ ନିନ୍ଦା କରିଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି ।

■ ରାମକୋରେ ନାବାଳକ ମୃତ୍ୟୁ ଘଟଣା

# ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

କବାଟବନ୍ଧ, ୮ ।୩ (ସମିସ): ଶୁକ୍ରବାର ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଥିବା ରାମକୋ ସିମେଣ୍ଟ କାରଖାନା ପରିସରରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ଗୋପୀନାଥ ଦାସଙ୍କ ପୁଅ ମାଧବ ଦାସ (୧୭)ଙ୍କ ମୃତଦେହ ଶନିବାର ଅପରାହ୍ନରେ ଗାଁରେ ପହଞ୍ଚିଥିଲା । ମାଧବଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ଚଣ୍ଡିଖୋଲ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବଡ଼ଚଣା, ୮ ।୩(ସମିସ): ଚଣ୍ଡିଖୋଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ୩୩ଟି ଋଣ ଆଦାୟ ମାମଲାର ବିଚାର କରାଯାଇ ୩, ୪୭, ୫୦୦ ଟଙ୍କା ଆଦାୟ କରାଯାଇଛି । ଏଥିରେ ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ, ସବଜଜ୍ ବିଶ୍ୱଦୀପକ ସାହୁ, ଜେଏମ୍ଏଫସି ଶ୍ରୀମୟୀ ନନ୍ଦ, କୋର୍ଟ ବାର୍ ଆସୋସିଏସନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ ।

କାମ ଦେଉନି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ୨୪ ଘଣ୍ଟା ପୂରିନି ପୁଲିସ ବିରୋଧରେ ଆସିଲା ଦୁର୍ବ୍ୟବହାର ଅଭିଯୋଗ

ଯାଜପୁର/ବିଂଝାରପୁର, ୮ ।୩(ସମିସ)

ଥାନାକୁ ଅଭିଯୋଗ ନେଇ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର କରିବା ସହ ଅଭିଯୋଗକାରୀଙ୍କୁ ଜଳପାନ ଯୋଗାଇଦେବାକୁ ଗତକାଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶର ୨୪ ଘଣ୍ଟା ନ ପୂରୁଣୁ ଅଭିଯୋଗକାରୀ ଏତଲା ଦେବାକୁ ଥାନାକୁ ଯାଇଥିବାବେଳେ ଭୟଭୀତ ହୋଇ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେବାରୁ ସେଠାରେ ଦୁର୍ବ୍ୟବହାର ଓ ଧମକର ଶିକାର ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି । ଏ ସଂକ୍ରାନ୍ତରେ ବିଧିବଦ୍ଧ ତଦନ୍ତ ସହିତ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି କରି ଯାଜପୁର ଏସ୍‌ପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ଏତଲାକାରୀ ତଥା ସୂଚନା ଅଧିକାର କର୍ମୀ ।

ସୂଚନା ମୁତାବକ, ବିଂଝାରପୁର ଥାନା ଅନ୍ତର୍ଗତ ଫତେପୁର ଗ୍ରାମର ସୂଚନା ଅଧିକାର କର୍ମୀ ସୀମାନ୍ତ ପାତ୍ରଙ୍କୁ ମାଂସତା ଛକରେ ଦିଲ୍ଲୀପ ରାଉଳ ନାମକ ଠିକାଦାର ନାନା ଧମକ ଚମକ ଦେବା ସହିତ ଆକ୍ରମଣ ପାଇଁ ଉଦ୍ୟମ କରିଥିବା ଅଭିଯୋଗ ନେଇ ସେ ବିଂଝାରପୁର ଥାନାକୁ ଯାଇଥିଲେ । ସେଠାରେ ଅଭିଯୁକ୍ତଙ୍କ କେତେକ ସହଯୋଗୀ ଜଗି ରହିଥିବା ଦେଖି ନିଜକୁ ଅସୁରକ୍ଷିତ ମଣି ଏ ସଂକ୍ରାନ୍ତରେ ଅଭିଯୋଗ କରିବାକୁ ଯାଜପୁର ଏସଡିପିଓଙ୍କ ନିକଟରେ ପହଞ୍ଚିଥିଲେ । ସେଠାରେ ଯାଜପୁର ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ ମାଝି ସୀମାନ୍ତଙ୍କ ଅଭିଯୋଗ ଶୁଣିବା ବଦଳରେ

● କାର୍ଯ୍ୟକାରୀ ହେବ କି ନିଲମ୍ବନ ଆଦେଶ

ତାଙ୍କୁ ଟାଉଟର ଶୀଘ୍ର ଏଠୁ ପଳା ଆଦି କହିବା ସହିତ ଦୁର୍ବ୍ୟବହାର କରିଥିଲେ । ସେହି ସମୟରେ ଅନ୍ୟ କେତେକ ଥାନା ଅଧିକାରୀ ଉପସ୍ଥିତ ଥିଲେ ବୋଲି ସୀମାନ୍ତ ଅଭିଯୋଗ କରିଛନ୍ତି । ଜଣେ କାର୍ଯ୍ୟରତ ଅଧିକାରୀଙ୍କ ନିକଟରୁ ଏ କଥା ଶୁଣି ସୀମାନ୍ତ ଆଶ୍ଚର୍ଯ୍ୟ ହେବା ସହିତ ଅପମାନିତ ହୋଇ ପାଣିକୋଇଲିସ୍ଥ



ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଦାଖଲ କରିଛନ୍ତି । ଏହି ଘଟଣାର ପ୍ରକୃତ ତଦନ୍ତ କରିବା ସହିତ ଏସଡିପିଓ କାର୍ଯ୍ୟାଳୟରେ ହୋଇଥିବା ଦୁର୍ବ୍ୟବହାର ସମ୍ପର୍କରେ ସିସିଟିଭି ଭିଡିଓ ସଂଗ୍ରହ କରି ସାର୍ବଜନିନ କରିବାକୁ ସେ ଦାବି କରିଛନ୍ତି ।

ଗତକାଲି ମୁଖ୍ୟମନ୍ତ୍ରୀ ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀଙ୍କୁ ଉତ୍ତମ ସମ୍ମାନ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶକୁ କିଭଳି କାର୍ଯ୍ୟକାରୀ କରାଯାଉଛି, ତାହା ଆଜିର ଘଟଣାରୁ ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି । ଏଥିସହିତ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିଥିବା ପୁଲିସଙ୍କୁ ୨୪ ଘଣ୍ଟା ଭିତରେ ନିଲମ୍ବନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରନ୍ତୁ ବୋଲି ମଧ୍ୟ ଦାବି ହୋଇଛି । ଅନ୍ୟପକ୍ଷରେ ଅଭିଯୋଗକାରୀ ତଥା ସୂଚନା ଅଧିକାର କର୍ମୀ ସୀମାନ୍ତ ପାତ୍ରଙ୍କ ବିରୋଧରେ ଠିକାଦାର ଦିଲ୍ଲୀପ ରାଉଳ ଚାନ୍ଦା ମାଗିବା, ଧମକ ଦେବା ଭଳି ଅଭିଯୋଗ ଆଣି ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଠିକାଦାରଙ୍କ ସୁପରଭାଇଜରଙ୍କ ପକ୍ଷରୁ ଆଉଏକ ଅଭିଯୋଗ କରାଯାଇ ତାଙ୍କୁ ଜାତିଆଣ ଆକ୍ଷେପ କରି ବିଭିନ୍ନ ଧମକଚମକ ଦିଆଯାଇଥିବା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି ।

■ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ସଙ୍ଗୀତ ମହୋତ୍ସବ

# ଭାଗନେଲେ ୩୦୦ରୁ ଊର୍ଦ୍ଧ୍ୱ ଆଦିବାସୀ କଳାକାର

କାଳିଆପାଣି, ୮।୩(ସମିସ): ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ନୃତ୍ୟଗୀତ ଓ ବାଦ୍ୟଯନ୍ତ୍ରର ସଂରକ୍ଷଣ, ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣିଠାରେ ଆଦିବାସୀ ସଙ୍ଗୀତ ମହୋତ୍ସବ 'ସର୍ଜୋମବା' ଆୟୋଜିତ ହୋଇଯାଇଛି । ଏହି ମହୋତ୍ସବରେ ସୁକିନ୍ଦା ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଆଦିବାସୀ କଳାକାର ଓ ସଙ୍ଗୀତଜ୍ଞ ଭାଗ ନେଇଥିଲେ । ଏହି ନିଆରା ମହୋତ୍ସବରେ ସୁକିନ୍ଦା ଖଣି ଓ ଏହାର ଆଖପାଖ ଅଞ୍ଚଳର ଭୂମିଜ, ଶବର, ହୋ ଓ ସାନ୍ତାଳୀ ସମ୍ପ୍ରଦାୟର କଳାକାର ଭାଗନେଇ ସେମାନଙ୍କ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରିଥିଲେ । ଏଥିସହ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ଘୁମୁରା, ଝୁମୁକା, କରତାଳ, ତୁମୁଡ଼ା, ତାମକ ଓ ସାକ୍ୱା ଆଦିର ତାଳେ ତାଳେ ଝୁମି ଉଠିଥିଲେ ସମସ୍ତ ଦର୍ଶକ । ଟାଟା ଷ୍ଟିଲ



ଫାଉଣ୍ଡେସନର ଏହି ଉପକ୍ରମ ଉପରେ ଟାଟା ଷ୍ଟିଲ ଫେରୋ ଆଲଏଜ୍ ଓ ମିନେରାଲ ଡିଭିଜନ (ଏଫ୍ଏଏମଡି)ର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, 'ଆମ ଜନଜାତି ପରମ୍ପରାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । 'ସର୍ଜୋମ ବା' କେବଳ ଏକ ନୃତ୍ୟ ଗୀତ ମହୋତ୍ସବ ନୁହେଁ, ବରଂ ଏହା ଦ୍ୱାରା ଆମେ ଆମର ପ୍ରତିଟି ଆଦିବାସୀ ଭାଇଭଉଣୀଙ୍କୁ ସମ୍ମାନ ଦେବା ସହ କିପରି ସେମାନଙ୍କ ସଂସ୍କୃତିକୁ ଉଜ୍ଜୀବିତ କରି ରଖିହେବ, ସେ ଦିଗରେ ଏକ ପ୍ରୟାସ । ଏ ଅବସରରେ ପାରମ୍ପରିକ ଆଦିବାସୀ ବେଶ ପୋଷାକ, ଅସ୍ତ୍ରଶସ୍ତ୍ର, କୃଷି ଉପକରଣ ଓ ବାସନକୁସନ ଆଦିର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଏଫ୍ଏଏମଡିର ପ୍ରାଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ଏଫ୍ଏଏମଡି ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ (ଖଣି ପରିଚାଳନା) ନିହାର ରଞ୍ଜନ ମିତ୍ର, ଟାଟା ଷ୍ଟିଲ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଓ କମ୍ପାନୀର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ୬ଟି ବାଲି ଓ ଚିପ୍ସ ବୋଝେଇ ହାଇୱା ଜବତ

ଦାନଗଦି, ୮ ।୩(ସମିସ): କଳିଙ୍ଗନଗରରେ ବ୍ୟାପକ ଭାବେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ହେଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପୁଲସର ତତ୍ପରତା ପ୍ରକାଶ ପାଇଛି । ଆଜି ଶିଳ୍ପାଞ୍ଚଳର ବାଘବାହାଳି ବଙ୍ଗଳା ଛକ ନିକଟରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ଓ ଓଭର ଲୋଡ଼ କରି ଯାଉଥିବା ୬ଟି ବାଲି ଓ ଚିପ୍ସ ବୋଝେଇ ହାଇୱାକୁ ଜବତ କରିଛି । ଜବତ ୩ଟି ବାଲି ଗାଡ଼ି ଜେନାପୁରଠାରୁ ବାଲି ବୋଝେଇ କରି କଳିଙ୍ଗନଗରକୁ ଆସୁଥିବାବେଳେ ପୁଲିସ ହାତରେ ଧରାପଡ଼ିଥିଲା । ସେହିପରି ଅନ୍ୟ ତିନୋଟି ହାଇୱାରେ ଚିପ୍ସ ଓଭରଲୋଡ୍ ହୋଇଥିବାରୁ ପୁଲିସ ଜବତ କରି ଚଣ୍ଡିଖୋଲ ପରିବହନ ବଭାଗକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

# ସୁକିନ୍ଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସୁକିନ୍ଦା, ୮।୩(ସମିସ): ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ୧୭ଟି ମୋକଦ୍ଦମା ଶୁଣାଣି କରାଯାଇ ସମାଧାନ ହୋଇଥିବା ଜଣାପଡ଼ିଛି । ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ଅଧିକାରିଣୀ ଶ୍ରୀମତୀ ପ୍ରତ୍ୟାଶା ରାୟ ମାମଲାର ଶୁଣାଣି କରିଥିଲେ । ସରକାରୀ ଅଧିବକ୍ତା ଚନ୍ଦ୍ରକାନ୍ତ ପାତ୍ର ମୋକଦ୍ଦମା ପରିଚାଳନା କରିଥିଲେ । ମୋକଦ୍ଦମା ପରିଚାଳନାରେ ନ୍ୟାୟାଳୟ କର୍ମଚାରୀ ଗାୟତ୍ରୀ ଜେନା, ମହେଶ୍ୱର ସାହୁ, ଆନନ୍ଦ ତରାଇ ପ୍ରମୁଖ ସହଯୋଗ କରିଥିଲେ ।

ଆନ୍ତର୍ଜାତିକ ମହିଳା ଦିବସ ପାଳିତ

# 'ମହିଳା ଆଗେଇଲେ ଦେଶ ଆଗେଇବ'













ଯାଜପୁର, ୮।୩(ସମିସ)

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ପୌରପାଳିକା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ନିର୍ବାହୀ ଅଧିକାରୀ ଲକ୍ଷ୍ମୀନ୍ଦର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କାରିଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରତୀମା କର, ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମହିଳା ଆଗେଇଲେ, ଦେଶ ଆଗେଇବ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ପାରିଷଦ ମେହାଙ୍ଗିନୀ ମହାନ୍ତିଙ୍କ ସମେତ ପୌରପାଳିକାର ସମସ୍ତ ପାରିଷଦ, ଏସଏଚ୍‌ଜି ସଦସ୍ୟା ଯୋଗ ଦେଇଥିଲେ । ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ତିନୋଟି ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ଦଶରଥପୁର:** ଦଶରତପୁର ବ୍ଲକ ବିରଜାପୁର ପଞ୍ଚାୟତ ବାମଦେବପୁର ମାଝିସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି । ବିରଜାପୁର ସରପଞ୍ଚ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶରଥପୁର ସମନ୍ୱିତ ଶିଶୁବିକାଶ ଅଧିକାରିଣୀ ଶାନ୍ତିଲତା ସେଠୀ, ସଖିର ଜିଲ୍ଲା ମୁଖ୍ୟ ନିବେଦିତା ସରଣ, ପୂର୍ବତନ ସେନା ଅଧିକାରୀ ସିତେଶ ପଣ୍ଡା, ନନ୍ଦକିଶୋର ସାହୁ, ମାନସ ସାହୁ, ମମତା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ କିକ୍‌ବକ୍ସିଂରେ କୃତିତ୍ୱ ଅର୍ଜନ କରିଥିବା ବର୍ଷାରାଣୀ ସାମଲଙ୍କୁ ସରପଞ୍ଚ ଶ୍ରୀ ସାହୁ ୫ ହଜାର ଅର୍ଥରାଶି ପ୍ରଦାନ କରିଥିଲେ । ସେହିପରି ୪ନଂ. ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଭଗବତୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା । ଆଶା କର୍ମୀ କମଳିନୀ ପାଗଳ ଓ ସଫଳ ମହିଳା ମମତା ପଣ୍ଡାଙ୍କୁ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ଭଦ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏମ୍‌ବିକେ ସ୍ୱାଗତିକା ସାମଲ, ସିଆର୍‌ପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ ।

**କୁଆଖିଆ:** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ଗ୍ରାମର ଗୋପୀନାଥଜୀଉ ଉଚ୍ଚବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ମହିଳା ଦିବସର ମହତ୍ତ୍ୱ, ମହିଳାଙ୍କ ମହନୀୟତା ପରିବାର ଓ ରାଷ୍ଟ୍ର ଗଠନରେ ସେମାନଙ୍କ ସହଭାଗିତା ସହ ସେମାନେ ଅଧିକ ଦକ୍ଷ, ସଶକ୍ତ ହେଲେ ରାଷ୍ଟ୍ରର ମଙ୍ଗଳ କିପରି ହୋଇପାରିବ, ସେ ବିଷୟରେ ଅତିଥି ଆଲୋଚକ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡଃ ରୁଦ୍ରନାରାୟଣ ପୃଷ୍ଟି, ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ସରୋଜିନୀ ମହାନ୍ତି ପ୍ରମୁଖ ମତବ୍ୟକ୍ତ କରିଥିଲେ ।

**ଟମକା:** ଦେଉଳକଣ ପଞ୍ଚାୟତର ମା'ଖଣ୍ଡୁରାଇ ମନ୍ଦିର କଲ୍ୟାଣ ମଣ୍ଡପରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ ଡଃ ଜୟନ୍ତ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ଏ ପରିପ୍ରେକ୍ଷୀରେ କିଆଝର ଓ ଦେଉଳକଣ ମହିଳାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ମ୍ୟୁଜିକ୍ ଚେୟାର, ବେଲୁନ୍ ଫୁଟା, ଛୁଞ୍ଚି ସୂତା, ଆଳୁ ଚାମଚ ବାଲାନ୍ସ ରେସ୍ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା । ତତ୍‌ସହିତ ମହିଳାଙ୍କୁ ଡିଜିଟାଲ ସେବା ବ୍ୟବହାର ସମ୍ବନ୍ଧରେ ଟିଏସ୍ଏଫର କର୍ମଚାରୀ ଗୁରୁସ୍ୱାମୀ ମହନ୍ତ ତାଲିମ ପ୍ରଦାନ କରିଥିଲେ । ଅପରାହ୍ନରେ ଶାଖା ପ୍ରବନ୍ଧକ ଈଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟା ଗୌରୀ ମୁର୍ମୁ, ଏମ୍‌ବିକେ ବିଷୟା ପାତ୍ର, ମହାସଂଘ ସଭାନେତ୍ରୀ କେଶୀଲତା ରାଉତ, ସିଆରପି ଶାନ୍ତିଲତା ମହାନ୍ତ, ସସ୍ମିତା ମହାନ୍ତ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ତଥା ସାମ୍ବାଦିକ ନରୋତ୍ତମ ବେହେରା ଉପସ୍ଥିତ ଥିଲେ ।

**ଦାନଗଦି:** ଟାଟା ଷ୍ଟିଲ, ଟାଟା ଷ୍ଟିଲ ଫାଉଣ୍ଡେସନ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନଏଲ) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଆଖପାଖ ଗ୍ରାମର ମହିଳା କର୍ମଚାରୀ ଓ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଲ୍ଟି ସ୍କିଲ୍ ସେଣ୍ଟରରେ ଏକ ମେଗା ଇଭେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ଦାନଗଦି ଓ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତର ୩୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ଜଟଣୀ କ୍ୟାମ୍ପସସ୍ଥ ଜାଭିଅର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସେଟଲମେଣ୍ଟର ଡିନ୍ କାଜରୀ ମିଶ୍ର, ଦାନଗଦି ବିଡିଓ ପ୍ରଦୀପ ସେଠୀ, ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଟିନା ହାଇବ୍ରୁ, ଜିଲ୍ଲା ପରିଷଦ ସଭ୍ୟ ସ୍ମୃତିରେଖା ରାଉତ, ମୁଖ୍ୟ ସିଏସ୍‌ଆର୍ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ନ୍ୟୁଜ୍ ୭ର ସାମ୍ବାଦିକା ଜ୍ୟୋତିସ୍ମିତା ନାୟକ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସିଏସ୍‌ଆର୍ ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନର 'ଦିଶା' ପ୍ରୋଜେକ୍ଟର ଅଂଶଗ୍ରହଣକାରୀ ସେମାନଙ୍କର ଅନୁଭୂତି ଉପସ୍ଥାପନ କରିଥିଲେ । ଏ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ପଞ୍ଚାୟତର ମହିଳା ଓ କମ୍ୟୁନିଟିର ୬୦ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦେଉଳକଣ ଖଣ୍ଡୁରାଇ କମ୍ୟୁନିଟି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତର ପ୍ରାୟ ୧୦୦ ଜଣ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଟମକା ଥାନା ଅଧିକାରୀ ପ୍ରମୋଦିନୀ ସାହୁ, କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର ଓ ରସୋଲ ସରପଞ୍ଚ ବାସନ୍ତୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏନଆଇଏନଏଲ୍ ଟାଉନସିପ୍ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୭୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ମେଟାଲିକ୍ସର ପ୍ରଶିକ୍ଷକ, ଏଚ୍‌ଆରଏମର ପୂର୍ବତନ ଉପାଧ୍ୟକ୍ଷ ରତ୍ନା ସିହ୍ନା, ଏନ୍ଆଇଏନ୍ଏଲ୍‌ର ସିଇଓ ସୁଧୀର ମେହେଟ୍ଟା ଅତିଥି ଭାବେ ଯୋଗ ଦେଇଥିଲେ ।

**ବଡ଼ଚଣା:** ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ମହିଳା ଦିବସ ପରିପ୍ରେକ୍ଷୀରେ ଆଇନ ସାକ୍ଷରତା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା କେନ୍ଦ୍ର ଅଧ୍ୟକ୍ଷ ତଥା ସବଜଜ୍ ବିଶ୍ୱଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ମହିଳାଙ୍କ ଭୂମିକା ଅବତାରଣା କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ, ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଜେଏମଏଫସି ଶ୍ରୀମୟୀ ନନ୍ଦ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ସଭାପତି ଦେବରାଜ ବେହେରା, ଏପିପି ଗୋଲକ ବିହାରୀ ମହାନ୍ତି, ରିଟେନର ଜାଗୃତି ବାରିକ, ଆଇନଜୀବୀ ଲୋମାରାଣୀ ନାୟକ ଯୋଗ ଦେଇଥିଲେ । ସେହିପରି ଧାନମଣ୍ଡଳସ୍ଥ ହୋଲି ଜେସସ ବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି । ବିକେ ଏଜ୍ୟୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଟ୍ରଷ୍ଟ ଅଧ୍ୟକ୍ଷା ସୁଶ୍ରୀ କାମିନୀ ନାୟକ । ମୁଖ୍ୟଅତିଥି ଭାବେ ବିଏସ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ମହିଳା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡଃ ସୁନୀତା ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

**ବ୍ୟାସନଗର:** ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ସନ୍ତରାସ୍ଥ ସଂସ୍କୃତି ଭବନରେ ସମିତିର ୨୦ତମ ସ୍ୱନକ୍ଷତ୍ର ଦିବସ ଓ ମହିଳା ଦିବସ ପାଳିତ ହୋଇଯାଇଛି । ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ୨ ଯୋଡ଼ା ବର କନ୍ୟାଙ୍କ ବିବାହ, ୨୩ ଜଣ ସମ୍ବର୍ଦ୍ଧିତ ପ୍ରତିଭା, ଆଦିବାସୀ ନୃତ୍ୟ ସହିତ ଏକ ସଭା ନବ ଉତ୍କଳ ମହିଳା ସମିତି ସଭାନେତ୍ରୀ ଅମୂଲୀ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଉଦଘାଟକ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିଲେ । ସମ୍ପାଦିକା ଡଃ ଜୟନ୍ତୀ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସ୍ତମ୍ଭକାର ସମାଜସେବୀ ରୀନା ରାଉତରାୟ, ଶିକ୍ଷାବିତ ଡଃ ଦେବସ୍ମିତା ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବ୍ରଜେଶ୍ୱରୀ ସିଂହ ଯୋଗ ଦେଇଥିଲେ । ଏ ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର





**ରାଜ୍ୟ ସରକାର କ୍ଷୁଦ୍ର ଶସ୍ୟ ମାଣ୍ଡିଆକୁ ଅଧିକ ପ୍ରୋତ୍ସାହନ ଦେଇ ଆସୁଥିବାରୁ ମାଣ୍ଡିଆ ଚାଷ ଉପରେ ଏବେ ନିର୍ଭରଶୀଳ ହୋଇଛନ୍ତି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବୈରାଗୀ ହାଲୁଆ ପଞ୍ଚାୟତର କଣ୍ଟୁଆ ଗ୍ରାମର ଚାଷୀ ପରିବାର । କ୍ୟାଲସିୟମ, ଆଇରନ୍, ଫାଇବର ସହ ପ୍ରୋଟିନରେ ଭରପୂର ମାଣ୍ଡିଆ ରାୟଗଡ଼ା ଜିଲ୍ଲାର ଚାଷୀମାନଙ୍କ ପାଇଁ ଜୀବିକାର ମୁଖ୍ୟ ଉତ୍ସ ହୋଇଛି ।**

# ହସ ଫୁଟାଇଛି ମାଣ୍ଡିଆ



ଶିବ ନାରାୟଣ ଗୌଡ

କଣ୍ଟୁଆ ଗ୍ରାମର ଚାଷୀମାନେ ଏକର ଏକର ଚାଷ ଜମିରେ ମାଣ୍ଡିଆ ଚାଷ କରି ଏହା ଉପରେ ନିର୍ଭରଶୀଳ ହୋଇ ସରକାରଙ୍କ ଦ୍ୱାରା କରାଯାଉଥିବା ମାଣ୍ଡିଆ ମଣ୍ଡିରେ ଅମଳ ମାଣ୍ଡିଆ ବିକ୍ରି କରି ଲାଭବାନ ହୋଇପାରୁଛନ୍ତି । ଏବେ ମାଣ୍ଡିଆ ଅମଳ ହେବାର ସମୟ ହୋଇ ସାରିଥିବାରୁ ଗ୍ରାମର ଚାଷୀମାନେ କ୍ଷେତରୁ ମାଣ୍ଡିଆ ଆଣି ତାକୁ ଖରାରେ ଶୁଖାଇବା ପରେ ପାରିମ୍ପରିକ ପଦ୍ଧତିରେ ସେଥିରୁ ମାଣ୍ଡିଆ ବାହାର କରୁଛନ୍ତି । ଆଦିବାସୀମାନଙ୍କ ପାଇଁ ମାଣ୍ଡିଆରେ ପ୍ରସ୍ତୁତ ଜାଉ,ତମ୍ପା,ପିଠା,ଚକୁଳି ଆଦି ଏକ ସ୍ୱାଦିଷ୍ଟ ଦୈନନ୍ଦିନ ଖାଦ୍ୟ ହୋଇଥିବାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଠାରେ ସ୍ୱାସ୍ଥ୍ୟଜୀନତ ସମସ୍ୟା କମ ଦେଖିବାକୁ ମିଳିଥାଏ ବୋଲି କଣ୍ଟୁଆ ଗ୍ରାମର ଚାଷୀ ଇରାନା କିଲାକା,ରାଙ୍ଗମା କିଲାକା ଓ ସନ୍ତୋଷ କିଲାକା ପ୍ରମୁଖ କହିଛନ୍ତି ।

ରାଜ୍ୟ ସରକାର ମାଣ୍ଡିଆ ଭଳି ଉପକାରୀ କ୍ଷୁଦ୍ର ଶସ୍ୟ ଲୋକଙ୍କ ନିକଟରେ ଅଧିକ ଆଦୃତ କରିବାକୁ ମିଲେଟ୍ ମିଶନ ଭଳି ପ୍ରୟାସ ଜାରି ରଖିଥିବା ବେଳେ ମାଣ୍ଡିଆକୁ ରାଜ୍ୟ ସରକାର ସ୍କୁଲର ମଧ୍ୟାହ୍ନ ଭୋଜନରେ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି । କେବଳ ଏହି ମାଣ୍ଡିଆ ଆଦିବାସୀ ଓ ପାହାଡିଆ ଅଞ୍ଚଳରେ ନୁହେଁ ବରଂ ଘରେ ଘରେ ସମସ୍ତଙ୍କ ଖାଦ୍ୟ ଥାଳିରେ ସାମିଲ କରିବାକୁ ସରକାର ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଚଳିତ ବର୍ଷ ଗତ ଜାନୁଆରୀ ମାସରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ହୋଇଥିବା ବେଳେ ୮୩,୫୦୦କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କଣ୍ଟୁଆ ଗ୍ରାମରେ ୨୪ଏକର ଚାଷ ଜମିରେ ମାଣ୍ଡିଆ ଚାଷ କରାଯାଉଛି । ଯାହା ସ୍ଥାନୀୟ ଚାଷୀଙ୍କ ମଧରେ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ଦେଖାଇଛି । ସହରାଞ୍ଚଳରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ଲୋକେ ତେଲ ମସଲା ଯୁକ୍ତ ଜଳଖିଆ, ଫାଷ୍ଟଫୁଡ ସହ ଅନ୍ୟାନ୍ୟ ଖାଦ୍ୟ ଗ୍ରହଣ କରୁଥିବା ବେଳେ ବ୍ୟସ୍ତ ବହୁଳ ଜୀବନରେ ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୋଇ ପାରୁ ନ ଥିବାରୁ ଏବେ ମେଦବହୁଳତା,ଉଚ୍ଚ ରକ୍ତଚାପ,ମଧୁମେହ,ଗଣ୍ଠି ବଥା ଭଳି ଅନେକ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ପଡୁଛନ୍ତି । ତେବେ ଗ୍ରାମାଞ୍ଚଳରେ ଆଜି ମଧ ଲୋକେ ମାଣ୍ଡିଆ ଭଳି ମିନେରଲସ୍ ପୂର୍ଣ୍ଣ ଖାଦ୍ୟକୁ ଗ୍ରହଣ କରି ସୁସ୍ଥ ଜୀବନ ଯାପନ କରୁଛନ୍ତି । କଣ୍ଟୁଆ ଗ୍ରାମର ଅନେକ ଚାଷୀ ପୂର୍ବରୁ ଧାନ,କପା ଓ ପନିପରିବା ଭଳି ଚାଷ କରି ଲାଭବାନ ହେଉଥିଲେ ମଧ ମାଣ୍ଡିଆ ଚାଷକୁ ସରକାର ଅଧିକ ପ୍ରୋତ୍ସାହନ ଦେଇ ଆସିବା ସହ କୁଇଣ୍ଟାଲ ପିଛା ମଧ ୪୫୦୦ ଟଙ୍କା ଥିବା ହେତୁ ଚାଷୀମାନେ ଅଧିକ ଉତ୍ସାହ ଦେଖାଉଥିବା କଣ୍ଟୁଆ ଗ୍ରାମର ଚାଷୀମାନେ ପ୍ରକାଶ କରିଛନ୍ତି । ■

**ହାତ ନାହିଁ କି ପାଦ ନାହିଁ । କିନ୍ତୁ ନିଜର ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଅକ୍ଷମତା । ଯେଉଁ କ୍ରୀଡ଼ାରେ ସକ୍ଷମ ବ୍ୟକ୍ତିମାନେ ଲକ୍ଷ୍ୟଭ୍ରଷ୍ଟ ହୋଇଯାଉଛନ୍ତି, ସେହି କ୍ରୀଡ଼ା(ତୀରନ୍ଦାଜ)କୁ ଆପଣାଇ ସେ ବେଶ୍ ଚର୍ଚ୍ଚିତ ହୋଇପାରିଛନ୍ତି ।**

ହେମନ୍ତ ନାୟକ

# ହାତ ନ ଥାଇ ଧନୁ ତୀରର ସଫଳ ବିନ୍ଧାଣୀ

ଧନୁ ତୀରର ଜଣେ ସଫଳ ବିନ୍ଧାଣୀ ଭାବେ ନିଜକୁ ପରିଚିତ କରିପାରିଛନ୍ତି ବଲାଙ୍ଗୀରର ଚର୍ଚ୍ଚିତା ନାବାଳିକା ପାୟଲ ନାଗ । ପୂର୍ବରୁ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ଜିତିଥିବା ପାୟଲ ସମ୍ପ୍ରତି ପୁରୀରେ ଚାଲିଥିବା ତୃତୀୟ ଏନ୍‌ଟିପିସି ଜାତୀୟ ର୍‌ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଉପ କନିଷ୍ଠ ବର୍ଗରେ ଅଂଶଗ୍ରହଣ କରି ପାୟଲ କମ୍ପାଉଣ୍ଡ ରାଉଣ୍ଡରେ ଦଶମ ସ୍ଥାନରେ ରହି ନକଆଉଟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଗକୁ ଦେଶ ପାଇଁ ସେ ଆହୁରି ସଫଳତା ଆଣିବେ ବୋଲି ଇଚ୍ଛା ରଖିଥିବା କହିଛନ୍ତି ।



ହାତ, ପାଦ ନ ଥିଲେ ବି ସେ କାହାରିଠୁ କମ୍ ନୁହେଁ । ପୂର୍ବରୁ ପାଟିରେ ଚମତ୍କାର ଚିତ୍ର ଆଙ୍କି ସମସ୍ତଙ୍କୁ ଚକିତ କରିବା ପରେ ଏବେ ଆଉ ପାଦେ ଆଗକୁ ବଢ଼ିଛନ୍ତି ପାୟଲ । ବଲାଙ୍ଗୀର ଜିଲ୍ଲାରେ ଦାଦନ ଦୁଃଖର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପାୟଲ । ୮ ବର୍ଷ ତଳେ ଜମୁନାବାହାଲ ଗାଁରୁ କାମ ପାଇଁ ବାପାମାଆଙ୍କ ସହ ରାୟପୁର ଯାଇଥିଲେ । ସେଠାରେ କାମ କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତପାଦ ହରାଇଥିଲେ ପାୟଲ । ଆଉ ପାଲଟିଗଲେ ଜଣେ ଦିବ୍ୟାଙ୍ଗ ମଣିଷ । ହେଲେ ନିଜର ଦୃଢ଼ ଇଚ୍ଛାଶକ୍ତି ଯୋଗୁ ସେ ହାର୍ ମାନି ନ ଥିଲେ । ନିଜର ପ୍ରତିଭାର ତେଜରେ ସମସ୍ତଙ୍କୁ ଚକିତ କରିଛନ୍ତି । ଏବେ ସେ ପୁଣି ନିଜକୁ ପ୍ରମାଣିତ କରିବା ପାଇଁ ଧନୁ ତୀରରେ କମାଲ ଦେଖାଉଛନ୍ତି । ଏନଟିପିସି ଜାତୀୟ ର୍‌ୟାକିଙ୍ଗ ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଭାମାନ ଖେଳାଳି ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି । କିନ୍ତୁ ଏହି ପ୍ରତିଯୋଗୀମାନଙ୍କ ଭିତରେ ଜଣେ ଭିନ୍ନ ପ୍ରତିଯୋଗୀ ହେଉଛନ୍ତି ବଲାଙ୍ଗୀର ଜମୁନା ବାହାଲ ଗ୍ରାମର ପାୟଲ । ସେ ଏଭଳି ଜଣେ ତୀରନ୍ଦାଜ ଖେଳାଳି ତାଙ୍କର ଦୁଇହାତ ଏବଂ ଦୁଇପାଦ ନାହିଁ । କିନ୍ତୁ ତାଙ୍କ ଖେଳ ସମସ୍ତଙ୍କୁ ଆଚମ୍ବିତ କରିଛି । କାରଣ ସେ ତୀରନ୍ଦାଜ ଜାତୀୟ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ତାଙ୍କର ତୀରନ୍ଦାଜୀ ଖେଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚିକିତ କରିଛି । ପାୟଲଙ୍କ କୋଚ୍ କୁଲଦୀପ ବେଦୱାନ ଯିଏକି ତାଙ୍କୁ ବଲାଙ୍ଗୀର ଭଳି ଏକ ଛୋଟ ସ୍ଥାନରୁ ନେଇ ପ୍ରଶିକ୍ଷଣ ଦେଇ ଚାମ୍ପିଅନ କରାଇଛନ୍ତି । ଆଗକୁ ପାରା ଅଲମ୍ପିକରେ ଚାମ୍ପିଅନ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ପାୟଲ । ■

# ଏବେ ବି ବାଜୁଛି ଗ୍ରାମ୍‌ଫୋନ୍





**ଡିଜିଟାଲ ଦୁନିଆରେ ଏବେ ବି ବାଜୁଛି ଗ୍ରାମ୍‌ଫୋନ୍ ।ସଙ୍ଗୀତ ଦୁନିଆରେ ମସଗୁଲ ହେବାକୁ କିଏ ବା ପସନ୍ଦ ନ କରେ କାହି କେଉଁ କାଳରୁ ମନୋରଞ୍ଜନର ଆଧୁନିକ ରୂପକୁ ରେକର୍ଡରେ ସଂରକ୍ଷିତ ରଖି ଶୁଣିବାର ଇଛାକୁ ସାକାର କରିଥିବା ଗ୍ରାମ୍‌ଫୋନ୍ । ଏବେ ଆଉ ଦେଖିବାକୁ ମିଳୁ ନ ଥିବା ବେଳେ ନଜରକୁ ଆସିଛି ସେଇ ପୁରୁଣା ଦିନର ଗ୍ରାମ୍‌ଫୋନ୍ ବା କଳ ଗାଉନା ।**

ସୁକାନ୍ତ କୁମାର ଦାଶ

ବାଟରେ ଯାଉ ଯାଉ ଅତି ସୁନ୍ଦର ସ୍ୱରରେ ଭାସି ଆସୁଥିବା ଆବାଜକୁ କାନଡେରିବା ପରେ ଜଣାଗଲା ଯେ ସେଇ ପୁରୁଣା ଦିନର ସଂଗୀତ ଶୁଣିବାର ମୌଳିକ ଧାରା ଯାହା ଏବେ ବି ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । କିନ୍ତୁ ତାହା ଏବେ ବି ରାଜୁତି କରୁଛି ।ନାଁ ଅଛି କରେଣ୍ଟର ଆବଶ୍ୟକତା, ନାଁ ରହିଛି ବ୍ୟାଟେରୀ, ହାତରେ ଏହାର ହ୍ୟାଣ୍ଡେଲକୁ ଧରି କିଛି ସମୟ ଚାବି ଦେବା (ଦମ ଦେବା) ପରେ ବୁଲୁଥିବା କ୍ୟାସେଟ ଉପରେ ପିନ ଥୋଇବା ପରେ ଆପେ ଆପେ ଭାସି ଆସୁଛି ସଙ୍ଗୀତର ମୂର୍ଚ୍ଛନା । ମନକୁ ତଲ୍ଲୀନ କରୁଥିବା ପୁରୁଣା ସଙ୍ଗୀତର ଗନ୍ତାଘର ଥିବା ସେବେକର ବହୁ ପୁରୁଣା ହିନ୍ଦୀ ସଙ୍ଗୀତ ସହ ଓଡ଼ିଆରେ ସମୁଦ୍ରୁଣୀ ଆଗୋ ସମୁଦ୍ରୁଣୀ ଭଳି ହାସ୍ୟରସର ଓଡ଼ିଆ ଲୋକପ୍ରିୟ ସଙ୍ଗୀତ ଶୁଣିବାକୁ ପୁରୁଖା ଲୋକେ ଖରାବେଳେ ଆସି ଭିଡ଼ କରୁଥିଲେ । ଏମିତି ଏକ ବେଳରେ ଆମ ସହ ଭେଟ ହୋଇଥିଲେ କାଟଣା ପ୍ରାଣୀଧନ ସହାୟକ କେନ୍ଦ୍ରର ପ୍ରାଣୀଧନ ନିରୀକ୍ଷକ ନିରୋଦ କୁମାର ନାୟକଙ୍କ ସହ । ଘର ତାଙ୍କର ରାଜକନିକା ବ୍ଲକ୍ ନଳପୋଖରୀ ଗାଁରେ । ଜଣେ ଗୋଟିକିତ୍ସକ ଭାବରେ ନିୟୋଜିତ ଥିଲେ ବି ତାଙ୍କର ପୁରୁଣା ଜିନିଷ ସଂଗ୍ରହ କରିବାର ନିଶା ବି ବଡ଼ ଅଜବ । ପ୍ରାୟ ୩୦ ବର୍ଷ ଧରି ସେ ହଜି ଯାଇଥିବା ସମସ୍ତ ଘରକରଣା ଜିନିଷ ଗୁଡିକର ସଂଗ୍ରହ କରି ଘରେ ଏକ ମିନି ସଂଗ୍ରହାଳୟ କରୁଛନ୍ତି । ସେଥିରେ ସେ ବଡ଼ କଷ୍ଟରେ ଏକ କଳ ଗାଉନା ସଂଗ୍ରହ କରି ୩୦ ବର୍ଷ ଧରି ଏହାକୁ ନିଜର ଅବସର ସମୟରେ ବଜାଇ ବଜାଇ ଗୀତ ଶୁଣିବା ସହ ଶୁଣାଇବାରେ ଏକ ଧାରା ଆରମ୍ଭ କରିଛନ୍ତି । ଆଜିର ଡିଜିଟାଲ ଦୁନିଆରେ ପପ ସଙ୍ଗୀତ, ଓ ଡିଜେରେ ଯୁବପିଢ଼ି ସମ୍ପୂର୍ଣ୍ଣ ଭାବେ ବୁଡି ଯାଉଥିବା ବେଳେ ନିରୋଦ କିନ୍ତୁ ସେଇ ପୁରୁଣା ଦିନର ସଙ୍ଗୀତର ସାଧନ କଳ ଗାଉନାକୁ ଆଜି ଯାଏ ବ୍ୟବହାର କରି ସଙ୍ଗୀତର ଏନ୍ତୁଡିଶାଳ କଳ ଗାଉନାକୁ ସୁରକ୍ଷିତ ରଖିବାରେ ଆଗ୍ରହ ରଖିବା ଭଳି ନିଆରା ପ୍ରୟାସ ତାଙ୍କୁ ଭିନ୍ନ ପରିଚୟ ଦେଇଛି । ■







**ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ**

# ନାରୀ ସମାଜର ପ୍ରମୁଖ ଅଙ୍ଗ: ଜିଲ୍ଲାପାଳ

ଭଦ୍ରକ, ୮ ।୩(ସମିସ)



ସାରା ବିଶ୍ୱର ମହିଳାମାନଙ୍କ ଅଧିକାର, ଅସ୍ମିତା ଓ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଚିନ୍ତା କରିବାର ଦିନଟିଏ ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆର୍‌ଏମ୍‌ସି ପରିସରରେ ମହାଆଡ଼ମ୍ବରରେ ଜିଲ୍ଲାସ୍ତରୀୟ ଏହି ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି କହିଥିଲେ, ସମାଜ ଗଠନରେ ନାରୀର ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ । ଏକ ପରିପୂର୍ଣ୍ଣ, ସୁନ୍ଦର, ସୁସ୍ଥ ସମାଜ ନାରୀ ବିନା ସମ୍ଭବ ନୁହେଁ । ନାରୀ ସମାଜର, କେବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବରଂ ପ୍ରମୁଖ ଅଙ୍ଗ । ଅନ୍ୟତମ ସମ୍ମାନିତ ଅତିଥି ଭାବେ

**୩,୮୦,୮୩୪ ମହିଳା ପାଇଲେ ସୁଭଦ୍ରାର ୨ୟ କିସ୍ତି**

ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ସରୋଜ କୁମାର ଦତ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଜଣାଇଥିଲେ କି ଭଗବାନଙ୍କ ସୃଷ୍ଟିରେ ନାରୀ ଏକ ଅନବଦ୍ୟ ସୃଷ୍ଟି । ତା'ର ସ୍ଥିତି, ପରିଚିତି ଓ ଜୀବନ ପ୍ରବାହ ହିଁ ସାମଗ୍ରୀକ ଭାବେ ଏକ ସମାଜର ପରିଚୟ। ଅନାଦି କାଳରୁ ନାରୀର ଭୂମିକା ବେଶ୍ ସୁସ୍ପଷ୍ଟ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଡ୍‌ୱାର ସମ୍ପାଦିକା ସୁରଜିତା ନାୟକ ନିଜ ବକ୍ତବ୍ୟ ରଖିବାକୁ ଯାଇ କହିଥିଲେ ଯେ ନାରୀ ସର୍ବଦା ପୂଜନୀୟା; ତଥାପି ପ୍ରତି ମୁହୂର୍ତ୍ତରେ ନାରୀକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ୁଛି । ମହିଳାଙ୍କୁ ସାମାଜିକ, ଅର୍ଥନୈତିକ ସମାନତା ଦେବା ସହ ନାରୀ ହିଂସାରୁ ମୁକ୍ତ କରିବା ଆଜି ବି ସମାଜ ପାଇଁ ଆହ୍ୱାନ ହୋଇରହିଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ଦିବସ ପାଳନର ଆଭିମୁଖ୍ୟ ଜଣାଇଥିଲେ । ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ବାଲ୍ୟ ବିବାହ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତଙ୍କ ସଂଯୋଜନାରେ ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ବଣ୍ଟନ କରାଯାଇଥିଲା । ସର୍ବୋତ୍ତମ ଅଙ୍ଗନବାଡ଼ି, ସର୍ବୋତ୍ତମ ମହିଳା ପୁଲିସ୍, ମହିଳା ସ୍ୱାସ୍ଥ୍ୟ କର୍ମୀ, ମହିଳା ପ୍ରଶାସକ, ସିଡିପିଓଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବେଟି ବଚାଓ ବେଟି ପଢ଼ାଓ ଯୋଜନାରେ ୧୦ମ ପୂର୍ତ୍ତି ଉପଲକ୍ଷେ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା । ସୂଚନା ଯୋଗ୍ୟକି, ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରାର ୨ କିସ୍ତି ପ୍ରଦାନରେ ଭଦ୍ରକ ଜିଲ୍ଲାର ୧ମ କିସ୍ତି ପାଇଥିବା ୩ ଲକ୍ଷ ୮୦ ହଜାର ୮୩୪ ଜଣଙ୍କୁ ଦ୍ୱିତୀୟ କିସ୍ତିର ଟଙ୍କା ପ୍ରଦାନ କରାଗଲା । ଓରମାସ୍‌ର ଜିଲ୍ଲା ଉପମୁଖ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଅଭିକ୍ ନାରାୟିନ୍, ଜିଲ୍ଲା ପୋଷଣ ସଂଯୋଜକ ସେକ୍ ସିରାଜ ଅଖତାର, ଜିଲ୍ଲ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନର ସୁବ୍ରତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରି.ଳନାରେ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ ।






**● ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

## ଭଦ୍ରକ ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ

ଭଦ୍ରକ, ୮ ।୩(ସମିସ): ଭଦ୍ରକ ସହିଦ ସ୍ମୃତି ଭବନଠାରେ ଭଦ୍ରକ ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପ୍ରାକ୍ତନ ଭଦ୍ରକ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦେବୀଦତା ମହାନ୍ତି, ପ୍ରାକ୍ତନ ଟାଉନ ବିଜେଡି ସଭାନେତ୍ରୀ ଦେବହୁତୀ ମହାପାତ୍ର ଓ ନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥିବୃନ୍ଦ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ, ସେବା ଓ ତ୍ୟାଗର ପ୍ରତୀକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସେ ଜଣେ ଦୂରଦ୍ରଷ୍ଟା ଏବଂ ରାଷ୍ଟ୍ରନୀତିଜ୍ଞ । ଯିଏ ଆଜୀବନ ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଉଥିଲେ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନରେ ୩୩ % ସଂରକ୍ଷଣ ବ୍ୟବସ୍ଥା କରି ମହିଳା ସଶକ୍ତିକରଣ ଦିଗରେ ପ୍ରଥମ ପଦକ୍ଷେପ ନେଇଥିଲେ । ଯାହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହୁରି ଆଗକୁ ନେଇଥିଲେ । ଅନ୍ୟାନ୍ୟ ଅତିଥିବୃନ୍ଦ ବିଜୁ ବାବୁଙ୍କୁ ସ୍ମରଣ କରି ନିଜ ନିଜ ବକ୍ତବ୍ୟରେ ମହିଳା ସଶକ୍ତିକରଣରେ ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ବିଜେଡ଼ି ସରକାରଙ୍କ ଭୂମିକା ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ପ୍ରାକ୍ତନ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲମକ୍କି ଦଲାୱାଜି ହବିବ, ପ୍ରାକ୍ତନ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ୨୫ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଜେନା, ୨୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣଶଶି ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ରାଉତ, ଜ୍ୟୋସ୍ନାମଞ୍ଜରୀ ରାଉତ, ପଦ୍ମାବତୀ ପୃଷ୍ଟି, ମୀନାରାଣୀ ମହାଳିକ, ଯୋନାକି ଚାନ୍ଦ, ଶ୍ରୀମତୀ ସୁଚିସ୍ମିତା ଜେନା, ରାଜଲକ୍ଷ୍ମୀ ଦାସ, ଶୁଚିସ୍ମିତା ସାହୁ, ମନୋରମା ମିଶ୍ର, ତିଳୋତ୍ତମା ମହାପାତ୍ର, ଅଞ୍ଜନା ମିଶ୍ର, ରିଚାସ୍ମିତା ମହାନ୍ତି, ତରନ୍ନୁମ ପରବିନ, ଉମାମଣି ସେଠୀ, ଇଂ ପ୍ରିୟବ୍ରତ ନାୟକ, ରଘୁନାଥ ପଣ୍ଡା, ଫରହାତ୍ ଆଲମ୍ ଖାନ, ଦିଲ୍ଲୀପ ନାୟକ, ଅଞ୍ଜନ ଜେନା, ସୟେଦ ନାସେର ଅଲ୍ଲୀ, ପଙ୍କଜ ବଳ, ନିରୋଧ ରାଉତ, ଏମଡି ଫରହତ ଆଲମ, ଆଶିଷ ମହାନ୍ତି, ମେହେବୁବ ଖାନ, ସୁବ୍ରତ ଦାସ, ସୁଧାକର ଜେନା, କୈଳାଶ ବେହେରା, ବିକାଶ ଶ୍ରେଷ୍ଠା, ସୁମନ ମହାପାତ୍ର, ନସିରୁଦ୍ଦିନ ଖାନ, ଦେବାଶିଷ ଭାରତୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଓ ଯୁବ ନେତୃମଣ୍ଡଳୀ ସାମିଲ ହୋଇଥିଲେ ।

### ବ୍ରହ୍ମାକୁମାରୀ ଭଦ୍ରକ ସେବାକେନ୍ଦ୍ର

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭଦ୍ରକ ଓ କରପସନ୍ ଫ୍ରି ଓଡ଼ିଶାର ମିଳିତ ଆନୁକୂଲ୍ୟରେ ମୂଲ୍ୟନିଷ୍ଠ ଓ ଦୁର୍ନୀତିମୁକ୍ତ ସମାଜ ଗଠନରେ ନାରୀର ଭୂମିକା ଶୀର୍ଷକରେ ଆଲୋଚନା ହୋଇଯାଇଛି । ପୂର୍ବତନ ଲୋକାୟୁକ୍ତ ତଥା ଦୁର୍ନୀତିମୁକ୍ତ ଓଡ଼ିଶାର



ସଭାପତି ଡ଼. ଦେବବ୍ରତ ସ୍ୱାଇଁଙ୍କ ପୌରହିତ୍ୟରେ ଓ ଭଦ୍ରକ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ମଞ୍ଜୁଭଉଣୀଙ୍କ ମାର୍ଗଦର୍ଶନରେ ଉକ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ରୂପେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗ ଦେଇଥିଲେ । ବାରିପଦା ଏମ୍‌ପିସି ଅଟୋନୋମସ୍ କଲେଜର ପୂର୍ବତନ ଅଧକ୍ଷ ତଥା କରପସନ୍ ଫ୍ରି ଓଡ଼ିଶାର ସମ୍ପାଦକ ହରିହର ଦାସ ମଧ୍ୟ ଯୋଗ ଦେଇଥିଲେ । ମୂଲ୍ୟନିଷ୍ଠ ସମାଜ ଗଠନ ପାଇଁ ସମ୍ମାନିତ ହୋଇଥିବା ବ୍ୟକ୍ତିମାନଙ୍କ ଭିତରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ପଣ୍ଡିତ ସଂଗ୍ରାମ ଅଚାର୍ଯ୍ୟ, ସୁଧାକର ରାଉତ, ସୋଫିଆ ସେକ୍, ଶାନ୍ତନୁ ରାଉତ, ଅମର ପାଣିଗ୍ରାହୀ, ରଧାରଣା ମହାପାତ୍ର, ତପସ୍ୱିନୀ ଦାସ, କନକଲତା ଖୁଣ୍ଟିଆ, ମିନତୀ ବାରିକ, ରାଜା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆରମ୍ଭରେ ବ୍ରହ୍ମାକୁମାରୀ ଅର୍ପିତା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଅମର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । ବ୍ରହ୍ମାକୁମାରୀ ମଧୁସ୍ମିତା ମଞ୍ଚ ପରିଚାଳନା ଓ ରାଜଯୋଗର ଅନୁଭୂତି କରାଇଥିଲେ । ବ୍ରହ୍ମାକୁମାର ସୌଭାଗ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଇନ୍‌ସେବା ପ୍ରାଧିକରଣ




ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଇପୁର ପଞ୍ଚାୟତରେ ମହିଳା ଦିବସ ସଂକ୍ରାନ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ୍‌ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ସଂପର୍କିତ ଆଇନ୍ ବିଷୟରେ କଣ ସବୁ ଦିଗ ରହିଛି ସେସବୁ ବିଷୟରେ ଆଲୋକପାତ କରିଥିଲେ । ଡ. ତାପସ କୁମାର ମହାନ୍ତି, ବିହ୍ନିଶିଖା ବିଶ୍ୱାଳ ସହାୟକ ଏଲ୍‌ଏଡ଼ିସିଏସ୍, ଭଦ୍ରକ, ଧାମନଗର ଥାନାଧିକାରୀ ଗୋପାଳକୃଷ୍ଣ ଜେନା, ସରପଞ୍ଚ ଦଇପୁର ଦୀପାଞ୍ଜଳି ନାୟକ, ଫେଲୋସିପ୍ ଆଶ୍ରୟ ପରିଚାଳିକା ଯୋଗମାୟା ଚାନ୍ଦ, ଶକ୍ତି ସଦନ ଭଦ୍ରକ, ପିଏଲଭି ଅନ୍ନପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳି ବେହେରା, ସଂଗୀତା ମିଶ୍ର, ସସ୍ମିତା ବାରିକ ପ୍ରମୁଖ ସହ ଏହି ସଚେତନତା କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

### ବିଜେଡି

ବନ୍ତ/ଆଗରପଡ଼ା: ବନ୍ତ ହାଟପଡ଼ିଆଠାରେ ବିଜେଡି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ପ୍ରଗତିବାଳା ସ୍ୱାଇଁଙ୍କ ଅଧକ୍ଷତାରେ



ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ବିଜେଡ଼ି ନେତାମାନେ ବିଜୁପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ସଂଜୀବ କୁମାର ମଲ୍ଲିକ ସ୍ୱର୍ଗତ ବିଜୁବାବୁ ମହିଳାଙ୍କ ପାଇଁ ୩୩ ଶତକଡ଼ା ସ୍ଥାନ ସଂରକ୍ଷଣ ସହ ଆତ୍ମନିର୍ଭରଶୀଳ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କର ସୁପୁତ୍ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଏସଏଚଜି ମହିଳା ସଂଗଠନ ଗଠନ ସହ ମହିଳାଙ୍କୁ ବହୁକ୍ଷମତା ପ୍ରଦାନ କରିଥିଲେ । ବର୍ତ୍ତମାନ ସରକାର ନାମ ବଦଳାଇ ନିଜର ପ୍ରଚାର ପ୍ରସାରରେ ବହୁ ଅର୍ଥ ବ୍ୟୟ କରୁଥିବାର ପ୍ରକାଶ କରିଥିଲେ । ଅନ୍ୟତମ ଅତିଥିଭାବେ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ ଜେନା, ମନୋରଂଜନ ଘଡ଼େଇ, ସୁମତି ସେଠୀଙ୍କ ସହ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ହୋଇଥିବା ମହିଳା ସରପଞ୍ଚ ଓ ସମିତିସଭ୍ୟାଙ୍କ ସମେତ ମହିଳାମାନେ ଏକତ୍ରିତ ହୋଇ ପୁଣି ବିଜେଡ଼ି ସରକାରଙ୍କୁ କ୍ଷମତାକୁ ଆଣିବାକୁ ଆହ୍ୱାନ ଦେଇଥିଲେ । ସୁବାସ ଦାସ, ସେକଜଲାଲ ଉଦ୍ଦିନ, ଅଶୋକ ସାହୁ, ପ୍ରଶାନ୍ତ ଦାଶ, ବିପିନ ନାୟକ, ପ୍ରଣବ କିଶୋର ଲେଙ୍କା, ଚିନ୍ମୟ ଦାସ, ପରମେଶ୍ୱର ବାରିକ, ଉଧବ ସେଠୀଙ୍କ ସହ ବହୁ ବିଜେଡ଼ିକର୍ମୀ, ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ ।

## ଘରୁ ଟେକି ଆଣି ବିଲରେ ଲୁଟିଲେ ଟଙ୍କା ଓ ସୁନା

ଭଣ୍ଡାରିପୋଖରୀ/ବାରିକପୁର, ୮ ।୩(ସମିସ): ଭଣ୍ଡାରିପୋଖରୀ ଥାନା ରହଣିଆ ପଞ୍ଚାୟତ ଆକୁଳିକଣାରୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ଜଣାପଡିଛି । ଗ୍ରାମର ଗୋବିନ୍ଦ ବାରିକ ଓ ଗଣେଶ ବାରିକଙ୍କ ବାସଗୃହ କବାଟ ଭାଙ୍ଗି ଚୋରମାନେ ଆଲମିରା ଏବଂ ବାକ୍ସଟିକୁ ଘରର ଅନତି ଦୂରରେ ଥିବା ଚାଷ ଜମିକୁ ଟେକି ନେଇଥିଲେ । ସେଠାରେ ଭାଙ୍ଗି ସୁନା ଚେନ ସହିତ ଅନ୍ୟାନ୍ୟ ଅଳଙ୍କାର ଏବଂ ନଗଦ ୩୪ ହଜାର ଟଙ୍କା ଲୁଟି ନେଇଛନ୍ତି । ସେହିଭଳି ଚୋରମାନେ ପ୍ରଫୁଲ୍ଲ ବେହେରାଙ୍କ ଘରୁ ମଧ୍ୟ ବାକ୍ସ ଟେକି ନେଇ ଏହାକୁ ନିକଟସ୍ଥ ଚାଷ ଜମିରେ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସମେତ ସାତ ହଜାର ଟଙ୍କା ଚୋରାଇ ନେଇଛନ୍ତି । ଅନୁରୂପ ଭାବେ ସୈଶଲାପୁରଠାରେ ନାରାୟଣ ସାହୁଙ୍କ ରୋଷେଇ ଘରକୁ ଚୋର ପଶି ସେଠାରେ ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ ସୁଦ୍ଧା କୌଣସି ଜିନିଷପତ୍ର ଚୋରି ହୋଇ ନଥିବା ଜଣାଯାଇଛି । ସମସ୍ତ ଘଟଣାରେ ଗୃହସ୍ଥଙ୍କ ପରିବାର ବର୍ଗ ଶୋଇଥିବା ଗୃହର କବାଟକୁ ଚୋରମାନେ ବାହାର ପଟୁ ବନ୍ଦ କରି ଏମିତି ଅଭିନବ ଉପାୟରେ ଚୋରି କରିଥିବା ଜଣାଯାଇଛି । ଆଜି ସକାଳୁ ପୁଲିସକୁ ଖବର ଦିଆଯାଇଥିଲା । ସହକାରୀ ଥାନାଧିକାରିଣୀ ଇଭାରାଣୀ ପରିଡା ଓ ସନ୍ଧାନୀ କୁକୁର ତଦନ୍ତ ଆରମ୍ଭ କରିଥିଲେ । ପରେ କାମ କରିବାକୁ ଆସି ଗାଁ ସସ୍ତା ଘରେ ରହୁଥିବା ୫ ଜଣଙ୍କୁ ପୁଲିସ ଅଟକ ରଖିଛି । ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ।




## ପରୀକ୍ଷା ପର୍ଯ୍ୟବେକ୍ଷକଙ୍କ ଅପ୍ରୀତିକର ବ୍ୟବହାର; କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୮ ।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ୨ୟ ବର୍ଷ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରତିଦିନ ପରି ଘଣ୍ଟେଶ୍ୱର ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପିକା ଓ କର୍ମଚାରୀମାନେ ରାଜ୍ୟ ସ୍ୱୀକୃତିପ୍ରାପ୍ତ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ବିଏନ ଏମ୍‌ଏ ମହାବିଦ୍ୟାଳୟର ଅଧ୍ୟାପିକା ଭାଗ୍ୟଶ୍ରୀ ଦାଶ ଓ ଅଧ୍ୟାପିକା ପ୍ରିୟଙ୍କା ସାହୁ ପରୀକ୍ଷା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ଘଣ୍ଟେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଗୋପାଳ ପ୍ରସାଦ ମହାପାତ୍ର ଦୁଇ ପର୍ଯ୍ୟବେକ୍ଷକଙ୍କୁ ରାଜ୍ୟସ୍ତରୀୟ ସଂଗୀତ ଗାନ କାର୍ଯ୍ୟକ୍ରମକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ନିବେଦନ କରିଥିଲେ । ହେଲେ ଦୁଇ ପର୍ଯ୍ୟବେକ୍ଷକ ବେଖାତିର କରି ରାଜ୍ୟସ୍ତରୀୟ ସଂଗୀତକୁ ଅସମ୍ମାନିତ କରି ମହାବିଦ୍ୟାଳୟ କାର୍ଯ୍ୟାଳୟରେ ବସିରହିଥିଲେ । ପରେ ପରୀକ୍ଷା ଆରମ୍ଭ ହେବା ମାତ୍ରକେ ପର୍ଯ୍ୟବେକ୍ଷକ ଭାଗ୍ୟଶ୍ରୀ



ଦାଶ ବଡ଼ ପାଟିରେ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ । "ଏହା ଗୋଟିଏ କପି ସେଣ୍ଟର, ସବୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ମୁଁ ଅନ୍ଧାର କରିଦେବି' ବୋଲି ବଡ ପାଟିରେ ଚିତ୍କାର କରିଥିବା ଅଭିଯୋଗ ହୋଇଛି । ଫଳରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାଧାପ୍ରାପ୍ତ ହୋଇଥିଲା । ମାନସିକ ସ୍ତରରେ ଆଘାତପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଚେକିଂ କରିବା ପାଇଁ ଏହି ଦୁଇ ଅଧ୍ୟାପିକାଙ୍କୁ ଅନୁମତି ମିଳି ନଥିବା ବେଳେ ବେଆଇନ ଭାବେ ଚେକିଂ କରି ଉଦ୍ଦେଶ୍ୟମୂଳକ ଭାବେ ନିର୍ଯାତନା ଦେଇଥିଲେ । ମହାବିଦ୍ୟାଳୟକୁ ଜଣେ ପର୍ଯ୍ୟବେକ୍ଷକ ଯିବାର ଅନୁମତି ଥିବା ବେଳେ ବେଆଇନ ଭାବେ ଏହି ଦୁଇ ପର୍ଯ୍ୟବେକ୍ଷକ ପହଞ୍ଚି ସେଠାରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଏହି ଦୁଇ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଭଦ୍ରକ ଛାତ୍ର ମଞ୍ଚ ପକ୍ଷରୁ ଭଦ୍ରକ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳରେ ଭଦ୍ରକ ଛାତ୍ର ମଞ୍ଚର ସଭାପତି ବିକାଶ ନାଥ, ସଂପାଦିକା ରୁଚିସ୍ମିତା ବାରିକ୍, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ଆଇନଜୀବୀ ଗିରିଧାରୀ ନାଥ, ଛାତ୍ରନେତ୍ରୀ ଗୀତାଞ୍ଜଳି ମହାଳିକ, ସୀତା ମାଝି, ଛାତ୍ର ନେତା ସାଗର ରାଉତ, ବିଶ୍ୱଜିତ ଜେନା, ପାର୍ଥସାରଥୀ ପାତ୍ର, ସୁଜିତ ପାକଳ ପ୍ରମୁଖ ଉପସ୍ଥିତ ଥିଲେ । ଦୁଇ ପର୍ଯ୍ୟବେକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଦ୍ରକ ଛାତ୍ର ମଞ୍ଚ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।

**● ବାସୁଦେବପୁରରେ ସିରିଜ୍ ମନ୍ଦିର ଚୋରି ଅଭିଯୋଗ**

## ଲୁଟିନେଲେ ନଗଦ ଅର୍ଥ ଓ ସୁନା ଅଳଙ୍କାର

ବାସୁଦେବପୁର, ୮ ।୩(ସମିସ): ବାସୁଦେବପୁରରେ ଲୁଟେରାଙ୍କ ଟାର୍ଗେଟରେ ମନ୍ଦିର । ପୁଲିସ ଆଖିରେ ଚକମା ଦେଖାଇ ଲୁଟିନେଲେ ଚାରୋଟି ମନ୍ଦିର । ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଲୁଟି ନେଲେ ସୁନା ଅଳଙ୍କାର ଓ ଟଙ୍କା ପଇସା । ଏମିତି ଅଭିଯୋଗ ଆସିଛି ଭଦ୍ରକ ଜିଲ୍ଲାର ବାସୁଦେବପୁରରୁ । ଭୈରବପୁର ଗ୍ରାମର ଲକ୍ଷ୍ମୀ ନାରାୟଣ ମନ୍ଦିର, ହନୁମାନ ମନ୍ଦିର, ବଂଶୀପାଟଣାର ରଘୁନାଥ ମନ୍ଦିର ଓ ହନୁମାନ ମନ୍ଦିର ଭାଙ୍ଗି ନଗଦ ଅର୍ଥ ଓ ସୁନା ଅଳଙ୍କାର ଲୁଟ କରିଥିବାର ଅଭିଯୋଗ ହୋଇଛି । ଠାକୁରଙ୍କ ସେବକଙ୍କ ଶୋଇବା ଘର ବାହାରୁ ଲକ୍ କରି ଦୁର୍ବୃତ୍ତ ବୁଲାଇଲେ କଳାକନା । ଠାକୁରଙ୍କ ଦେହରେ ସଜାଇ ହୋଇ ଥିବା ସମସ୍ତ ସୁନା ଓ ରୁପାର ଅଳଙ୍କାର ଚୋରି କରି ନେଇଛନ୍ତି ଲୁଟେରା । ପାଖକୁ ଲାଗି ହନୁମାନ ମନ୍ଦିର ଚାବି ଭାଙ୍ଗି ମୁକୁଟ ଓ ଅଳଙ୍କାର ଲୁଟ କରିଛନ୍ତି । ଲକ୍ଷ୍ମୀ ନାରାୟଣ ମନ୍ଦିର ସୁନା ମାଳ, ସୁନା ଚିତା, ସୁନା ମୁକୁଟ ଓ ରୁପାର ଅଳଙ୍କାର ଲୁଟ ହୋଇଥିବାର ବାସୁଦେବପୁର ଥାନାର ଲିଖିତ ଅଭିଯୋଗ ହୋଇଛି । ବଂଶୀପାଟଣାର ହନୁମାନ ବାଟିକାର ରଘୁନାଥ ମନ୍ଦିରର ହୁଣ୍ଡି ବାକ୍ସ ଓ ବଜରଙ୍ଗବାଲିଙ୍କ ମନ୍ଦିରର ହୁଣ୍ଡି ବାକ୍ସ ଚୋରି କରି ନିକଟସ୍ଥ ଏକ ବିଲରେ ଭାଙ୍ଗି ପକାଇଥିଲେ । ସକାଳେ କିଛି ଲୋକ ବିଲକୁ ଯାଇଥିବା ବେଳେ ଭଙ୍ଗା ହୁଣ୍ଡି ବାକ୍ସ ଓ ରସିଦ ପଡିଥିବାର ଦେଖିବାକୁ ଏକ ଅଟୋରେ ବାକ୍ସ ଆଣି ମନ୍ଦିରରେ ଦେଇଥିଲେ । ବାକ୍ସର ଏକ ବର୍ଷର ଭକ୍ତମାନଙ୍କ ଦାନ ଅର୍ଥ ଭାଙ୍ଗି ନେଇ ଯାଇଛନ୍ତି ଲୁଟେରା । ରଘୁନାଥ ମନ୍ଦିର ଷ୍ଟୋର ରୁମ୍ ଭାଙ୍ଗି ରୁପା ଅଳଙ୍କାର ଲୁଟ କରିଛନ୍ତି ବୋଲି ପୂଜକ ଅଭିଯୋଗ କରିଛନ୍ତି । ଦିନରେ ଭକ୍ତ ବେଶରେ ଆସି ଠାକୁର ଦର୍ଶନ କରି ଭୋଗ ଖାଇ ରାତିରେ ଲୁଟି ନେଲେ ବୋଲି ଅଭିଯୋଗ ହେଉଛି । ସିରିଜ ଲୁଟ ହୋଇ ଥିବାର ଅଭିଯୋଗ ପାଇ ବାସୁଦେବପୁର ପୁଲିସ ଗୋଟିଏ ପରେ ଗୋଟିଏ ମନ୍ଦିର ଯାଇ ତଦନ୍ତ ଆରମ୍ଭ କରିଛି ।




## ଜିଲ୍ଲାସ୍ତରୀୟ ଜନ ଔଷଧୀ ଦିବସ ପାଳିତ



ଭଦ୍ରକ,୮ ।୩(ସମିସ): ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜନ ଔଷଧି ଦିବସ ପାଳିତ ହୋଇଯାଇଛି । ଭଦ୍ରକ ସହର ମୁଖ୍ୟରାସ୍ତା ମୁଖ୍ୟ ଡାକଘର ନିକଟସ୍ଥ ଜନ ଔଷଧୀ କେନ୍ଦ୍ର ପରିସରରେ ଏହି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଡାକ୍ତର ଅମୂଲ୍ୟ କୁମାର ଦାସ, ଡିପିଏମ୍ ସରିତା ମହାପାତ୍ର ଓ ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ଅଧକ୍ଷତା କରିଥିଲେ । ଭଦ୍ରକ ଜିଲ୍ଲାରେ ସମୁଦାୟ ୧୭ଟି ଜନ ଔଷଧି କେନ୍ଦ୍ର ଅଛି । ଏହି କେନ୍ଦ୍ରଗୁଡ଼ିକ ଜରିଆରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୋକମାନଙ୍କୁ ବଜାର ଦରଠାରୁ ୭୦-୮୦ ପ୍ରତିଶତ କମ୍ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ଗରିବ, ନିମ୍ନମଧ୍ୟବିତ୍ତ ଲୋକମାନେ କିଭଳି ଅଧିକ ଉପକୃତ ହେବେ ସେନେଇ ଅଧିକ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ ଅଧିକାରୀ ଅନିତାରାଣୀ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଡା. ରାକେଶ ସାହୁ ହସ୍ପିଟାଲ ମ୍ୟାନେଜର ନିବେଦିତା ନନ୍ଦ ଓ ହସ୍ପିଟାଲ ମ୍ୟାନେଜର ସମୀର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଭଦ୍ରକରେ ପ୍ରଥମ ଲୋକ ଅଦାଲତ

**୪, ୩୩, ୯୨ , ୨୯୮ ଟଙ୍କାରେ ୧୩୦୦ଟି ମୋକଦ୍ଦମାର ସମାଧାନ**

ଭଦ୍ରକ,୮ ।୩(ସମିସ)

ପ୍ରଥମ ଲୋକ ଅଦାଲତ, ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ନେହା ଅଗରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରି ଥିଲେ । ମୋଟ ୪୩୩୯୨୨୯୮ ଟଙ୍କାରେ ୧୩୦୦ ଟି ବିଭିନ୍ନ ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା । ସେଗୁଡିକ ମଧ୍ୟରୁ ମୋଟର ଯାନ ଦୁର୍ଘଟଣା ଦାବି



ଟ୍ରିବୁନାଲର ବିଚାରାଧୀନ ଥିବା ୩୬ଟି ମାମଲାର ୩୪୨୯୧୦୦୦ ଟଙ୍କାରେ, ୩୪ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୬୮୬୯୦୮୬ ଟଙ୍କାରେ, ୨୦ଟି ବୈବାହିକ ବିବାଦ, ୮୮୫ଟି ରାଜସ୍ୱ ମୋକଦ୍ଦମା, ୨୪୦୬୭୭ ଟଙ୍କାରେ, ୫୦ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୯୮ଟି ବ୍ୟାଙ୍କ ଋଣ ମାମଲା ୩୨୯୨୫୮୭ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡର ଟେଲିଫୋନ୍ ବିଲ ସମ୍ବନ୍ଧୀୟ ୧୦ଟି ମାମଲା ୧୮୦୦୮ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି ।

## ବନ୍ତରେ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

ବନ୍ତ/ଆଗରପଡ଼ା, ୮ ।୩(ସମିସ): ବନ୍ତ ତହସିଲରେ ନୂତନ ଅତିରିକ୍ତ ତହସିଲଦାର ଭାବେ ପ୍ରସନ୍ନ କୁମାର ମହାନ୍ତି ଯୋଗ ଦେଇଛନ୍ତି । ସେ ପୂର୍ବରୁ ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲରେ କାର୍ଯ୍ୟ କରୁଥିଲେ । ବନ୍ତରେ ଥିବା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉକ୍ତ ସ୍ଥାନକୁ ବଦଳି ହେବାରୁ ଶ୍ରୀ ମହାନ୍ତି ଶୁକ୍ରବାର ବନ୍ତ ତହସିଲରେ ଯୋଗ ଦେଇଛନ୍ତି । ତାଙ୍କୁ ତହସିଲ କର୍ମଚାରୀ ଶୁଭେଚ୍ଛା ଜଣାଇଥିଲେ । ଅତିରିକ୍ତ ତହସିଲଦାର କାର୍ଯ୍ୟରେ ଯୋଗଦେବା ପରେ ତହସିଲ ଅଧୀନରେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇପାରିବ ବୋଲି ଜନସାଧାରଣ ଆଶା ପୋଷଣ କରିଛନ୍ତି ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୭୪ • ପାଉଣ୍ଡ ୧୧୨.୪୯
- ୟୁରୋ ୯୪.୭୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୦୦୦(ଭୁବନେଶ୍ୱର)
- ରୁପା : ୧,୦୧,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୩୩୨.୦୦
- ନିଫ୍ଟି ୨୨,୫୫୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

**କାନାଡ଼ାରେ ଖେଳ କରିଦେଲା 'ଟେସ୍‌ଲା'**

# ୩ ଦିନରେ ବିକିଲା ୮ ୬୦୦ କାର୍; ତଦନ୍ତ କଲେ ସରକାର

**୩୭୫ କୋଟି ଟଙ୍କାର ରିଆତି ପାଇଥିଲା କମ୍ପାନୀ**

**ରିଆତି ଯୋଜନା ସରିବା ପୂର୍ବରୁ ଲାଭ ଉଠାଇଥିଲା**

**ଭାରତରେ ଟେସ୍‌ଲା ପ୍ରବେଶ ପାଇଁ ପ୍ରସ୍ତୁତି ଜାରି**

ନୂଆଦିଲ୍ଲୀ, ୮।୩ (ଏଜେନ୍ସି)

ଆମେରିକା ଏବଂ କାନାଡ଼ା ମଧ୍ୟରେ ଶୁଳ୍କକୁ ନେଇ ବାକ୍‌ଯୁଦ୍ଧ ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ (ସମାନ ଶୁଳ୍କ) ଘୋଷଣା ପରେ ଦୁଇ ଦେଶ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏହାକୁ ବିରୋଧ କରି କାନାଡ଼ା ଲୋକେ ଆମେରିକା ଟମାଟୋ ଖାଇବା ଛାଡ଼ି ଦେଇଛନ୍ତି। ଅନ୍ୟ ଦେଶରୁ ଏହି ପରିବା ମଗାଉଛନ୍ତି। ଏପରି ସମୟରେ ରାଷ୍ଟ୍ରପତିଙ୍କ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା କାନାଡ଼ାରେ ଖେଳ କରିଦେଇଛି। କାନାଡ଼ାରେ ଏହି କମ୍ପାନୀର ଗାଡ଼ି ବିକ୍ରି ଅଚାନକ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏଥିଯୋଗୁଁ କମ୍ପାନୀର କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ମାମଲାକୁ ରିଆତି ସହ ଯୋଡ଼ି ଦେଖାଯାଉଛି। ରିଆତି ପାଇଁ କମ୍ପାନୀ ବିକ୍ରି ଜାଲିଆତି କରିଥିବା ଆଶଙ୍କା କରାଯାଉଛି। ଏହା ଉପରେ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ସତ୍ୟାସତ୍ୟ ଯାଞ୍ଚ ପାଇଁ ସରକାର ଟେସ୍‌ଲା ବିରୋଧରେ ଯାଞ୍ଚ ଆରମ୍ଭ କରି ଦେଇଛନ୍ତି।

ମୋଟର ଇଲୁଷ୍ଟ୍ରେଟେଡର ରିପୋର୍ଟ ଅନୁଯାୟୀ ଜାନୁଆରୀରେ ଇଲେକ୍ଟ୍ରିକ୍ ଭେଇକିଲ (ଇଭି)ରେ ସବ୍‌ସିଡି (ରିଆତି) ଯୋଜନା ବନ୍ଦ ହେବା ପୂର୍ବରୁ ଟେସ୍‌ଲା ଗାଡ଼ି ବିକ୍ରି ରକେଟ୍ ଭଳି ବୃଦ୍ଧି ପାଇଥିଲା। କେବଳ ତିନି ଦିନରେ ଅଲଗା ଅଲଗା ସ୍ଥାନରେ ୮,୬୦୦ରୁ ଅଧିକ କାର୍ ବିକ୍ରି ହୋଇଥିଲା। ଏହା ଦ୍ୱାରା କମ୍ପାନୀକୁ ୪୩ ନିୟୁତ ଡଲାର (ପ୍ରାୟ ୩୭୫ କୋଟି ଟଙ୍କା)ର ରିଆତି ମିଳିଥିଲା। ରିପୋର୍ଟ ଅନୁଯାୟୀ ଟରୋଣ୍ଟୋର ଏକ କମ୍ପାନୀ କେବଳ ଜାନୁଆରୀ ୧୧ ତାରିଖରେ ୧୨୦୦ରୁ ଅଧିକ ଗାଡ଼ି ବିକ୍ରି କରିଥିଲା। ଏଥିରୁ ଶୋ' ରୁମ୍‌କୁ ୪ ନିୟୁତ ଡଲାରର ରିଆତି ମିଳିଥିଲା।

ଏବେ ଏହି ବିକ୍ରି ଉପରେ ପ୍ରଶ୍ନ ଉଠୁଛି। ପ୍ରକୃତରେ ଗାଡ଼ି ବିକ୍ରି ହୋଇଛି କି ନାହିଁ କିମ୍ବା ରିଆତି ପାଇଁ ଟେସ୍‌ଲା ପକ୍ଷରୁ ଏମିତି ଖେଳ କରାଯାଇଥିଲା ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। କାନାଡିଆନ ଅଟୋମୋବାଇଲ ଡିଲର୍ସ ଆସୋସିଏସନ ଏହି



ମାମଲାର ତଦନ୍ତ କରିବାକୁ ଦେଶର ପରିବହନ ବିଭାଗକୁ ନିବେଦନ କରିଥିଲା। ସଂଗଠନ ପକ୍ଷରୁ କୁହାଯାଇଛି ଯେ ରିଆତି ବ୍ୟବସ୍ଥାର ଅନୁଚିତ ଲାଭ ଉଠାଯାଇଛି। ସରକାର ଜାନୁଆରୀ ୧୩ରେ ରିଆତି ଯୋଜନାକୁ ବନ୍ଦ କରିଦେଇଥିଲେ। ଏହାର ୭୨ ଘଣ୍ଟା ପୂର୍ବରୁ ସରକାର ଯୋଜନା ବନ୍ଦ କରିବାକୁ ସଙ୍କେତ ଦେଇଥିଲେ। ଏବେ ଅଧିକାରୀ ଟେସ୍‌ଲାର ସେଲ୍‌ସ ତଥ୍ୟ ଯାଞ୍ଚ କରୁଛନ୍ତି। ଏହି ଯୋଜନା ସରିବା ପୂର୍ବରୁ କିଛି ଗଡ଼ବଡ଼ କରାଯାଇଥିଲା କି ନାହିଁ ତାହାର ଯାଞ୍ଚ କରାଯାଉଛି। ସୂଚନାଯୋଗ୍ୟ ଯେ ଇଭି ରିଆତି ଯୋଜନାରେ ୫ ଲକ୍ଷରୁ ଅଧିକ ଗାଡ଼ି ବିକ୍ରି ହୋଇଥିଲା।

କାନାଡ଼ାରେ ଟେସ୍‌ଲା ବିରୋଧରେ ଏଭଳି ଅଭିଯୋଗ ଲାଗିଥିବାବେଳେ ଏହି କମ୍ପାନୀ ଭାରତରେ ପ୍ରବେଶ ପାଇଁ ପ୍ରସ୍ତୁତି କରୁଛି। କମ୍ପାନୀ ମୁମ୍ବାଇରେ ପ୍ରଥମ ଶୋ' ରୁମ୍ ଖୋଲିବାକୁ ଯାଉଛି। ଏଥିପାଇଁ କମ୍ପାନୀ ଜାଗା ଭଡ଼ା ନେଇ ସାରିଛି। ନିଯୁକ୍ତି ମଧ୍ୟ ଆରମ୍ଭ କରିଦେଇଛି। କିନ୍ତୁ ଟାରିଫ (ଶୁଳ୍କ)କୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ କୌଣସି ସହମତି ପ୍ରକାଶ ପାଇପାରି ନାହିଁ। ଆମଦାନୀ ହୋଇଥିବା କାର୍ ଉପରେ ଭାରତ ଟିକସ ସମ୍ପୂର୍ଣ୍ଣ ହଟାଇ ଦେଉ ବୋଲି ଆମେରିକା ଚାହୁଁଛି। କିନ୍ତୁ ଭାରତ ଏଥିପାଇଁ ପ୍ରସ୍ତୁତ ନାହିଁ।

# ୨୪ ଘଣ୍ଟା ଖୋଲିବ ଆମେରିକା ସେୟାର ବଜାର!

ୱାସିଂଟନ, ୮।୩ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ସମ୍ଭାଳିବା ପରଠାରୁ ଡୋନାଲ୍ଡ ଟ୍ରମ୍ପ ଆକ୍ସନ ମୋଡ୍‌ରେ ଅଛନ୍ତି। ମେକ୍ ଆମେରିକା ଗ୍ରେଟ ଏଗେନ (ମାଗା) ସ୍ଲୋଗାନ ଦେଇଥିବା ଟ୍ରମ୍ପ ନିଜର ବ୍ୟାବସାୟିକ ନୀତି ଆପଣାଇ ଅନେକ ଦେଶକୁ ହରଡ଼ଘଣାରେ ପକେଇ ଦେଇଛନ୍ତି। ସେ ନେଇଥିବା ନିଷ୍ପତ୍ତି ଯୋଗୁଁ କେବଳ ଆମେରିକା ନୁହେଁ, ବରଂ ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ଆମେରିକା ସେୟାର ବଜାର ବଢୁଥିବାବେଳେ ଅନ୍ୟ ଦେଶର ବଜାର ହ୍ରାସ ପାଇବାରେ ଲାଗିଛି। ଆମେରିକା ବଜାର ଦ୍ୱାରା ସାରା ବିଶ୍ୱର ସେୟାର ବଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହୋଇଥାଏ। ଏପରି ସମୟରେ ଟ୍ରମ୍ପ ଆଉ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଆମେରିକା ସେୟାର ବଜାରକୁ ଦିନରାତି ୨୪ ଘଣ୍ଟା ଖୋଲିବାକୁ ସେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ଅର୍ଥାତ୍ ଏହି ସେୟାର ବଜାରରେ ସବୁବେଳେ କାରବାର ହେବ। ଏହାପରେ ଲୋକେ ବିଶ୍ୱର ଯେକୌଣସି ସ୍ଥାନରୁ ଆମେରିକାରେ ନିବେଶ କରିପାରିବେ।

ଆମେରିକାର ପ୍ରମୁଖ ସେୟାର ବଜାର ନାସ୍‌ଡକ୍ ଏବେ ୨୪ ଘଣ୍ଟା ଖୋଲିବା ଦିଗରେ କାର୍ଯ୍ୟ କରୁଛି। ସାରା ବିଶ୍ୱରେ ଆମେରିକା କମ୍ପାନୀଙ୍କ ଷ୍ଟକ୍‌ର ଚାହିଦା ବଢୁଥିବା ଦେଖି ଏହି ପଦକ୍ଷେପ ନିଆଯାଉଛି। ବିଶ୍ୱର ଅନେକ ନିବେଶକ ଆମେରିକା ଷ୍ଟକ୍ ବଜାରରେ ପୁଞ୍ଜି ନିବେଶ କରିଛନ୍ତି। ଏଥିପାଇଁ ନିଜର ଷ୍ଟକ୍ ଏକ୍ସଚେଞ୍ଜକୁ ୨୪ ଘଣ୍ଟା ଖୋଲା ରଖିବା ପାଇଁ ନାସ୍‌ଡକ୍ ନିଷ୍ପତ୍ତି ନେଇଛି। ନାସ୍‌ଡକ୍‌ରେ ଜଣେ ବରିଷ୍ଠ ଅଧିକାରୀ ଶୁକ୍ରବାର ସୋସିଆଲ ମିଡିଆରେ ଏ ନେଇ ଦାବି କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଗତ କିଛି ଦିନ ତଳେ ଆମେରିକା ଷ୍ଟକ୍‌ର ଚାହିଦା ବଢ଼ିବାରେ ଲାଗିଛି। ଏହାର ଲାଭ ଉଠାଇବା ପାଇଁ ନାସ୍‌ଡକ୍ ଇଙ୍କ ନିଷ୍ପତ୍ତି ନେଇଛି।

ଟ୍ରମ୍ପ କ୍ଷମତାସୀନ ହେବା ପରେ ଅନେକ ସ୍ତରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ଯୋଗୁଁ ବାଣିଜ୍ୟ ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ରୁଷ-ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବାର ପ୍ରୟାସ ଯୋଗୁ ଦରଦାମ ବୃଦ୍ଧି ଉପରେ ଅଙ୍କୁଶ ଲାଗିବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଆମେରିକା ଅର୍ଥନୀତିକୁ ଋଣଯନ୍ତ୍ରାରୁ ମୁକ୍ତ କରିବା ପାଇଁ ଟ୍ରମ୍ପ ସରକାରୀ ଖର୍ଚ୍ଚ ମଧ୍ୟ ହ୍ରାସ କରୁଛନ୍ତି। ସେ ରାଜକୋଷ ପୂର୍ଣ୍ଣ କରିବା ପାଇଁ ଗୋଲ୍ଡ କାର୍ଡ ଭଳି ଯୋଜନା ଆଣିଛନ୍ତି। ନିଯୁକ୍ତି ବୃଦ୍ଧି କରିବାକୁ ସେ 'ମେକ୍ ଇନ୍ ଆମେରିକା' ଦିଗରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି।

**ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଘୋଷଣା**

# ମୁକେଶ ଅମ୍ବାନୀଙ୍କଠୁ ଆଦାୟ ହେବ ୨୪, ୪୯୦ କୋଟି

ନୂଆଦିଲ୍ଲୀ, ୮।୩ (ଏଜେନ୍ସି)



ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏହାର ପାର୍ଟନର୍ସଙ୍କଠାରୁ ଭାରତ ସରକାର ୨.୮୧ ବିଲିୟନ ଡଲାର (ପ୍ରାୟ ୨୪, ୪୯୦ କୋଟି ଟଙ୍କା) ଆଦାୟ କରିବାକୁ ଯାଉଛନ୍ତି। ଏହି ମାମଲା ନ୍ୟାଚୁରାଲ ଗ୍ୟାସ ଏକ୍ସଟେନ୍‌ସନ୍ ସମ୍ବନ୍ଧିତ। ଏହି ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଏବେ ସରକାର ମୁକେଶ ଅମ୍ବାନୀଙ୍କଠାରୁ ଏହି ଟଙ୍କା ଆଦାୟ କରିବାକୁ ପ୍ରସ୍ତୁତି କରୁଛନ୍ତି। ଏହାକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଟଙ୍କା ଆଦାୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରାଯିବ।

ଏହି ମାମଲାକୁ ନେଇ ସରକାରଙ୍କ ପକ୍ଷରୁ ଦାବି କରାଯାଇଛି ଯେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଏହାର ସହଯୋଗୀ କମ୍ପାନୀ ବିନା ଅନୁମତିରେ ଏକ ଗ୍ୟାସ୍ ଫିଲ୍ଡରୁ ପ୍ରାକୃତିକ ଗ୍ୟାସ ଉତ୍ପାଦନ କରିଥିଲେ। ଏହା ତାଙ୍କ ଅଧିକାର କ୍ଷେତ୍ର ବାହାରେ ଥିଲା। ଏହି ମାମଲାରେ ରିଲାଏନ୍ସ ୧.୫୫ ବିଲିୟନ ଡଲାର ରାଶି ପୈଠ କରିବ ବୋଲି ଭାରତ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ରିଲାଏନ୍ସ ଏହି ମାମଲାକୁ 'ଇଣ୍ଟରନ୍ୟାସନାଲ ଆର୍ବିଟାରୀ କୋର୍ଟ'କୁ ନେଇ ଯାଇଥିଲା। ୨୦୧୮ ଜୁଲାଇରେ ଏହି କୋର୍ଟ ରିଲାଏନ୍ସ ସପକ୍ଷରେ ରାୟ ଦେଇ ସରକାରଙ୍କ ଦାବିକୁ ଖାରଜ କରିଦେଇଥିଲେ। ଏହା ପରେ ସରକାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୪ ତାରିଖରେ ହାଇକୋର୍ଟ ମାମଲାର ବିଚାର କରି ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି ଆଧାରରେ ସରକାର ୨.୮୧ ବିଲିୟନ ଡଲାରର ଡିମାଣ୍ଡ ନୋଟିସ ରିଲାଏନ୍ସକୁ ପଠାଇ ଥିଲେ। ଗତ ୩ ତାରିଖରେ ଏହି ନୋଟିସ ମିଳିଥିଲା ବୋଲି ରିଲାଏନ୍ସ ପକ୍ଷରୁ କୁହାଯାଇଥିଲା।

ଏହି ମାମଲାକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ 'ଗ୍ୟାସ ମାଇଗ୍ରେସନ' (ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକ୍‌କୁ ଯିବା) କୁ ହାଇକୋର୍ଟ ଦେଇଥିବା ରାୟ ସରକାରଙ୍କ ଅଧିକାରକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପୂର୍ବରୁ ୨.୮୧ ବିଲିୟନ ଡଲାରର ଡିମାଣ୍ଡ ଆବେଦନ କରାଯାଇଛି। ଏହା ଆଦାୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରାଯିବ। କିନ୍ତୁ ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବା ସମସ୍ତଙ୍କ ଅଧିକାର। ସୂଚନା ଅନୁଯାୟୀ ଏହି ମାମଲା କୃଷ୍ଣା-ଗୋଦାବରୀ ଅବବାହିକାରେ ଥିବା କେଜି-ଡି୬ ବ୍ଲକ ସମ୍ବନ୍ଧିତ। ଏହି କ୍ଷେତ୍ରରେ ଗ୍ୟାସ ଉତ୍ତୋଳନ ପାଇଁ ରିଲାଏନ୍ସକୁ ଅଧିକାର ମିଳିଛି। କିନ୍ତୁ ରିଲାଏନ୍ସ ଏଠାରେ ଥିବା କେଜି-ଡିଡବ୍ଲ୍ୟୁଏନ-୯୮/୨ ବ୍ଲକ୍‌ରୁ ଗ୍ୟାସ୍ ସ୍ଥାନାନ୍ତର କରିଥିଲା ବୋଲି ସରକାରୀ କମ୍ପାନୀ ଓଏନଜିସି ପକ୍ଷରୁ ଦାବି କରାଯାଇଥିଲା। କାରଣ ଏହି ବ୍ଲକ ଓଏନଜିସିକୁ ଦିଆଯାଇଥିଲା।

# କମିବ ଜିଏସ୍‌ଟି ହାର: ନିର୍ମଳା



ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ବଡ଼ ସୂଚନା ଦେଇଛନ୍ତି। ସରକାର ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)କୁ ସରଳୀକରଣ କରିବାକୁ ଯାଉଛନ୍ତି। ଟିକସ ହାର ଆହୁରି ହ୍ରାସ ପାଇବ ବୋଲି ସେ କହିଛନ୍ତି। ଏ ଦିଗରେ କାର୍ଯ୍ୟ ଜାରି ରହିଛି। ଜିଏସ୍‌ଟି ହାର ଏବଂ ସ୍ଲାବକୁ ଯୁକ୍ତିଯୁକ୍ତ କରିବା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୨୦୧୭ ଜୁଲାଇ ୧ରେ ଜିଏସଟି କାର୍ଯ୍ୟକାରୀ ହେବା ସମୟରେ ରେଭିନ୍ୟୁ ନ୍ୟୁଟ୍ରାଲ ରେଟ୍ (ଆରଏନଆର) ୧୫.୮ ପ୍ରତିଶତ ଥିଲା। ୨୦୨୩ରେ ଏହାକୁ ୧୧.୪ ପ୍ରତିଶତ କରାଯାଇଥିଲା। ଏହାକୁ ଆହୁରି ଅଧିକ ହ୍ରାସ କରାଯିବ ବୋଲି ସୀତାରମଣ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ନିର୍ମଳା ଶନିବାର ଏହି ମନ୍ତବ୍ୟ ଦେଇଛନ୍ତି। ଏହା ପୂର୍ବରୁ ୨୦୨୧ ସେପ୍ଟେମ୍ବରରେ ନିର୍ମଳାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ ଏବଂ ସ୍ଲାବ୍‌ରେ ପରିବର୍ତ୍ତନ ଲାଗି ମନ୍ତ୍ରୀଗୋଷ୍ଠୀ (ଜିଓଏମ) ଗଠନ କରାଯାଇଥିଲା। ନିର୍ମଳା କହିଛନ୍ତି ଯେ ମନ୍ତ୍ରୀଗୋଷ୍ଠୀ ବହୁତ ଭଲ କାମ କରିଛି। କିନ୍ତୁ ଏବେ ପୁଣିଥରେ ସେ ପ୍ରତ୍ୟେକ ଗୋଷ୍ଠୀର କାର୍ଯ୍ୟକୁ ସମୀକ୍ଷା କରିବାର ଦାୟିତ୍ୱ ନିଜ ହାତକୁ ନେଇଛନ୍ତି। ପରେ ସେ ଏହାକୁ ପରିଷଦ ନିକଟରେ ଉପସ୍ଥାପନ କରିବେ। ସେତେବେଳେ ଯାଇ ଏହା ଉପରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଟିକସ ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଆଉ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗ ଉଠାଯିବ।

ଟିକସ ହାର ହ୍ରାସ କରି ଏହାକୁ ଯୁକ୍ତିଯୁକ୍ତ କରିବା ଏବଂ ସ୍ଲାବ୍ ସଂଖ୍ୟା ଉପରେ ଖୁବଶୀଘ୍ର ଅନ୍ତିମ ନିଷ୍ପତ୍ତି ନିଆଯିବ। ସେୟାର ବଜାରରେ ହ୍ରାସବୃଦ୍ଧିକୁ ନେଇ ନିର୍ମଳାଙ୍କୁ ପ୍ରଶ୍ନ ପଚରାଯିବାରୁ ସେ ବିଶ୍ୱର ବିଭିନ୍ନ ପ୍ରସଙ୍ଗ ଉଠାଇ ଥିଲେ। ଏଭଳି ସ୍ଥିତିରେ କିଛି କହିହେବ ନାହିଁ ବୋଲି ପରୋକ୍ଷରେ ଉତ୍ତର ଦେଇଥିଲେ। ତେବେ ସରକାରୀ ବ୍ୟାଙ୍କରେ କ୍ଷୁଦ୍ର ନିବେଶକଙ୍କ ଅଂଶଧନ ବଢ଼ାଇବା ପାଇଁ ସରକାର ପ୍ରତିବଦ୍ଧ ବୋଲି କହିଥିଲେ।

# ଚଳିତ ସପ୍ତାହରେ ସୁନା ୧୦୦୩ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ, ୮।୩ (ଏଜେନ୍ସି): ଚଳିତ ସପ୍ତାହରେ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଛି। ୧୦ ଗ୍ରାମ ପିଛା ୨୪ କାରଟ ସୁନା ମୂଲ୍ୟ ୧୦୦୩ ଟଙ୍କା ବଢ଼ି ୮୬, ୦୫୯ ଟଙ୍କାରେ ପହଞ୍ଚି ଯାଇଛି। ପୂର୍ବ ସପ୍ତାହ (ଗତ ୨୮ ତାରିଖ)ରେ ସୁନା ୮୫, ୦୫୬ ଟଙ୍କା ଥିଲା। ସେହିପରି ଏହି ଅବଧିରେ ରୁପା ମୂଲ୍ୟ ୩, ୨୪୪ ଟଙ୍କା ବୃଦ୍ଧି ପାଇଛି। ଏବେ ରୁପା କେଜି ୯୬, ୭୨୪ ଟଙ୍କା ରହିଛି। ଗତ ସପ୍ତାହରେ ଏହା ୯୩, ୪୮୦ ଟଙ୍କା ଥିଲା। ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏବେ ୨୨ କାରଟ ସୁନା ୧୦ ଗ୍ରାମ ପିଛା ୭୮, ୮୩୦ ଟଙ୍କା ଏବଂ ୧୮ କାରଟର ମୂଲ୍ୟ ୬୪, ୫୪୪ ଟଙ୍କା ରହିଛି।

# ଆଇସିଏମ୍‌ଏଆଇରେ ଦ୍ୱିଦିବସୀୟ ସମ୍ମିଳନୀ

ଭୁବନେଶ୍ୱର, ୮।୩ (ଏଜେନ୍ସି)



ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ)-ଭୁବନେଶ୍ୱର ଚାପ୍ଟର ଏବଂ ଟିକସଗବେଷଣା ବିଭାଗ, ଆଇସିଏମ୍‌ଏଆଇ-କୋଲକାତାର ମିଳିତ ସହଯୋଗରେ ଦୁଇ ଦିନିଆ ସମ୍ମିଳନୀ (ଟ୍ୟାକ୍ସ କନ୍‌କ୍ଲେଭ) ଅନୁଷ୍ଠିତ ହୋଇଛି। ଆଇସିଏମ୍‌ଆର-ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ "ଟିକସ ପରିଚାଳନା ଏବଂ ବିବାଦକୁ ଏଡାଇବା-ସିଏମ୍‌ର ନିର୍ଣ୍ଣାୟକ ଭୂମିକା" ବିଷୟରେ ଆଲୋଚନା କରାଯାଇଛି। ଏହି ସମ୍ମିଳନୀ କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ ଓ ଅଂଶୀଦାରମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ସହ ବର୍ତ୍ତମାନର ବ୍ୟବସାୟିକ ପରିପ୍ରେକ୍ଷୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଉପରେ ବିଶେଷ ଧ୍ୟାନ ପ୍ରଦାନ କରିବ। ପ୍ରଥମ ଅଧିବେଶନରେ ପ୍ରତ୍ୟକ୍ଷ କର ଉପରେ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଇନ୍‌କମ୍ ଟ୍ୟାକ୍ସର ପ୍ରିନ୍ସିପାଲ କମିଶନର ସରୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ସାମିଲ ହୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏମ୍‌ଏ ବିଭୂତି ଭୂଷଣ ନାୟକ, ସଭାପତି, ଆଇସିଏମ୍‌ଏଆଇ, ସିଏମ୍‌ଏ ଗଗନ ବିହାରୀ ସ୍ୱାଇଁ (ଡାଇରେକ୍ଟର), ଫାଇନାନ୍ସ, ଓପିଜିସି ଲିଃ, ସିଏମ୍‌ଏ ରାଜେନ୍ଦ୍ର ସିଂ ଭାଟି, ଚେୟାରମ୍ୟାନ୍, ଡାଇରେକ୍ଟ ଟାକ୍ସେସନ କମିଟି, ଆଇସିଏମ୍‌ଏଆଇ, ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର, ଚେୟାରମ୍ୟାନ୍, ଆଇସିଏମ୍‌ଏଆଇ, ଭୁବନେଶ୍ୱର ଚାପ୍ଟର, ସିଏମ୍‌ଏ ଦାମୋଦର ମିଶ୍ର, ସେକ୍ରେଟାରୀ, ଆଇସିଏମ୍‌ଏଆଇ-ଇଆଇଆର୍‌ସି, କୋଲକାତା ଏବଂ ସିଏମ୍‌ଏ ସୌମ୍ୟ ରଞ୍ଜନ ଜେନା, ଚେୟାରମ୍ୟାନ୍, ପିଡି କମିଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ସିଏମ୍‌ଏ ନିରଞ୍ଜନ ସ୍ୱାଇଁ, ଆଡଭୋକେଟ୍ ଏବଂ କର ପରାମର୍ଶଦାତା ଏବଂ ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ମହାପ୍ରବନ୍ଧକ (ଫାଇନାନ୍ସ), ନୁମାଲିଗଡ଼ ରିଫାଇନାରୀ ଲିଃ ବିଶିଷ୍ଟ ବ୍ୟକ୍ତି ରୂପେ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ସିଏମ୍‌ଏ ଅବିନାଶ କୋଟ୍‌ନି, କୋଷାଧ୍ୟକ୍ଷ ଏବଂ ଚେୟାରମ୍ୟାନ୍, ସିସି ଆଣ୍ଡ ଏସ୍‌ଏଫ୍ କମିଟି, ଆଇସିଏମ୍‌ଏଆଇ-ଭୁବନେଶ୍ୱର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର କାର୍ଯ୍ୟାରମ୍ଭ କରିବ ହିମାଦ୍ରୀ

ଭୁବନେଶ୍ୱର, ୮।୩ (ସମିସ): ସ୍ପେଶାଲିଟି କେମିକାଲ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହିମାଦ୍ରୀ ସ୍ପେଶାଲିଟି କେମିକାଲ ଲିମିଟେଡ (ଏଚଏସସିଏଲ) ଓଡ଼ିଶାକୁ ତା'ର ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁରେ ରଖିଛି। ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ (ଡିବିଆରଏଲ) ସହଯୋଗରେ ହିମାଦ୍ରି ବାଲେଶ୍ୱରସ୍ଥିତ ବିର୍ଲା ଟାୟାର କାରଖାନାରେ କାର୍ଯ୍ୟାରାମ୍ଭ କରି ଆଧୁନିକୀକରଣ ଦିଗରେ କାର୍ଯ୍ୟ ପ୍ରାରମ୍ଭ ହୋଇଯାଇଛି। ବିର୍ଲା ଟାୟାରକୁ ପୂର୍ବ ଗୌରବକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ହିମାଦ୍ରି ଓଡ଼ିଶାର ବାଲେଶ୍ୱରରେ ଉତ୍ପାଦନ କାରଖାନାର ଆଧୁନିକୀକରଣ କରୁଛି। ଏହା ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ। ଆଜିର ଏବଂ ଭବିଷ୍ୟତର ବଜାର ଚାହିଦାକୁ ପୂରଣ କରିବ। ଏହା ୩୦ ଟିପିଡି କ୍ଷମତା ସହିତ କାର୍ଯ୍ୟ ଆରମ୍ଭ କରିବ ଏବଂ ଆଗାମୀ ୨୪ ରୁ ୩୬ ମାସ ମଧ୍ୟରେ ଉନ୍ନତ ଜ୍ଞାନକୌଶଳ ଏବଂ ଅଭିନବ ପ୍ରକ୍ରିୟା ବ୍ୟବହାର କରି ଉତ୍ପାଦନ କ୍ଷମତାକୁ ୩୦ ଟିପିଡିରୁ ୪୦୦ ଟିପିଡିକୁ ବୃଦ୍ଧି କରିବାକୁ କମ୍ପାନୀ ଯୋଜନା କରିଛି । ଏହି ବିର୍ଲା ଟାୟାର କାରଖାନା ଗତ ମାର୍ଚ୍ଚ ୨୧ ତାରିଖରୁ ଅଚଳ ହୋଇପଡ଼ିଛି। ବର୍ଦ୍ଧିତ ସଟଡାଉନ୍ ପରେ ଏବେ ଏହି ଅଞ୍ଚଳକୁ ଏକ ନୂତନ ଅର୍ଥନୈତିକ ଲାଇଫ୍ ଲାଇନ୍ ପ୍ରଦାନ କରି ପୁଣି ଥରେ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏହି ଟାୟାର କାରଖାନା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଅର୍ଥନୀତିରେ ମଧ୍ୟ ଯଥେଷ୍ଟ ଯୋଗଦାନ ମିଳିବ ବୋଲି ଆଶା କରାଯାଉଛି। ଓଡ଼ିଶାର ଅର୍ଥନୈତିକ ପୁନରୁଦ୍ଧାରରେ ଏହା ଯୋଗଦାନ ଦେବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ସୁବିଧାର ଆଧୁନିକୀକରଣ, ନିଯୁକ୍ତି ସୃଷ୍ଟି ଓ ସ୍ଥାନୀୟ ପ୍ରତିଭାକୁ ଉପଯୋଗ କରି ବାଲେଶ୍ୱରରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କାରଖାନା ନିର୍ମାଣ କରାଯିବ। ଏହା ଉଭୟ କଂପାନି ଓ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଢାଞ୍ଚା ଉପରେ ସ୍ଥାୟୀ ପ୍ରଭାବ ପକାଇବା ସହ ଓଡ଼ିଶାବାସୀଙ୍କ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୬୦୦ କର୍ମଚାରୀ ନିଯୁକ୍ତି ପାଇବେ। ପରେ ଏହି ସଂଖ୍ୟାକୁ ୩ହଜାରରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି।

**ୟୁନିକର୍ଣ୍ଣ କମ୍ପାନୀ ବୋର୍ଡରେ ମହିଳାଙ୍କ ସଂଖ୍ୟା ନଗଣ୍ୟ**

# ମାତ୍ର ୫.୮ % ପଦବୀରେ ଅଛନ୍ତି ମହିଳା

ନୂଆଦିଲ୍ଲୀ, ୮।୩ (ଏଜେନ୍ସି)

ଲିଙ୍ଗଗତ ସମାନତା କ୍ଷେତ୍ରରେ ପାରମ୍ପରିକ କମ୍ପାନୀଠାରୁ ଷ୍ଟାର୍ଟଅପ୍‌ର ସ୍ଥିତି ଅଧିକ ଖରାପ ରହିଛି। ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ 'ପ୍ରାଇଭେଟ ସର୍କଲ' ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏଥିରୁ ଭାରତୀୟ ୟୁନିକର୍ଣ୍ଣ କମ୍ପାନୀରେ ଲିଙ୍ଗଗତ ସମାନତାକୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଭାରତର ମୋଟ ୧୧୬ଟି ୟୁନିକର୍ଣ୍ଣ କମ୍ପାନୀରେ ମୋଟ ୧,୩୧୪ଟି ବୋର୍ଡ ସିଟ୍ ରହିଛି। ଏଥିରେ ମହିଳା ସଂଖ୍ୟା ଅତି ନଗଣ୍ୟ ରହିଛି। ମାତ୍ର ୭୬ ସିଟ୍‌ରେ ମହିଳା ଅଛନ୍ତି। ଅର୍ଥାତ୍ ୟୁନିକର୍ଣ୍ଣ କମ୍ପାନୀଙ୍କ ବୋର୍ଡରେ ମାତ୍ର ୫.୮ ପ୍ରତିଶତ ମହିଳା ରହିଛନ୍ତି।

ଡେଲାଇଟର 'ଓମାନ ଇନ୍ ଦ ବୋର୍ଡରୁମ: ଏ ଗ୍ଲୋବାଲ ପର୍ସପେକ୍ଟିଭ' ରିପୋର୍ଟ ଅନୁଯାୟୀ ଏହି ସଂଖ୍ୟା ଭାରତୀୟ ଉଦ୍ୟୋଗ ଜଗତ (ଇଣ୍ଡିଆ ଇଙ୍କ)ରେ ୧୮.୩ ପ୍ରତିଶତ ଏବଂ ବିଶ୍ୱରେ ପ୍ରାୟ୨୩.୩ ପ୍ରତିଶତ ରହିଛି। କହିବାକୁ ଗଲେ ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ କମ୍ପାନୀଗୁଡିକରେ ନେତୃତ୍ୱ ନେବା ଭୂମିକାରେ ମହିଳାଙ୍କ ସଂଖ୍ୟା ପାରମ୍ପରିକ କମ୍ପାନୀ ଏବଂ ବୈଶ୍ୱିକ ହାର ତୁଳନାରେ ବହୁତ କମ୍ ରହିଛି। ସେୟାର ବଜାରରେ ତାଲିକାଭୁକ୍ତ ହୋଇଥିବା କମ୍ପାନୀଙ୍କୁ ଇଣ୍ଡିଆ ଇଙ୍କ୍‌ରେ ରଖାଯାଇଛି। ଗତ କିଛି ବର୍ଷ ହେଲା ଷ୍ଟାର୍ଟଅପ୍‌ଙ୍କ ପଞ୍ଜିକରଣ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଦେଖାଦେଇଛି। କିନ୍ତୁ ମୋଟାମୋଟି ଭାବେ ସେୟାର ମାର୍କେଟରେ ପଞ୍ଜିକୃତ କମ୍ପାନୀଙ୍କ ମଧ୍ୟରେ ଷ୍ଟାର୍ଟଅପ୍‌ଙ୍କ ସଂଖ୍ୟା ବହୁତ କମ୍ ରହିଛି। ସେୟାର ବଜାରରେ ପଞ୍ଜିକୃତ ନ ହୋଇ ଭାଲ୍ୟୁ ଏକ ବିଲିୟନ ଡଲାର ଟପିଥିବା କମ୍ପାନୀଙ୍କୁ ୟୁନିକର୍ଣ୍ଣ କୁହାଯାଉଛି। ଏବେ ଭାରତରେ ଏଭଳି ୧୧୬ଟି ୟୁନିକର୍ଣ୍ଣ ଷ୍ଟାର୍ଟଅପ୍ ରହିଛି।



ପ୍ରାଇଭେଟ ସର୍କଲ ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ ୧୧୬ରୁ ମାତ୍ର ୫୬ ୟୁନିକର୍ଣ୍ଣ (୪୮ ପ୍ରତିଶତ)ରେ ଅତିକମରେ ଜଣେ ମହିଳା ନିର୍ଦ୍ଦେଶକ ଅଛନ୍ତି। ସେହିପରି କେବଳ ୧୩ କମ୍ପାନୀରେ ଏକାଧିକ ମହିଳା ନିର୍ଦ୍ଦେଶକ ରହିଛନ୍ତି। ତେଣୁ ଲିଙ୍ଗଗତ ସମାନତା ପାଇଁ ଏହି କମ୍ପାନୀଗୁଡିକ ଦ୍ରୁତଗତିରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଆର୍ଥିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୟୁନିକର୍ଣ୍ଣ କମ୍ପାନୀରେ ସର୍ବାଧିକ ୧୬ ମହିଳା ନିର୍ଦ୍ଦେଶକ ଅଛନ୍ତି। ଏହା ପରେ ସଫ୍ଟୱେର (୮), ରିଟେଲ (୭), ବୀମା (୫), ପର୍ଯ୍ୟଟନ (୫) ଏବଂ ଇମର୍ଜିଂ ଟେକ୍ନୋଲୋଜି (୪) କ୍ଷେତ୍ରର କମ୍ପାନୀ ରହିଛି। ସେହିପରି ଇନ୍‌ଫୋ ସିଷ୍ଟମ୍ସ ଲିମିଟେଡ, ଇନକ୍ରେଡ ଫାଇନାନ୍‌ସିଆଲ ସର୍ଭିସେସ୍ ଲିମିଟେଡ, ମୋବିକ୍ୱିକ, ପଲିସି ବଜାର, ନାୟକା, ଜୋମାଟୋ ଏବଂ ଫ୍ରେକ୍ଟଲ ଆନାଲିଟିକ୍ସ ବୋର୍ଡ ତିନି ଜଣ ଲେଖାଏଁ ମହିଳାଙ୍କୁ ନିର୍ଦ୍ଦେଶକ ଭାବେ ସାମିଲ କରି ସକରାତ୍ମକ ଉଦାହରଣ ସୃଷ୍ଟି କରିଛନ୍ତି।

# ଆହାନଙ୍କୁ ପଦାର୍ପଣ ଆଇଟିଏଫ୍ ଜୁନିଅର ଟାଇଟଲ୍




ଭୁବନେଶ୍ୱର, ୮ ।୩ (ସମିସ): ଓଡ଼ିଶାର ଉଦୀୟମାନ ବାଳିକା ଟେନିସ ଖେଳାଳି ଆହାନ ଅନ୍ତର୍ଜାତୀୟ ଟେନିସ ଫେଡେରେସନ (ଆଇଟିଏଫ୍) ଟାଇଟଲ୍ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ତାମିଲନାଡୁର ମଦୁରାଇରେ ଅନୁଷ୍ଠିତ ଆଇଟିଏଫ୍ ଜୁନିଅର ୧୮ ବର୍ଷରୁ କମ୍ ଟେନିସ ଚାମ୍ପିଅନସିପ୍‌ରେ ଆହାନ ଚାମ୍ପିଅନ ହୋଇଛନ୍ତି । ଶନିବାର ଅନୁଷ୍ଠିତ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ୬-୧, ୬-୧ ସିଧାସଳଖ ସେଟ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ଶ୍ରୀ ସିଲେଶ୍ୱେରୀ ଭେଲମାଣିକନ୍ଦନଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲେ । ଆହାନଙ୍କ କ୍ୟାରିୟର ଏହା ପ୍ରଥମ ଆଇଟିଏଫ୍ ଟାଇଟଲ୍ । ଏହି ବିଜୟ ସହ ସେ ୩୦ ଅନ୍ତର୍ଜାତୀୟ ର‌୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି । ଫଳରେ ବିଶ୍ୱ ଜୁନିଅର ର‌୍ୟାଙ୍କିଙ୍ଗ୍‌ରେ ସେ ୧୮୧୦ତମ ସ୍ଥାନରୁ ଏକାଥରକେ ୧୨୦୦ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଥିବା ଜଣାପଡ଼ିଛି । ଏହି ସଫଳତା ଲାଗି ଆହାନ ପ୍ରଶିକ୍ଷକ ସନ୍ତୋଷ ମଲ୍ଲିକଙ୍କୁ ଶ୍ରେୟ ଦେଇଛନ୍ତି । ଆହାନ ବର୍ତ୍ତମାନ ଓଡ଼ିଶା ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି ।

# ଗିବ୍‌ସନ୍ କୋଲକାତାର ସହକାରୀ କୋଚ୍

ନୂଆଦିଲ୍ଲୀ,୮।୩ (ସମିସ): ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଖେଳାଳି ଓଟିସ୍ ଗିବସନଙ୍କୁ ୨୦୨୫ ଲାଗି କୋଲକାତା ନାଇଟ୍ ରାଇଡର୍ସ ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛି । ବାର୍ବାଡୋସ୍ ପକ୍ଷରୁ ଖେଳୁଥିବା ଏହି ଫାଷ୍ଟ ବୋଲର ତାଙ୍କ କ୍ୟାରିୟରରେ ୬୫୦ଟି ୱିକେଟ ନେଇଛନ୍ତି । ୧୯୯୫ରୁ ୯୯ ଯାଏ ସେ ଉଭୟ ଟେଷ୍ଟ ଓ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ । ସେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକାର ର ହେଡ୍ କୋଚ୍, ଇଂଲଣ୍ଡର ବୋଲିଂ କୋଚ୍ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି । ଏବେ ସେ ହେଡ୍ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସହ କାମ କରିବେ ।

## ଚାମ୍ପିଅନ୍ସ ଟ୍ରଫି ଫାଇନାଲ

# ନିର୍ଣ୍ଣାୟକ ଭୂମିକାରେ ୪ ଭାରତୀୟ ସ୍ପିନର




ଦୁବାଇ,୮ ।୩(ଏଜେନ୍ସି):

ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଆୟୋଜନ ହେବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମୁକାବିଲା । ମିନି ବିଶ୍ୱକପ୍ କୁହାଯାଉଥିବା ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟର ଏହି ନିର୍ଣ୍ଣାୟକ ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଓ ମିଚେଲ ସାଣ୍ଟନରଙ୍କ ନ୍ୟୁଜିଲାଣ୍ଡ ଟାଇଟଲ ପାଇଁ ପରସ୍ପରକୁ ଭେଟିବେ । ଭାରତ ହଟ୍ ଫେବରାଇଟ ବିବେଚିତ ହେଉଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଚକ୍‌ମା ଦେବା ସହ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି । ଅବଶ୍ୟ ଏକଥା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଭଲଭାବେ ଅବଗତ ରହିଛି । ଦୁବାଇର ମନ୍ଥର ପିଚ୍‌ରେ ଭାରତର ୪ ଜଣ ସ୍ପିନ୍‌ରଙ୍କୁ ନ୍ୟୁଜିଲାଣ୍ଡ କିଭଳି ମୁକାବିଲା କରିବ ତାହା ଉପରେ ଚର୍ଚ୍ଚା ଚାଲିଛି । ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସମେତ ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ସାରା ଟୁର୍ଣ୍ଣାମେଣ୍ଟରେ ନିର୍ଣ୍ଣାୟକ ପ୍ରଦର୍ଶନ କରି ଭାରତକୁ ଅପରାଜେୟ ରଖିବା ସହ ଫାଇନାଲରେ ପହଞ୍ଚାଇଛନ୍ତି । ଏହି ୪ ଜଣ ସ୍ପିନରଙ୍କ ବୋଲିଂ ଶୈଳୀ ସ୍ୱତନ୍ତ୍ର ଓ ଏମାନଙ୍କ କୌଶଳ ମଧ୍ୟ ଭିନ୍ନ । ନିଜ ଉଚ୍ଚକୋଟୀର ପ୍ରଦର୍ଶନ ବଳରେ ଏହି ସ୍ପିନରମାନେ ପ୍ରତିପକ୍ଷ ଦଳର ବ୍ୟାଟରମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି । ଫାଇନାଲରେ ପୁଣିଥରେ ସ୍ପିନରମାନେ ଭାରତକୁ ବିଜୟ ମୁକୁଟ ପିନ୍ଧାଇବେ ବୋଲି ୧୪୦ କୋଟି ଭାରତୀୟ କ୍ରିକେଟ ପ୍ରଶଂସକ ଆଶା ରଖିଛନ୍ତି । ଏହି ୪ ସ୍ପିନରମାନଙ୍କ ପ୍ରଦର୍ଶନ ଓ ସ୍ୱତନ୍ତ୍ର ଶୈଳୀ ନେଇ ଆଲୋଚାନ କରିବା ।

### ବରୁଣ ଚକ୍ରବର୍ତ୍ତୀ
*(ବିସ୍ମୟ ତଥା ରହସ୍ୟମୟ ସ୍ପିନର)*

ନିଜର ଅସାଧାରଣ ଶୈଳୀ ଓ ଇମ୍ପାକ୍ଟ ପାଇଁ ବରୁଣ ଚକ୍ରବର୍ତ୍ତୀ ଗତ କିଛିବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଛନ୍ତି । ନିଜର ଅନ୍‌କନଭେନସନାଲ ଗ୍ରିପ୍ ପାଇଁ ଜଣାଶୁଣା ଥିବା ବରୁଣ ବିଭିନ୍ନ ପ୍ରକାର ବୋଲିଂ କରି ବ୍ୟାଟରଙ୍କୁ ଚକ୍‌ମା ଦେଇଥାନ୍ତି । ସେ କ୍ୟାରମ ବଲ୍, ଗୁଗ୍‌ଲି, ଆର୍ମ ବଲ ଓ ଫ୍ଲିପର ବଲ୍ ପକାଇବାରରେ ସିଦ୍ଧହସ୍ତ । ତାଙ୍କ ଶୈଳୀକୁ ବୁଝିବା ବ୍ୟାଟରଙ୍କ ପାଇଁ ନିଶ୍ଚିତ ଭାବେ କଷ୍ଟକର । ବିଭିନ୍ନ ଗତିରେ ସେ ବଲକୁ ଉଭୟ ପଟକୁ ଘୁରାଇବାରେ ସିଦ୍ଧହସ୍ତ । ତାଙ୍କୁ ଯଥାର୍ଥରେ ରହସ୍ୟମୟ ସ୍ପିନର କୁହାଯାଉଛି । ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ଚାମ୍ପିଅନ୍ସ ଟ୍ରଫିରେ ପଦାର୍ପଣ କରି ୫ ୱିକେଟ ହାସଲ କରି ଭାରତକୁ ୪୪ ରନରେ ବିଜୟୀ କରାଇଥିଲେ । ପ୍ରଥମ ଦୁଇଟି ମ୍ୟାଚ୍ ସେ ଖେଳି ନଥିଲେ । କିନ୍ତୁ ଦଳରେ ସାମିଲ ହେବା ପରେ ଭାରତୀୟ ଦଳ ଆହୁରି ସନ୍ତୁଳିତ ହୋଇଛି । ଚାମ୍ପିଅନ୍ସ ଟ୍ରଫିରେ ସେ ଏବେ ସବୁଠାରୁ ଚର୍ଚ୍ଚିତ ବୋଲର ବିବେଚିତ ହେଉଛନ୍ତି । ଫାଇନାଲରେ ସେ ପୁଣି ଚମକ ଦେଖାଇବେ ବୋଲି ଆଶା କରାଯାଉଛି ।

### ଅକ୍ଷର ପଟେଲ
*(ପାୱାର ପ୍ଲେ ଏକ୍ସପର୍ଟ)*

ବୋଲିଂରେ ବିଭିଧତା ଆଣିବା ସହ ଅକ୍ଷର ପଟେଲ ସ୍ଥିର ପ୍ରଦର୍ଶନ କରିଥାନ୍ତି । ସଙ୍ଗେସଙ୍ଗେ ନିଜ ତ୍ରୁଟି ସୁଧାରିବାରେ ସେ ସଫଳ ହୋଇଥାନ୍ତି । ବାମହାତୀ ଏହି ଅର୍ଥୋଡକ୍ସ ବୋଲର ଟାଇଟ୍ ଲାଇନ ଓ ଲେନ୍ଥ ବଜାୟ ରଖନ୍ତି, ଯାହା ଫଳରେ ବ୍ୟାଟର ମନ ଇଚ୍ଛା ସଟ୍ ଖେଳିବାରେ ସଫଳ ହୋଇ ନଥାନ୍ତି । ପାୱାର ପ୍ଲେ'ରେ ଅଧିନାୟକ ରୋହିତ ଶର୍ମା ତାଙ୍କ ଉପରେ ସବୁଠୁ ଅଧିକ ଭରସା କରିଥାନ୍ତି । ତାଙ୍କୁ ପାୱାର ପ୍ଲେ ଏକ୍ସପର୍ଟ କହିଲେ ଭୁଲ ହେବନାହିଁ । ଶୃଙ୍ଖଳା ତଥା ନିର୍ଜୀବ ପିଚ୍‌ରେ ସେ ବଲକୁ ବାଉନ୍ସ ଦେବାରେ ସକ୍ଷମ ହୋଇଥାନ୍ତି ଓ ବୋଲିଂରେ ଅତିରିକ୍ତ ଡାଇମେନସନ ଦେବାରେ ସଫଳ ହୋଇଥାନ୍ତି । ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ ବିପକ୍ଷରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ତାଙ୍କ ଇକୋନୋମି ରେଟ୍ ୪.୫୧ ରହିଛି । ପ୍ରତିପକ୍ଷ ଦଳର ରନ୍ ସଂଗ୍ରହ ଗତିକୁ ସେ ରୋକିବାରେ ସଫଳ ହୋଇଥାନ୍ତି ।

### ରବୀନ୍ଦ୍ର ଜାଡେଜା
*(ଅଭିଜ୍ଞ ଓ ଟର୍ଣ୍ଣ ସ୍ପେଶାଲିଷ୍ଟ)*

ବାହହାତୀ ସ୍ପିନର ଭାବେ ଜାଡେଜା ଅଧିକ ଅର୍ଥୋଡକ୍ସ ତଥା ପାରମ୍ପରିକ । ସେ ବହୁ ସଂଖ୍ୟରେ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳି ଅଗାଧ ଅଭିଜ୍ଞତା ହାସଲ କରିଛନ୍ତି । ସେ ମ୍ୟାଚ୍‌ର ସ୍ଥିତିକୁ ବୁଝିବାର ସିଦ୍ଧହସ୍ତ ଓ ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରି ବୋଲିଂରେ କରିବାକୁ ପ୍ରୟାସ କରି ନିଜର ସଫଳତାର ପ୍ରମାଣ ଏକାଧିକବାର ଦେଇଛନ୍ତି । ଭିନ୍ନ ଭିନ୍ନ ଗତିରେ ବୋଲିଂ କରିବା ସହ ସେ ତେରଛା ବଲ ପକାଇ ଓ ଚକ୍ କରି ବ୍ୟାଟରଙ୍କୁ ସମସ୍ୟାରେ ପକାଇଥାନ୍ତି । ପିଚ୍‌ରେ ବଲ୍ ଟର୍ଣ୍ଣ ହେଲେ ସେ ବିପଜ୍ଜନକ ହେବା ନିଶ୍ଚିତ । ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ଓ ବ୍ରେକ୍ ଥ୍ରୁ ଦେଇ ଦୁଇଟି ବଡ଼ ଭାଗୀଦାରି ଭାଙ୍ଗିବାକୁ ସକ୍ଷମ ହୋଇଥିଲେ । ସେ ଇନ୍‌ଫର୍ମ ମାର୍ନସ ଲାବୁସେନ ଓ ଜୋଶ ଇଂଲିଶଙ୍କୁ ଆଉଟ କରି ଭାରତକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ । ମିଡଲ ଓଭରରେ ସେ ସ୍ଥିତି ନିୟନ୍ତ୍ରଣ କରିବାର ସିଦ୍ଧହସ୍ତ ।

### ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ ସ୍ପିନର

| ବୋଲର | ମ୍ୟାଚ୍ | ୱିକେଟ | ଆଭରେଜ | ଶ୍ରେଷ୍ଠ | ୫ ୱିକେଟ | ଷ୍ଟ୍ରାଇକରେଟ୍ | ଇକୋନୋମିରେଟ୍ |
|---|---|---|---|---|---|---|---|
| ବରୁଣ ଚକ୍ରବର୍ତ୍ତୀ | ୨ | ୭ | ୧୩.୦୦ | ୫/୪୨ | ୧ | ୧୭.୧ | ୪.୫୫ |
| କୁଲଦୀପ ଯାଦବ | ୪ | ୫ | ୩୬.୬୦ | ୩/୪୦ | ୦ | ୪୩.୮ | ୫.୦୧ |
| ଅକ୍ଷର ପଟେଲ | ୪ | ୫ | ୩୩.୪୦ | ୨/୪୩ | ୦ | ୪୪.୪ | ୪.୫୧ |
| ରବୀନ୍ଦ୍ର ଜାଡେଜା | ୪ | ୪ | ୩୮.୨୫ | ୨/୪୦ | ୦ | ୪୮.୦ | ୪.୭୮ |
| ଓଭରଅଲ୍ | ୪ | ୨୧ | ୨୮.୨୮ | ୫/୪୨ | ୧ | ୩୫.୮ | ୪.୭୩ |




### କୁଲଦୀପ ଯାଦବ
*(ବିଭିଧତାରେ ଭରା ରିଷ୍ଟ ସ୍ପିନର)*




ଆଧୁନିକ କ୍ରିକେଟରେ କୁଲଦୀପ ସ୍ୱତନ୍ତ୍ର ସ୍ପିନ୍ ବୋଲିଂରେ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି । ବଲକୁ ଟର୍ଣ୍ଣ ସହ ଫ୍ଲାଇଟ୍ କରି ସେ ବ୍ୟାଟରଙ୍କୁ ସମସ୍ୟାରେ ପକାଇଥାନ୍ତି । ଆକ୍ସନରେ ବଡ଼ ପରିବର୍ତ୍ତନ ନ କରି ସେ ଦୁଇପଟକୁ ବଲ୍ ଘୁରାଇବାରେ ସେ ବେଶ୍ ଅଭିଜ୍ଞତା ହାସଲ କରିଛନ୍ତି । ଯଥାର୍ଥରେ ତାଙ୍କୁ ଅନ୍‌ପ୍ରେଡିକଟେବଲ ସ୍ପିନର କୁହାଯାଇଥାଏ । ତାଙ୍କ ବଲ୍‌କୁ ନେଇ ଅନୁମାନ କରିବା କଷ୍ଟକର । ବ୍ରେକ ଥ୍ରୁ ଦେବାରେ ଓ ପାର୍ଟନରସିପ ଭାଙ୍ଗି ସେ ଦଳକୁ ଏକାଧିକ ବାର ବିପଦରୁ ଉଦ୍ଧାର କରିଛନ୍ତି । ପାକିସ୍ତାନ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍‌ରେ ସେ ଅସାଧାରଣ ରିଷ୍ଟ ସ୍ପିନ୍ ବୋଲିଂ କରି ୩ଟି ମୂଲ୍ୟବାନ ୱିକେଟ ଅକ୍ତିଆର କରିଥିଲେ ଓ ପାକିସ୍ତାନକୁ ବଡ଼ ସ୍କୋର କରିବାକୁ ଦେଇ ନଥିଲେ । ନିଜର ସ୍ୱତନ୍ତ୍ର ବୋଲିଂ ଶୈଳୀରେ ସ୍ପିନ୍‌କୁ ସୁହାଉ ନଥିବା ପିଚ୍‌ରେ ସେ ୱିକେଟ ନେବାରେ ସଫଳ ହୋଇଥାନ୍ତି ।

## ଜାତୀୟ ଉପକନିଷ୍ଠ କବାଡ଼ି ଚାମ୍ପିଅନସିପ୍ | ଓଡ଼ିଶା ଦଳ ଚୟନ ଶିବିର ୧୬ରେ

ଭୁବନେଶ୍ୱର, ୮ ।୩ (ସମିସ): ଜାତୀୟ ଉପକନିଷ୍ଠ କବାଡ଼ି ଚାମ୍ପିଅନସିପ୍‌ର ଆଗାମୀ ୩୪ତମ ସଂସ୍କରଣ ମାର୍ଚ୍ଚ ୨୭ରୁ ବିହାରର ଗୟାଠାରେ ଆରମ୍ଭ ହେବାକୁ ଯାଉଛି । ଏହି ଜାତୀୟ ପ୍ରତିଯୋଗିତା ଲାଗି ଓଡ଼ିଶା ବାଳକ ଓ ବାଳିକା ଦଳର ଚୟନ ଶିବିର ଆସନ୍ତା ୧୬ (ରବିବାର)ରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କିଶୋର କ୍ଲବରେ ଅନୁଷ୍ଠିତ ହେବ । ଏହି ଚୟନ ଶିବିରରେ ଓଡ଼ିଶା କବାଡ଼ି ସଂଘର ସମସ୍ତ ଅନୁବନ୍ଧିତ ସଂଘମାନଙ୍କର ଖେଳାଳି ଭାଗ ନେବେ । ପ୍ରତି ଜିଲ୍ଲାରୁ ସର୍ବାଧିକ ୬ଜଣ ଲେଖାଏ ବାଳକ ଓ ବାଳିକା ଖେଳାଳି ଶିବିରରେ ଯୋଗଦେଇପାରିବେ । ଉଭୟ ବର୍ଗର ଖେଳାଳିଙ୍କ ବୟସ ୩୦-୩-୨୦୨୫ ସୁଦ୍ଧା ୧୬ ବର୍ଷ ଓ ଓଜନ ୫୫ କିଗ୍ରାରୁ କମ୍ ହୋଇଥିବା ଆବଶ୍ୟକ । ଆଗ୍ରହୀ ଖେଳାଳିମାନେ ସାଙ୍ଗରେ ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର, ୩ଟି ପାସପୋର୍ଟ ସାଇଜ ଫଟୋ ସହ ନିଜ ନିଜ ଜିଲ୍ଲା ସଂଘର ଅନୁମତି ପତ୍ର ସାଙ୍ଗରେ ଆଣିବା ବାଧ୍ୟତାମୂଳକ କରାଯାଇଛି ।

## ଏସୀୟ ମହିଳା କବାଡ଼ି ଚାମ୍ପିଅନସିପ୍

# ପଞ୍ଚମଥର ଟାଇଟଲ୍ ଜିତିଲା ଭାରତ



ତେହରାନ, ୮ ।୩ (ଏଜେନ୍ସି): ଇରାନର ତେହରାନରେ ଅନୁଷ୍ଠିତ ଏସୀୟ ମହିଳା କବାଡ଼ି ଚାମ୍ପିଅନସିପ୍‌ରେ ଭାରତ ଚାମ୍ପିଅନ ହୋଇଛି । ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତୀୟ ମହିଳା ଦଳ ୭ (୩୨-୨୫) ପଏଣ୍ଟରେ ଘରୋଇ ଇରାନକୁ ପରାସ୍ତ କରିଥିଲା । ଏଥିସହ ଭାରତ ପଞ୍ଚମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟ୍ରଫି ଜିତିବାରେ ସଫଳ ହୋଇଛି । ଉଲ୍ଲେଖନୀୟ କଥା ହେଉଛି ପ୍ରତିଥର ଫାଇନାଲରେ ଇରାନକୁ ଭାରତ ପରାସ୍ତ କରିଛି । ସେହିଭଳି ସେମିଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଥିବା ଉଭୟ ବାଂଲାଦେଶ ଓ ନେପାଳ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି । ଏଠାରେ ଚାମ୍ପିଅନ ହେବା ଫଳରେ ଭାରତୀୟ ମହିଳା ଦଳ ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା କବାଡ଼ି ବିଶ୍ୱକପ୍ ପୂର୍ବରୁ ମନୋବଳ ଦୃଢ଼ କରିଛି । ଭାରତରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

## ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ

# ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ




ବ୍ରହ୍ମପୁର,୮ ।୩(ସମିସ):

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଲେଶ୍ୱରର 'ୟୁ ଆଣ୍ଡ ମି' ଦଳକୁ ପରାସ୍ତ କରି ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି । କ୍ୱାଟର ଫାଇନାଲ ମ୍ୟାଚ ୪୦ଓଭର ବିଶିଷ୍ଟ ଥିବା ବେଳେ ଟସ ଜିତି ବାଲେଶ୍ୱର 'ୟୁ ଆଣ୍ଡ ମି' ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ୧୮.୧ ଓଭର ଖେଳି ଦଳର ସମସ୍ତ ୱିକେଟ ହରାଇ ସଂଗ୍ରହ କରିଥିଲା ମାତ୍ର ୫୯ ରନ୍ । ଦଳ ପକ୍ଷରୁ ସୁମନ ଏସ ଓଝା ୧୫, ସାହିଲ ଲାଲ ଚନ୍ଦାନୀ ଓ ଚନ୍ଦ୍ରକାନ୍ତ ଦାସ ପ୍ରତ୍ୟେକେ ୧୩ରନ୍ ଲେଖାଏଁ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ବୋଲର ଏମ. ଗୋପାଳ ଗୌତମ ୪ଓଭର ବୋଲିଂ କରି ମାତ୍ର ୫ରନ୍ ବିନିମୟରେ ୫ଟି ୱିକେଟ ଦଖଲ କରି ବାଲେଶ୍ୱର ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ମଲ୍ଲିକ ୧୬ରନ୍‌ରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ୬୦ରନ୍‌ର ବିଜୟ ଲକ୍ଷ୍ୟକୁ ରାମେଶ୍ୱର ସ୍ପୋର୍ଟିଂ ୧୪ ଓଭରରେ ୫ ୱିକେଟ ହରାଇ ହାସଲ କରିନେଇଥିଲା । ବିଜୟୀ ଦଳ ପକ୍ଷରୁ ଏମ ଗୋପାଳ ଗୌତମ ୧୪ଟି ବଲରୁ ୧୮ ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀଧର ଏସ ବେହେରା ମଧ୍ୟ ୧୮ ରନ୍ ସଂଗ୍ରହ କରିଥିଲେ । ବାଲେଶ୍ୱର ପକ୍ଷରୁ ରିତେଶ କୁମାର ମହାଲିକ ୫ଓଭର ବୋଲିଂ କରି ୧୦ରନ୍ ବିନିମୟରେ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ । ବିଜୟୀ ରାମେଶ୍ୱର ଦଳର ଏମ ଗୋପାଳ ଗୌତମଙ୍କୁ ଅଲରାଉଣ୍ଡ ସଫଳତା ଲାଗି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଅମ୍ପାୟର ଡି. ରଜନୀକାନ୍ତ ରେଡ୍ଡୀ ଓ ସୁଶାନ୍ତ କୁମାର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ରବିବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଆଲ୍ଲା ସ୍ପୋର୍ଟିଂ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହେବ ।

## ■ ମହେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଦର୍ଶନୀ ମ୍ୟାଚ୍‌ରେ ଟାଉନ କ୍ଲବର ଡବଲ୍ ବିଜୟ




ଭୁବନେଶ୍ୱର,୮ ।୩(ସମିସ): ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡିଆରେ ଚାଲିଥିବା ପ୍ରଥମ ମହେନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ପୂର୍ବରୁ ଶନିବାର ଦୁଇଟି ପ୍ରଦର୍ଶନ ମ୍ୟାଚ୍ ଖେଳାଯାଇଥିଲା । ଦୁଇଟି ମ୍ୟାଚ୍‌ରେ ଆୟୋଜକ ଟାଉନ୍ କ୍ଲବର ଭିନ୍ନ ଦୁଇ ଦଳ ବିଜୟ ହାସଲ କରିଛନ୍ତି । ପ୍ରଥମ ମ୍ୟାଚ୍‌ରେ ଟାଉନ କ୍ଲବ ଭେଟେରାନ ଏକାଦଶ ୮ ୱିକେଟରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଏକାଦଶକୁ ପରାସ୍ତ କରିଥିଲା । ସେହିପରି ଦ୍ୱିତୀୟ ପ୍ରଦର୍ଶନୀ ମ୍ୟାଚ୍‌ରେ ଟାଉନ୍ କ୍ଲବର ୟଙ୍ଗ ଭେଟେରାନ ଦଳ ୫ ୱିକେଟରେ ପୁରୀ ପାଓନିୟର ଭେଟେରାନ ଦଳକୁ ପରାସ୍ତ କରିଥିଲା । ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଓସଜା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୫ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ସମୀର ରାଉତ ସର୍ବାଧିକ ୩୦ ରନ ସଂଗ୍ରହ କରିଥିଲେ । ଟାଉନ୍ କ୍ଲବର ବାସୁଦେବ ମହାରଣା ୨, ନିହାରକାନ୍ତ ପଟ୍ଟନାୟକ ଓ ଦିଲୀପ ଜେନା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଟାଉନ୍ କ୍ଲବ ଦିଲୀପଙ୍କ ଦ୍ରୁତ ୪୭ ରନ ବଳରେ ବିଜୟୀ ହୋଇଥିଲା । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଦିଲୀପ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା ।

ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ପୁରୀ ୧୦୦ ବଲରେ ୧୧୮ ରନ ସଂଗ୍ରହ କରିଥିଲା । ଦଳର ଭାଗୀରଥି ବେହେରା ସର୍ବାଧିକ ୩୫, ଦୀପକ ମହାନ୍ତି ୨୦ ଓ ଦୀନେଶ କୁମାର ସାହୁ ୧୯ ରନ ସଂଗ୍ରହ କରିଥିଲେ । ୟଙ୍ଗ ଭେଟେରାନର ଦୀନେଶ ପ୍ରଧାନ ୪ ୱିକେଟ ନେଇଥିଲେ । ଜବାବରେ ୟଙ୍ଗ ଭେଟେରାନ ୯୬ ବଲରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳର ରଞ୍ଜନ ନାୟକ ୩୪, ଦୀନେଶ ୩୩ ରନ୍ ସଂଗ୍ରହ କରିଥିଲେ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଦୀନେଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ରବିବାର ପ୍ରଗତି ସ୍ପୋର୍ଟିଂ ଓ ପାରାମାଉଣ୍ଟ ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ।

## ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ଆଜି

# ଭାରତ-ନ୍ୟୁଜିଲାଣ୍ଡ ମହାଲଢ଼େଇ







**ଦୁବାଇ, ୮।୩ (ଏଜେନ୍ସି)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମୁକାବିଲା ଆସନ୍ତାକାଲି ବା ମାର୍ଚ୍ଚ ୯ ତାରିଖ ରବିବାର ଖେଳାଯିବ। ଉଭୟ ଦଳ ଭିନ୍ନ ଭିନ୍ନ ଶୈଳୀରେ ଖେଳ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଦଳ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛନ୍ତି। ଏଣୁ ଏହି ଫାଇନାଲ ଆଉ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକ ମୁକାବିଲା ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରିଖେଳିଛି। ଦଳର ବୋଲିଂରେ ସନ୍ତୁଳନ ରହିବା, ୪ଜଣିଆ ସ୍ପିନରଙ୍କୁ ପିଚ୍‌ରୁ ଫାଇଦା ମିଳିବା ଓ ଶକ୍ତିଶାଳୀ ଟପ୍ ଅର୍ଡର ବ୍ୟାଟିଂ ଦଳକୁ ପ୍ରାଧାନ୍ୟ ବିସ୍ତାର କରିବାରେ ବେଶ ସହାୟକ ହୋଇଛି। ଲିଗ୍ ପର୍ଯ୍ୟାୟରେ ଦଳ ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡକୁ ସହଜରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ବିଶ୍ୱଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିବାରେ ଭାରତକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା। ଅନ୍ୟପକ୍ଷରେ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ନ୍ୟୁଜିଲାଣ୍ଡ ସର୍ବଦା ଭଲ ଖେଳିଆସିଛି। ଏଠାରେ ଦଳ ଭିନ୍ନ ରାସ୍ତା ଦେଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଏହି ଦଳ ପାକିସ୍ତାନ ଓ ବାଂଲାଦେଶକୁ ହରାଇବା ପରେ ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ନିକଟରୁ ପରାଜିତ ହୋଇଥିଲା। ସେମିଫାଇନାଲରେ ଅନ୍ୟତମ ଶକ୍ତିଶାଳୀ ଦଳ ଦକ୍ଷିଣ ଆଫ୍ରିକାକୁ ହାଇସ୍କୋରିଂ ମୁକାବିଲାରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଦୀର୍ଘ ୧୨ ବର୍ଷ ପରେ ଭାରତ ପୁଣିଥରେ ଚାମ୍ପିଅନ୍ସ ଟ୍ରଫି ଜିତିବ ବୋଲି ଯେଉଁ ସ୍ୱପ୍ନ ଦେଖୁଛି ତାହାକୁ ଫସର ଫଟାଇବା ଲାଗି ନ୍ୟୁଜିଲାଣ୍ଡ ଯୋଜନା କରିଛି।

### ନକ୍‌ଆଉଟରେ ନ୍ୟୁଜିଲାଣ୍ଡ ଆଗୁଆ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟଥର ଲାଗି ଆଇସିସି ଦ୍ୱାରା ଆୟୋଜିତ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ୨୦୦୦ରେ ଆଇସିସି ନକ୍‌ଆଉଟ (ଯାହାକି ପରେ ଚାମ୍ପିଅନ୍ସ ଟ୍ରଫି ନାମରେ ନାମିତ ହୋଇଥିଲା) ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରଥମଥର ଉଭୟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ବିଜୟୀ ହେବା ପରେ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ନ୍ୟୁଜିଲାଣ୍ଡ ୩-୧ରେ ଭାରତଠାରୁ ଆଗୁଆ ରହିଛି। ୨୦୧୯ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ ଓ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଭାରତକୁ ହରାଇଛି ନ୍ୟୁଜିଲାଣ୍ଡ। ଏହି ରେକର୍ଡ ସୂଚାଉଛି, ନକ୍‌ଆଉଟ ମୁକାବିଲାରେ ନ୍ୟୁଜିଲାଣ୍ଡ ଅଧିକ ଧୈର୍ଯ୍ୟର ସହ ଖେଳିଛି। ୨୦୨୩ ବିଶ୍ୱକପ୍ ସେମିଫାଇନାଲରେ ଭାରତ ବିଜୟୀ ହୋଇଥିଲା। ଏଠାରେ ଚାଲିଥିବା ଚାମ୍ପିଅନ୍ସ ଟ୍ରଫିର ଲିଗ୍ ମ୍ୟାଚ୍‌ରେ ଭାରତ ୪୪ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।

### ବ୍ୟାଟିଂରେ ଉଭୟ ଶକ୍ତିଶାଳୀ

ରୋହିତ ଶର୍ମା, ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ବ୍ୟାଟିଂ ଭାରତର ବଳ। ଏମାନଙ୍କ ସାଙ୍ଗକୁ ଶୁବମନ ଗିଲ୍, ଶ୍ରେୟସ ଆୟରଙ୍କ ଉପରେ ଭାରତ ମଧ୍ୟ ନିର୍ଭରଶୀଳ। ଦଳରେ ଅଲରାଉଣ୍ଡର ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ମଧ୍ୟ ବେଶ ପ୍ରଭାବଶାଳୀ। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ଓ ରାଚିନ ରବୀନ୍ଦ୍ର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ପ୍ରଭାବୀ ବ୍ୟାଟିଂ କରିବାରେ ସିଦ୍ଧହସ୍ତ। ୱିଲ ୟଙ୍ଗ, ଡାରିଲ ମିଚେଲ ଓ ଗ୍ଲେନ୍ ଫିଲିପ୍ସ ବିସ୍ଫୋରକ ବ୍ୟାଟିଂ ଖେଳର ସମୀକରଣ ବଦଳାଇଦେଇପାରେ।

### ସ୍ପିନର ହେବେ ଟ୍ରମ୍ପକାର୍ଡ

ଭାରତୀୟ ପିଚ୍ ଭଳି ଦୁବାଇ ପିଚ୍। ଏଠାରେ ପେସ୍ ବୋଲରଙ୍କ ପ୍ରଭାବ କମ୍, ସ୍ପିନର ହେବେ ଟ୍ରମ୍ପ କାର୍ଡ। ଭାରତ ୪ଜଣ ସ୍ପିନର ଯଥା କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଖେଳୁଛି। ଏମାନଙ୍କ ସଫଳତା ଯୋଗୁଁ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରିଛି। ନ୍ୟୁଜିଲାଣ୍ଡ ଦଳରେ ମଧ୍ୟ ଅଧିନାୟକ ମିଚେଲ ସାଣ୍ଟନର ଓ ମାଇକେଲ ବ୍ରେସ୍‌ୱେଲଙ୍କ ପରି କ୍ୱାଲିଟି ସ୍ପିନର ରହିଛନ୍ତି। ରବୀନ୍ଦ୍ର ଓ ଫିଲିପ୍ସ ବ୍ୟାକ୍ ଅପ୍ ସ୍ପିନ ବୋଲିଂ କରନ୍ତି। ଫାଇନାଲ ମୁକାବିଲାରେ ଏହି ସ୍ପିନ ବୋଲରମାନେ ମ୍ୟାଚ୍‌ର ଭାଗ୍ୟ ନିର୍ଣ୍ଣୟ କରିବେ।

### ଭାରତ-ପାକ୍ ମୁକାବିଲା ହୋଇଥିବା ପିଚ୍‌ରେ ଖେଳାଯିବ ଫାଇନାଲ

ଦୁବାଇରେ ଖେଳାଯାଇଥିବା ମ୍ୟାଚ୍ ସର୍ବଦା ଲୋ ସ୍କୋରିଂ ହୋଇଛି। ଏଠିକାର ପିଚ୍ ସ୍ଲୋ ବା ସ୍ପିନ୍ ବୋଲରଙ୍କୁ ସହାୟତା ଦେଇଥାଏ। ଏଠାରେ ୨୬୬ରୁ ଅଧିକ ରନ୍ ଚେଜ୍ ହୋଇନାହିଁ। ଦୁଇ ସପ୍ତାହ ହେଲା ଏଠାରେ କୌଣସି ମ୍ୟାଚ୍ ଖେଳାଯାଇନାହିଁ। ଏଣୁ ଭାରତ ଓ ପାକିସ୍ତାନ ଯେଉଁ ପିଚ୍‌ରେ ଖେଳିଥିଲେ, ସେଥିରେ ଫାଇନାଲ ମୁକାବିଲା ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି। ପୂର୍ବ ମ୍ୟାଚ୍ ପରି ଏହି ପିଚ୍ ମଧ୍ୟ ସ୍ଲୋ ରହିବ ଓ ଏଠାରେ ୨୭୦ରୁ ୨୮୦ ସ୍କୋର ଡିଫେଣ୍ଡ କରିହେବ। ଏଠିକାର ପିଚ୍ ଭାରତକୁ ସର୍ବଦା ସହାୟତା ଯୋଗାଉଥିବାରୁ ଦଳକୁ ଫାଇଦାରେ ରଖିବ।

### ଦିନିକିଆ ମୁକାବିଲାରେ ଭାରତ ଆଗୁଆ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଯାଏ ୧୧୯ଟି ଦିନିକିଆ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ୬୧ଟିରେ ଓ ନ୍ୟୁଜିଲାଣ୍ଡ ୫୦ଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗୋଟିଏ ମ୍ୟାଚ୍ ଟାଇ ରହିଥିଲାବେଳେ ଅନ୍ୟ ୭ଟି ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ।

ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ୧୨ଥର ଭେଟାଭେଟି ହୋଇଛନ୍ତି। ଏହାମଧ୍ୟରୁ ଉଭୟ ଦଳ ସମାନ ୬ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ନକ୍‌ଆଉଟରେ ୪ଥର ମୁକାବିଲା ହୋଇଛି। ଏହି ୪ଟି ମ୍ୟାଚ୍ ମଧ୍ୟରୁ ୩ଥର ନ୍ୟୁଜିଲାଣ୍ଡ ଓ ଥରେ ଭାରତ ବିଜୟୀ ହୋଇଛି। ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଏହା ହେବ ତୃତୀୟ ମୁକାବିଲା। ପୂର୍ବରୁ ନ୍ୟୁଜିଲାଣ୍ଡ ୨ଟି ଯାକ ଫାଇନାଲ ମୁକାବିଲାରେ ବିଜୟୀ ହୋଇଛି। ୨୦୦୦ରେ ଅନୁଷ୍ଠିତ ଆଇସିସି ନକ୍‌ଆଉଟ ଓ ୨୦୨୧ରେ ଅନୁଷ୍ଠିତ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ତୃତୀୟ ମୁକାବିଲାକୁ ଭାରତ ଜିତିବ ବୋଲି ଆଶା କରାଯାଉଛି।

### ଫାଇନାଲ ଖେଳିବେ କୋହଲି

ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମୁକାବିଲା ପୂର୍ବରୁ ଭାରତୀୟ ଦଳ ଅଭ୍ୟାସ କରୁଥିବାବେଳେ ବିରାଟ କୋହଲି ଆହତ ହୋଇଛନ୍ତି। ଅଭ୍ୟାସ କରୁଥିବା ବେଳେ ତାଙ୍କ ଆଣ୍ଠୁରେ ଜଣେ ଫାଷ୍ଟ ବୋଲରଙ୍କ ବଲ ବାଜିଥିଲା। ଏହା ପରେ ସାଙ୍ଗେ ସାଙ୍ଗେ ଫିଜିଓ ସ୍ପ୍ରେ କରିବା ସହ ବ୍ୟାଣ୍ଡେଜ୍ କପଡ଼ା ବାନ୍ଧିଦେଇଥିଲେ। ଏହା ପରଠାରୁ ସେ ଆଉ ଅଭ୍ୟାସ ନ କରି ହୋଟେଲକୁ ଫେରିଯାଇଥିଲେ। ଭାରତୀୟ ଟିମ୍‌ର କୋଚିଂ ଷ୍ଟାଫ୍‌ଙ୍କ କହିବା ଅନୁଯାୟୀ କୋହଲିଙ୍କ ଆହତ ସମସ୍ୟା ଗୁରୁତର ନୁହେଁ। ସେ ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଖେଳିବେ ବୋଲି ଏହି ଷ୍ଟାଫ୍ ଜଣଙ୍କ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ କୋହଲି ତାଙ୍କ ପୁରୁଣା ବ୍ୟାଟିଂ ଟଚ୍ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ଶତକ ଓ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ୮୪ ରନ୍ କରି ସେ ତାଙ୍କ ଗୁରୁତ୍ୱ ସମ୍ପର୍କରେ ବୁଝାଇଦେଇଛନ୍ତି। ସେ ଏହି ମ୍ୟାଚ୍ ଖେଳିବାରେ କୌଣସି ଅସୁବିଧା ନାହିଁ ବୋଲି କୋଚିଂ ଷ୍ଟାଫ୍‌ଙ୍କଠାରୁ ଜଣାଯାଇଛି।

### ରୋହିତ, ଶୁବମନଙ୍କ ଅଧିକ ଅଭ୍ୟାସ



ଚାମ୍ପିଅନ୍ସ ଟ୍ରଫି ଫାଇନାଲ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ଉପଅଧିନାୟକ ଶୁବମନ ଗିଲ ଅଧିକ ସମୟ ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତୀୟ ଦଳ ଅପରାହ୍ଣ ୨ଟାରେ ଅଭ୍ୟାସ କରିବା ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ରୋହିତ ଓ ଶୁବମନ ପୂର୍ବାହ୍ଣ ୧୧ଟାରୁ ଆଇସିସି କ୍ରିକେଟ ଏକାଡେମୀକୁ ଯାଇ ବ୍ୟାଟିଂ ଅଭ୍ୟାସ କରିଥିଲେ। ଭାରତର ନେଟ୍ ଓ ସ୍ଥାନୀୟ ବୋଲର ସେମାନଙ୍କୁ ଅଭ୍ୟାସରେ ସହାୟତା କରିଥିଲେ। ଏଣୁ ଷ୍ଟାଡିୟମ୍‌କୁ ଭାରତୀୟ ଖେଳାଳି ଯାଇଥିଲାବେଳେ ଟିମ୍ ବସ୍‌ରେ ଏହି ଦୁଇ ଖେଳାଳି ନ ଥିଲେ। ଏହା ପରେ ସେମାନେ ଷ୍ଟାଡିୟମ୍‌କୁ ଆସିଥିଲେ ଓ ଅନ୍ୟ ଖେଳାଳିଙ୍କ ସହ ଅଭ୍ୟାସ କରିଥିଲେ। ଫାଇନାଲ ପୂର୍ବରୁ ଏହି ଦୁଇ ଖେଳାଳିଙ୍କ ଅଭ୍ୟାସ ଫାଇନାଲ ଲାଗି ଖୁବ୍ ଗୁରୁତ୍ୱ ରଖୁଛି। ଉଭୟ ଏହି ମ୍ୟାଚ୍‌କୁ ଗୁରୁତ୍ୱ ଦେଉଥିବାରୁ ଅଧିକ ଅଭ୍ୟାସ କରିଥିଲେ ବୋଲି କୁହାଯାଉଛି।

### କେଉଁଠି ଦେଖିବେ ଖେଳ

| | | |
|---|---|---|
| ଭେନ୍ୟୁ | : | ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍ |
| ଟିଭି ପ୍ରସାରଣ | : | ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮ |
| ମୋବାଇଲ ଆପ୍ | : | ଜିଓହଟ୍‌ଷ୍ଟାର |
| ଖେଳ ଆରମ୍ଭ | : | ଅପରାହ୍ଣ ୨ଟା ୩୦ |

### ଖେଳାଳି

**ଭାରତ :** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ୍, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ମହମ୍ମଦ ସାମି।

**ନ୍ୟୁଜିଲାଣ୍ଡ :** ମିଚେଲ ସାଣ୍ଟନର (ଅଧିନାୟକ), କେନ୍ ୱିଲିୟମସନ, ୱିଲ ୟଙ୍ଗ, ରାଚିନ ରବୀନ୍ଦ୍ର, ଡାରିଲ ମିଚେଲ, ମାଇକେଲ ବ୍ରେସ୍‌ୱେଲ, ଟମ୍ ଲାଥମ, ୱିଲ ଓ'ରୁର୍କ, ଗ୍ଲେନ୍ ଫିଲିପ୍ସ, ଜାକବ ଡଫି, ନାଥନ ସ୍ମିଥ୍, ମାର୍କ ଚାପମ୍ୟାନ, ଡେଭନ କନୱେ, ଲକି ଫର୍ଗୁସନ ଓ ମ୍ୟାଟ ହେନେରୀ।

**ମ୍ୟାଚ୍ ରେଫରୀ ଓ ଅମ୍ପାୟାର :** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିବେ ଫିଲ୍ଡ ଅମ୍ପାୟାର ପଲ ରିଫେଲ ଓ ରିଚାର୍ଡ ଇଲିଂୱର୍ଥ। ସେହିପରି ଜୋଏଲ ୱିଲସନ ତୃତୀୟ ଓ କୁମାର ଧର୍ମସେନା ଚତୁର୍ଥ ଅମ୍ପାୟାର ଦାୟିତ୍ୱ ସମ୍ଭାଳିବେ। ଶ୍ରୀଲଙ୍କାର ରଞ୍ଜନ ମଦୁଗଲେ ମ୍ୟାଚ୍ ରେଫରୀ ରହିବେ।

■ ୨୦୩୦ରେ ବିଶ୍ୱକପ୍‌ର ଶତବାର୍ଷିକୀ ଉତ୍ସବ

## ୬୪ ଦଳ ସାମିଲ କରିବ ଫିଫା

**ଜୁରିଚ୍,୮।୩(ଏଜେନ୍ସି):** ଏଥର ବିଶ୍ୱକପ୍‌ରେ ୬୪ଟି ଦଳ ସାମିଲ କରିବାକୁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ନିଷ୍ପତ୍ତି ନେଇଛି। ଫଳରେ ୨୦୩୦ ଫିଫା ବିଶ୍ୱକପ୍‌ରେ ୬୪ଟି ଦଳ ଖେଳିବା ନିଶ୍ଚିତ ହୋଇଛି। ୨୦୩୦ରେ ଫୁଟବଲ ବିଶ୍ୱକପ୍ ଆୟୋଜନର ଶତବାର୍ଷିକୀ ଉତ୍ସବ ଆୟୋଜନ ହେବ। ଅର୍ଥାତ ବିଶ୍ୱକପ୍ ଆୟୋଜନ ୧୦୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ଫିଫା ୨୦୩୦ରେ ୬୪ଟି ଦେଶକୁ ଖେଳାଇବାକୁ ନିଷ୍ପତ୍ତି ନେଇଛି। ଗତ ବୁଧବାର ଅନୁଷ୍ଠିତ ଫିଫା ବୋର୍ଡ ବୈଠକରେ ଏ ନେଇ ପ୍ରସ୍ତାବ ପାରିତ ହୋଇଥିଲା। ୨୦୩୦ ଫିଫା ବିଶ୍ୱକପ୍ ମରକ୍କୋ, ସ୍ପେନ ଓ ପର୍ତ୍ତୁଗାଲରେ ଆୟୋଜନ ହେବ। ତେବେ ଶତବାର୍ଷିକୀ ଉତ୍ସବ ପାଇଁ ଲାଟିନ ଆମେରିକାର ୩ ଫୁଟବଲ ପାୱାର ହାଉସ୍ ଆର୍ଜେଣ୍ଟିନା, ପାରାଗୁଏ ଓ ଉରୁଗୁଏରେ କେତୋଟି ମ୍ୟାଚ୍ ଖେଳାଯିବ। ଉଲ୍ଲେଖଥାଉ କି, କାନାଡା, ଆମେରିକା ଓ ମେକ୍ସିକୋରେ ଆୟୋଜନ ହେବାକୁ ଯାଉଥିବା ୨୦୨୬ ଫିଫା ବିଶ୍ୱକପ୍‌ରେ ଦଳ ସଂଖ୍ୟାକୁ ୩୨ରୁ ୪୮କୁ ବୃଦ୍ଧି କରାଯାଇଛି। ଫିଫା ଅଧ୍ୟକ୍ଷ ଜିଆନି ଇନଫାଣ୍ଟିନୋ ଏ ନେଇ ଘୋଷଣା କରିଛନ୍ତି।

## ନଭେମ୍ବର ୨୪ରୁ ପ୍ରଥମ ସୁଟିଂ ଲିଗ୍

**ନୂଆଦିଲ୍ଲୀ, ୮।୩ (ଏଜେନ୍ସି):** ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ନଭେମ୍ବର ୨୪ରୁ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ)ର ପ୍ରଥମ ସଂସ୍କରଣ ଆରମ୍ଭ ହେବ। ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଫଳରେ ଭାରତରେ ଫ୍ରାଞ୍ଚାଇଜଭିତ୍ତିକ ସୁଟିଂ ଲିଗ୍ ଆୟୋଜନ ନେଇ ଏନ୍‌ଆର୍‌ଏଆଇ ଯେଉଁ ଯୋଜନା ପ୍ରସ୍ତୁତି ଚଳାଇଥିଲା ତାହା ଶେଷରେ ରୂପାନ୍ତରିତ ହେବାକୁ ଯାଉଛି। ଏହି ପ୍ରତୀକ୍ଷିତ ଲିଗ୍‌କୁ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ଫେଡେରେସନ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିବା ସହ ପ୍ରତିବର୍ଷ ନଭେମ୍ବର-ଡିସେମ୍ବରରେ ଏହା ଆୟୋଜନ କରିବାକୁ ବିଶ୍ୱ କ୍ୟାଲେଣ୍ଡରରେ ସ୍ଥାନିତ କରିଛି। ପୂର୍ବରୁ ଏହି ଲିଗ୍ ଚଳିତ ମାର୍ଚ୍ଚରେ ଆୟୋଜିତ ହେବାର ଥିଲା। କିନ୍ତୁ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ ଏହାକୁ ଅନୁମତି ପ୍ରଦାନ ନେଇ ବିଳମ୍ବ ହେବାରୁ ଲିଗ୍ ଆୟୋଜିତ ହେବାରେ ବିଳମ୍ବିତ ହୋଇଛି।

### ମହିଳା ପ୍ରିମିୟର ଲିଗ୍: ଜର୍ଜିଆ ଭୋଲ୍‌ଙ୍କ ଅପରାଜିତ ୯୯

## ୟୁପିର ରେକର୍ଡ ସ୍କୋର; ବେଙ୍ଗାଲୁରୁ ବିଦା

**ଲକ୍ଷ୍ନୌ,୮।୩ (ଏଜେନ୍ସି):** ଜର୍ଜିଆ ଭୋଲଙ୍କ ଅପରାଜିତ ୯୯ ଓ ବୋଲରଙ୍କ ମିଳିତ ପ୍ରଦର୍ଶନ ବଳରେ ଏଠାରେ ଶନିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୮ତମ ମ୍ୟାଚ୍‌ରେ ୟୁପି ୱାରିୟର୍ଜ ୧୨ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ (୮ ମ୍ୟାଚ୍‌ରୁ ୧୦ ପଏଣ୍ଟ) ଓ ମୁମ୍ବାଇ ଇଣ୍ଡିଆନ୍ସ (୬ ମ୍ୟାଚ୍‌ରୁ ୮ ପଏଣ୍ଟ) ସହ ୟୁପି ୱାରିୟର୍ଜ (୮ ମ୍ୟାଚ୍‌ରେ ୧୦ ପଏଣ୍ଟ) ଚଳିତ ଡବ୍ଲ୍ୟୁପିଏଲ୍‌ର ନକ୍‌ଆଉଟରେ ପ୍ରବେଶ କରିଛି। ମୁମ୍ବାଇର ବାକିଥିବା ୨ଟି ଲିଗ୍ ମ୍ୟାଚ୍ ପରେ କେଉଁ ଦଳ ସିଧାସଳଖ ଫାଇନାଲ ଖେଳିବ ଓ ଅନ୍ୟ କେଉଁ ଦୁଇ ଦଳ ଏଲିମିନେଟରରେ ଖେଳିବେ ତାହା ସ୍ଥିର ହେବ। ଅନ୍ୟ ପକ୍ଷରେ ୭ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇଥିବା ବେଙ୍ଗାଲୁରୁ ଓ ୮ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇଥିବା ୟୁପି ୱାରିୟର୍ଜ ଏହି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ଜ ୫ ୱିକେଟରେ ୨୨୫ ରନ୍ କରି ଟୁର୍ଣ୍ଣାମେଣ୍ଟର ସର୍ବାଧିକ ଦଳଗତ ସ୍କୋର କରିଥିଲା। ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯.୩ ଓଭରରେ ୨୧୩ ରନ୍ କରି ଅଳ୍ପକେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ରିଚା ଘୋଷ ୩୩ ବଲ୍‌ରେ ୬ ଚୌକା ଓ ୫ଛକା ସହ ୬୯, ସ୍ନେହ ରାଣା ୬ ବଲ୍‌ରେ ୨ ଚୌକା ଓ ୩ ଛକା ସହ ୨୬ ରନ୍ କରିଥିଲେ ମଧ୍ୟ ବେଙ୍ଗାଲୁରୁ ବିଜୟଠାରୁ ୧୨ ରନ୍ ଦୂରରେ ରହିଯାଇଥିଲା। ବିଜୟୀ ୟୁପି ପକ୍ଷରୁ ସୋଫି ଇକ୍ଲେଷ୍ଟୋନ୍ ଓ ଅଧିନାୟିକା ଦୀପ୍ତି ଶର୍ମା ୩ଟି ଲେଖାଏଁ, ଚିନେଲୀ ହେନରୀ ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ୟୁପି ୱାରିୟର୍ଜ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ଦୁଇ ଓପନର ଗ୍ରେସ୍ ହାରିସ୍ ଓ ଜର୍ଜିଆ ଭୋଲ ପ୍ରଥମ ୱିକେଟରେ ୭ ଓଭରରେ ୭୭ ରନ୍ ଉଠାଇ ଦମ୍‌ଦାର ଆରମ୍ଭ କରିଥିଲେ। ୮ମ ଓଭରର ପ୍ରଥମ ବଲ୍‌ରେ ହାରିସ୍ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ଦୃଢ଼ତାର ସହ ବ୍ୟାଟିଂ କରୁଥିବା ଭୋଲଙ୍କୁ କିରଣ ନାଭଗିରେଙ୍କ ରୂପରେ ଆଉ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୩୧ ବଲ୍‌ରୁ ଉଠାଇଥିଲେ ୭୧ ରନ୍। କିରଣ ଧୂଆଁଧାର ବ୍ୟାଟିଂ କରି ୧୬ ବଲ୍‌ରୁ ୨ ଚୌକା ଓ ୫ ଛକା ସହାୟତାରେ ୪୬ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଆଉଟ କ୍ରିଜ୍‌ରେ ଥିବା ଭୋଲ୍‌ଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ସେ ତୃତୀୟ ୱିକେଟରେ ଚିନେଲୀ ହେନରୀ (୧୯)ଙ୍କ ସହ ୨୫ ବଲ୍‌ରୁ ୪୩ ଓ ଚତୁର୍ଥ ୱିକେଟରେ ସୋଫି ଇକ୍ଲେଷ୍ଟୋନ୍ (୧୩)ଙ୍କ ସହ ୧୯ ବଲ୍‌ରୁ ୩୨ ରନ୍ ଉଠାଇ ୟୁପି ୱାରିୟର୍ଜକୁ ୫ ୱିକେଟରେ ୨୨୫ ରନ୍‌ରେ ପହଞ୍ଚାଇଥିଲେ। ମହିଳା ପ୍ରିମିୟର ଲିଗ୍‌ରେ ଏହା ସର୍ବାଧିକ ଦଳଗତ ସ୍କୋରର ରେକର୍ଡ ହୋଇଥିଲା। ପୂର୍ବରୁ ଏହି ରେକର୍ଡ ଦିଲ୍ଲୀ କ୍ୟାପିଟାଲ୍ସ ନାମରେ ଥିଲା। ୨୦୨୩ ସଂସ୍କରଣରେ ଏହି ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ ୨ ୱିକେଟରେ ୨୨୩ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଥିଲା। ୟୁପିକୁ ରେକର୍ଡ ସ୍କୋରରେ ପହଞ୍ଚାଇଥିଲେ ମଧ୍ୟ ଅଷ୍ଟ୍ରେଲିଆର ଏହି ଯୁବ ଖେଳାଳି ଭୋଲ୍ ଡବ୍ଲ୍ୟୁପିଏଲ୍‌ରେ ପ୍ରଥମ ଶତକ ହାସଲ କରି ପାରି ନ ଥିଲେ। ଭୋଲ୍‌ଙ୍କୁ ଶତକ ପୂରଣ ଲାଗି ଶେଷ ବଲ୍‌ରେ ୨ ରନ୍ ଆବଶ୍ୟକ ହେଉଥିଲାବେଳେ ସେ ଏକ ରନ୍ କରିଥିଲେ। ଯାହା ଫଳରେ ସେ ୫୬ ବଲରୁ ୧୭ ଚୌକା ଓ ୧ଛକା ସହ ୯୯ ରନ୍‌ରେ ଅପରାଜିତ ରହିଥିଲେ। ମହିଳା ପ୍ରିମିୟର ଲିଗ୍‌ରେ ଏହା ଯୁଗ୍ମ ସର୍ବାଧିକ ସ୍କୋର। ପୂର୍ବରୁ ସୋଫି ଡିଭାଇନ୍ ଗୁଜରାଟ ବିପକ୍ଷରେ ୯୯ ରନ୍ କରି ଏହି ରେକର୍ଡର ଅଧିକାରିଣୀ ଥିଲେ। ବେଙ୍ଗାଲୁରୁ ପକ୍ଷରୁ ଜର୍ଜିଆ ୱେୟାରହାମ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS